Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୩୦ ଗ । ସଂ ୪୫ ସଂଖ୍ୟା । ତା ୨୩ ଏଣ ମାହେ ନଭେମ୍ବର ସନ ୧୮୯୪ ମସିହା । ମୂ । ବ ୧ ନ ମାର୍ଗଶିର ଶକ ୧୩୦୩ ସାଲ ଶନିବାର ।
ଅଗ୍ରିମ ଟ ୩ ୧ । ପଶ୍ଚାଦ୍ଦେୟ ଟ ୭ ୧

ମାନ୍ୟବର ବଙ୍ଗୀୟ ଲେଫ୍ଟେନାଣ୍ଟ ସର ଇଲିୟଟ ବାହାଦୁର ଗତ ବୁଧବାର ଦାର୍ଜିଲିଂକୁ ଯାତ୍ରା କରି ତହିଁ ପରଦିନ ଶୁକ୍ରବାର କଲିକତାରେ ପହୁଞ୍ଚି ଅଛନ୍ତି । ଆଉ ଦୁଇସପ୍ତାହ ଉତ୍ତାରୁ ସେ କାର୍ଯ୍ୟ ତ୍ୟାଗ କରି ବିଲାତ ଯାତ୍ରା କରିବେ ।

---

ଆଗାମୀ ମାସ ଶେଷ ସପ୍ତାହରେ ଜାତୀୟ ମହାସମିତିର ଅଧିବେଶନ ହେବ । ବୈଠକର ସ୍ଥାନ ପୁନାନଗର । ସେଠାରେ ମହା ଆଡ଼ମ୍ବର ସହିତ ଆୟୋଜନ ହେଉଅଛି । କଲିକତାର ମାନ୍ୟବର ବାବୁ ସୁରେନ୍ଦ୍ରନାଥ ବାନୁର୍ଯ୍ୟା ଏହି ଅଧିବେଶନର ସଭାପତି ବରିତ ହୋଇଅଛନ୍ତି ।

—୦—

ମହୁମାଛି, ବିଛୁଆ ପ୍ରଭୃତି ଦଂଶନର ଉତ୍କୃଷ୍ଟ ଔଷଧ ବହୁଆତ ଅଟେ । ମାଛି ବିନ୍ଧିବା ସ୍ଥାନରେ ବହୁଆତପତ୍ର ଲଗାଇଦେଲେ ଏକ ମିନିଟ ମଧ୍ୟରେ ସମସ୍ତ ଯନ୍ତ୍ରଣା ଶାନ୍ତ ହୋଇଯାଏ । ମାଙ୍କଡ଼ମାନଙ୍କୁ ମହୁମାଛି ବା ବିଛୁଆ ବିନ୍ଧିଲେ ସେମାନେ ବହୁଆତଗଛପାଖକୁ ଦୌଡ଼ିଯାଇ ଔଷଧ ଲଗାଇବାର ଦେଖି ଶିବପୁର କୂଲର ପଣ୍ଡିତ ମହାଶୟ ସ୍ୱୟଂ ଔଷଧର ଗୁଣ ଜାଣିଅଛନ୍ତି ।

---

ଅମ୍ଭେମାନେ ଆନନ୍ଦର ସହିତ ଇଣ୍ଡିୟାଗେଜେଟରେ ପାଠ କଲୁଁ ଯେ ମହାମାନ୍ୟ ଗବର୍ଣ୍ଣର ଜେନେରଲ୍ ବାହାଦୁର ଭାରତର ଷ୍ଟେଟସେକ୍ରେଟରୀଙ୍କ ମଞ୍ଜୁରୀକ୍ରମେ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କୁ ଅନୁମତି ଦେଇଅଛନ୍ତି ଯେ ଏଦେଶୀୟ ଲୋକଙ୍କ ମଧ୍ୟରେ ଯେ କେହି ପ୍ରଦେଶୀୟ ସିଭିଲସର୍ଭିସର ମେମ୍ବରସ୍ୱରୂପ ସବ୍‌ଜଜ ପଦରେ ନିଯୁକ୍ତ ଥାଇ ଯୋଗ୍ୟତାର ପରିଚୟ ଦେବେ ତାହାକୁ ଆସିଷ୍ଟାଣ୍ଟ ସେସନ ଜଜ ନିଯୁକ୍ତ କରିବେ ।

---

କାବୁଲର ଅମିର ସ୍ୱତ୍ତ୍ୱ ସର୍ଦ୍ଦାର ନାସରଉଲାଖାନ୍ ବିଲାତରୁ ଫେରି ଆସି କାନ୍ଦାହାରରେ ଅଛନ୍ତି । ଏକ ଭାରସମ୍ବାଦରେ ଲେଖା ଅଛି ଅମିର ତାହାଙ୍କ ଉପରେ ବିରକ୍ତ ହୋଇ ଅବଧି କାବୁଲକୁ ଯିବାର ଅନୁମତି ଦେଇ ନାହାନ୍ତି । ବିରକ୍ତ ହେବାର କାରଣ ଏହିକି ସେ ବିଲାତରେ କାବୁଲର ଜଣେ ପ୍ରତିନିଧି ରହିବାର ବନ୍ଦୋବସ୍ତ କରି ପାରିଲେ ନାହିଁ । ସରଦାର କାବୁଲାଧିପତିଙ୍କର ଏହି ପ୍ରାର୍ଥନା ଶ୍ରୀମତୀ ମହାରାଣୀଙ୍କୁ ଜଣାଇଥିଲେ ମାତ୍ର ସେ ଯେବେ ଅସ୍ୱୀକାର କଲେ ତେବେ ସ୍ୱତ୍ତ୍ୱଙ୍କର କି ଦୋଷ ହେଲା ?

---

ସାନ୍ତାଳମାନେ ଏ ପ୍ରଦେଶର ବନ୍ୟ ପ୍ରକୃତି ବଣୁଆ ଲୋକଙ୍କ ପରି ଅତ୍ୟନ୍ତ ମଦ୍ୟପ୍ରିୟ । ସରକାର ଯେତେ କଟକଣା କଲେ ମଧ୍ୟ ସେମାନେ ଘରେ ମଦ ପ୍ରସ୍ତୁତ କରିବାରୁ କ୍ଷାନ୍ତ ହେବା ଲୋକେ ଥାଉ କେତେକ ମଦଗ୍ଗଧାନ ଭାଟି ସ୍ଥାପନ କରୁଅଛନ୍ତି । ଅଣ୍ଡାରୁ କେହି ଲୋକ ଉପରେ ଘରେ ମଦ ପ୍ରସ୍ତୁତ କରିବା ଅପରାଧର ଅର୍ଥଦଣ୍ଡ ହେଲେ ସମସ୍ତ ଅଣ୍ଡାଧାରୀମାନେ ଚେନ୍ଦା କରି ଅର୍ଥଦଣ୍ଡ ଆଦାୟ କରନ୍ତି । ବଙ୍ଗୀୟ ରେଭିନ୍ୟୁ ବୋରଡ ଏମାନଙ୍କ ଦମନ ସକାଶେ ଅବକାରୀ ଆଇନ ସଂଶୋଧନ କରିବା ଉଦ୍ଦେଶରେ ଗୋଟିଏ ପାଣ୍ଡୁଲିପି ପ୍ରସ୍ତୁତ କରୁଅଛନ୍ତି । ବଣୁଆମାନଙ୍କର ଜାତୀୟ ଚେତନକୁ ଧନ୍ୟ ।

---

ଜାତୀୟ ମହାସମିତିର ଅଧିବେଶନ ଉତ୍ତାରୁ ସେହି ମଣ୍ଡପରେ କେତେକ ବର୍ଷ ହେଲା ଗୋଟିଏ ସାମାଜିକ ସମିତି ବସୁଥିଲା । ସାମାଜିକ ବ୍ୟାପାରରେ ଜାତୀୟ ସମିତିର କୌଣସି ସଂଯୋଗ ବା ସମ୍ପର୍କ ନ ଥିଲେହେଁ ଏକ ମଣ୍ଡପରେ ଦୁଇ ସମିତିର ଅଧିବେଶନ ଏକ ପରେ ଏକ ହେବାରୁ ଲୋକଙ୍କର ଭ୍ରମ ହୋଇପାରେ ଯେ ଉଭୟ ସମିତି ମଧ୍ୟରେ କୌଣସି ପ୍ରକାରଯୋଗ ଅଛି ଏହି କାରଣରେ ଶ୍ରୀଯୁକ୍ତ ତିଲକ ସାହେବ ଆପତ୍ତି କରିବାରୁ ପୁନା ନଗରରେ ଘୋର ଗଣ୍ଡଗୋଳ ଲାଗି ମହାସମିତିର କାର୍ଯ୍ୟରେ ବ୍ୟାଘାତ ଘଟିବାର ଭୟ ହୋଇଥିଲା । ପ୍ରକୃତ ବିଷୟ ଯେ ସମସ୍ତ ଗୋଳମାଳ ଚାଲିଯାଇ

Digitized by srujanika@gmail.com

ମହାସମିତିର କାର୍ଯ୍ୟ ଅଗ୍ରସର ହେଉଅଛି । ବାସ୍ତବରେ ସାମାଜିକ ସମିତି ମହାସମିତିଠାରୁ ସଂମ୍ପୂର୍ଣ୍ଣରୂପେ ପୃଥକ୍ ରହିବା ଭଲ ।

---

ଗତମାସ ତା ୧୩ ରିଖର ଓଡ଼ିଆ ଓ ନବସମ୍ବାଦରେ ବଙ୍ଗୀୟ ସମାଜ ଓ ଶ୍ରୀମତୀ ଭୁବ-ଶିର୍ଷକ ଗୋଟିଏ ପ୍ରବନ୍ଧ ପ୍ରକାଶ ହୋଇଅଛି । ଯହିଁର ମର୍ମ ଏହିକି ଶ୍ରୀମତୀ ଭୁବ ନ. ଯେ ଜଣେ ବଙ୍ଗୀୟ ରମଣୀ ଅଟନ୍ତି ସ୍ୱଦେଶର ସାମାଜିକ ଅବସ୍ଥା ଉତ୍ତମରୂପେ ଅନୁସନ୍ଧାନ ଓ ଅନ୍ଦୋଳନା କରି ସିଦ୍ଧାନ୍ତ କରଅଛନ୍ତି ଯେ ଜାରଜ ସନ୍ତାନ ବୃଦ୍ଧିର ପ୍ରଧାନ କାରଣ ବହୁସ୍ତ୍ରୀ ବିବାହ ଅଟେ ଏବଂ ବାଲ୍ୟବିବାହଦ୍ୱାରା ଜାରଜ ଜନ୍ମ ଏବଂ ବେଶ୍ୟାବୃତ୍ତି ଅନେକ ଗୁଣା ହୁଅଇ । ଅବଶ୍ୟ ବାଲ୍ୟବିବାହ ଅର୍ଥ ଦୁଇ ଶୃଗବର୍ଷର ବାଳିକାର ବିବାହ ନ ହୋଇ ବିବାହର ଯୋଗ୍ୟ ବା ତହିଁର କିଛି ପୂର୍ବର ବୟସ ବୁଝିବାକୁ ହେବ । ନବ୍ୟସମାଜ ସଂସ୍କାରକମାନେ ଏ ବିଷୟ ମନୋଯୋଗପୂର୍ବକ ଚିନ୍ତା କଲେ ପ୍ରାଚୀନ ହିନ୍ଦୁଶାସ୍ତ୍ରକାରଙ୍କ ବିଧାନର ସଦୁଦ୍ଦେଶ୍ୟ ବୁଝିପାରିବେ ।

---

ଚୀନ ଆପଣାର ପୂର୍ବ ଗୌରବରେ ଗର୍ବିତ ହୋଇ ଏତେକାଳ ମନେ କରୁଥିଲେ ଯେ ପୃଥିବୀରେ ତାହାଙ୍କ ସମାନ କେହି ନାହିଁ । ଜାପାନ ଯୁଦ୍ଧରେ ବହୁତର ଅପମାନିତ ହୋଇ ଚୀନର ସେ ଅହଙ୍କାର ଭାଙ୍ଗି ଯାଇଅଛି ଏବଂ ଆପଣାର ଦୁର୍ବଳତାର ପ୍ରତିକାର କରିବାକୁ ଯତ୍ନବାନ୍ ହୋଇ ଅଛନ୍ତି । ଚୀନ ଗବର୍ଣ୍ଣମେଣ୍ଟ ବର୍ତ୍ତମାନ ଚୀନଯୁବକମାନଙ୍କୁ ଯୁଦ୍ଧବିଦ୍ୟା ଶିକ୍ଷାଦେବା ଉଦ୍ଦେଶ୍ୟରେ ନ ୧୨୫ ଣ ସୈନିକ କର୍ମଚାରୀଙ୍କୁ ଇଉରୋପକୁ ପଠାଉଅଛନ୍ତି ଯେ ସେମାନେ ତିନିବର୍ଷକାଳ ରୁଷିଆର ସୈନ୍ୟଦଳମାନଙ୍କ ସଙ୍ଗେ ରହି ରଣ କୌଶଳ ଶିକ୍ଷା କରିବେ । ଏପରି ରୁଷିଆର ସୈନିକବିଦ୍ୟାଳୟରେ ଯୁଦ୍ଧବିଦ୍ୟା ଶିକ୍ଷା କରିବା କାରଣ ଅଧିକ ନ ୫୦ ଣ ଚୀନ ସୈନିକ କର୍ମଚାରୀ ପଠାଇବାର ବନ୍ଦୋବସ୍ତ ହୋଇଅଛି । ରୁଷିଆର ସମ୍ରାଟ ଏହି ଦୁଇବିଷୟରେ ସମ୍ମତି ପ୍ରଦାନ କରିଅଛନ୍ତି । ରୁଷିଆ ସଙ୍ଗେ ଚୀନର ନୂତନ ବନ୍ଧୁତାର ଏହି ଶୁଭଫଳ ସାମାନ୍ୟ ନୁହେ ।

---

ସମ୍ବଲପୁର ହିତୈଷିଣୀରେ ପାଠକଙ୍କ ର ମଧ୍ୟ ପ୍ରଦେଶର ଫିଉଡେଟରୀ ରାଜ୍ୟ ସମ୍ବନ୍ଧ ସନ ୧୮୯୪ ସାଲର ବାର୍ଷିକ ବିବରଣ ସମ୍ବନ୍ଧରେ ମହାମାନ୍ୟ ଚିଫ୍ କମିଶନର ବାହାଦୂରଙ୍କର ଯେଉଁ ମନ୍ତବ୍ୟ ପ୍ରକାଶିତ ହୋଇଅଛି ତହିଁରେ ଲେଖାଅଛି ଯେ "ପାଟଣା, କଳାହାଣ୍ଡି ସୋନପୁର, ରେଢାଖୋଲ ଏବଂ ନନ୍ଦଗାଁର ରାଜାମାନେ ଦେୱାନମାନଙ୍କର ସାଧାରଣ ଉପଦେଶାଧୀନରେ ଅଛନ୍ତି ମାତ୍ର ସେମାନଙ୍କର ଶାସନ ଅଧିକ ସରଳ ଏବଂ ପ୍ରଶସ୍ତ ହେବାରୁ ଉପଦେଶ ଓ ହସ୍ତକ୍ଷେପର ଆବଶ୍ୟକତା ଉଣା ପଡିବାର ଦେଖି ଚିଫ୍ କମିଶନର ସାହେବ ଆନନ୍ଦିତ ହୋଇଅଛନ୍ତି । ସାହାଯ୍ୟ ଅପ୍ରାପ୍ତ ଦେଶୀୟ ରାଜ୍ୟମାନଙ୍କ ମଧ୍ୟରେ ଭୂତକାର୍ଯ୍ୟର ବିଶେଷ ଉନ୍ନତି ସୁଖ କାମଗ୍ରୀ ହୋଇଅଛି । ଅଦ୍ୟାପି ମଧ୍ୟପ୍ରଦେଶର ଫିଉଡେଟରୀ ଚିଫ୍‌ମାନେ ପାଇ ନ ଥିବା ସେ, ସି, ଅଇ, ଇ, ଉପାଧିରେ କାମଣ୍ଡାର ଚିଫ୍ ଭୂଷିତ ହୋଇ ସମ୍ବଲପୁରର ଅହର୍ଣ୍ଣ ପ୍ରିୟ ହୋଇଅଛନ୍ତି ।"

---

ଏବର୍ଷ ଏନଗରରେ କାର୍ତ୍ତିକପୂଜାର ସମାରୋହ ଦେଖାଗଲା । ସର୍ବସ୍ୱଦା ଖାଲିମେଢ଼ ମଧ୍ୟରେ ଶ୍ରୀଯୁକ୍ତ ବୈଦ୍ୟନାଥ ପଣ୍ଡିତ ରାୟ ବାହାଦୂରଙ୍କ ମେଢ଼ର ସାଜ ସଜ୍ଜା ଓ ପ୍ରତିମାମାନ ଅତ୍ୟନ୍ତ ଉତ୍କୃଷ୍ଟ ହୋଇଥିଲା । ପୂଜା ସମୟରେ ସେଠାରେ ନାଚ ମଜଲିସ ଓ ନାନାପ୍ରକାର ଆତସବାଜି ପୋଡ଼ା ହେବାର ଦେଖି ଦର୍ଶକ ମଣ୍ଡଳୀ ଅନନ୍ଦ ଉପଭୋଗ କରିଥିଲେ ।

ଶ୍ରୀଯୁକ୍ତ ବାବୁ ରଜନୀଭୂଷଣ ପଣ୍ଡିତ ପ୍ରଭୃତି ନବୀନ ଜମିଦାର ବଣିକବୃନ୍ଦଙ୍କ ଯୋଗେ ମିଳିତ ହୋଇ ବହୁତ ସାହସ ପୂର୍ବକ ବୁଢ଼ାରାଜାଙ୍କ କାର୍ତ୍ତିକେୟ ଓ ସରସ୍ୱତୀ ଲକ୍ଷ୍ମୀ ପ୍ରଭୃତି ୮ ଗୋଟି ପ୍ରତିମା ସ୍ଥାପନ କରି ଯେରୂପ କୃତକାର୍ଯ୍ୟ ହୋଇଥିଲେ ତାହା ଆଶ୍ଚର୍ଯ୍ୟ ମଣିବାକୁ ହେବ । ପ୍ରଥମ ଉଦ୍ୟମରେ ଏତେଦୂର କାର୍ଯ୍ୟ କରିବା ସାମାନ୍ୟ କଥା ନୁହଇ ଏଥିପାଇଁ ସେ ବିଶେଷ ପ୍ରଶଂସାର ଯୋଗ୍ୟ ଅଟନ୍ତି ।

ବିନୋଦ ବିହାରୀର ପ୍ରତିମା ଓ ମେଢ଼ ସୁନ୍ଦର ହୋଇଥିଲା । ଦକ୍ଷିଣ ପାଡ଼ାରେ ସ୍ୱର୍ଗୀୟ ମନୋହରଙ୍କର ପ୍ରତିମା ମେଢ଼ ସହିତ ବିଶେଷ ଶୋଭାକର ଥିଲା ଏବଂ ଦର୍ଶକଙ୍କର ଚିତ୍ତ ଆକୃଷ୍ଟ ହୋଇଥିଲା

---

ଉତ୍କଳ ମଙ୍ଗଳାର ପ୍ରଣେତ ବଙ୍ଗବାସୀଙ୍କ ଆଇନ ସଂଶୋଧନ ସମ୍ବନ୍ଧୀୟ ପାଣ୍ଡୁଲିପି ବ ଯାହା! ବର୍ତ୍ତମାନ ଭାରତୀୟ ବ୍ୟବସ୍ଥାପକ ସଭାରେ ଉପସ୍ଥିତ ଅଛି ଏବଂ ଯହିଁର ଆନ୍ଦୋଳନ ବଙ୍ଗଳାର ପ୍ରାୟ ସମସ୍ତ ଜିଲ୍ଲାରେ ହୋଇଅଛି ତହିଁର ବେଶ ପ୍ରତିବାଦ କରିବା କାରଣ ଗତ ଶନିବାର କଲିକତା ଟାଉନ ହଲ ଅଟ୍ଟାଳିକାରେ ଏକ ବୃହତ୍ସଭା ହୋଇଥିଲା । ବଙ୍ଗଦେଶର ଅଧୀନ ୪୪ ଜିଲ୍ଲା ମଧ୍ୟରୁ ୩୫ ଜିଲ୍ଲା ଏହି ସଭାରେ ଯୋଗ ଦେଇ ପ୍ରତିନିଧିମାନ ପଠାଇଥିଲେ । ମୋଫସଲ ଏବଂ କଲିକତାର ଉଚ୍ଚ ଅଦାଲତରୁ ସର୍ବସୁଦ୍ଧା ନ ୧୨୫ ଣ ପ୍ରତିନିଧି ଉପଗତ ହୋଇଥିଲେ ଏବଂ ଏଥି ଉପରେ ଅନ୍ୟୂନ କେତେ ଶତ ଶ୍ରୋତା ଲୋକ ଉପସ୍ଥିତ ଥିଲେ । ମାନ୍ୟବର ରାସ୍ୱ ଇଶାନଙ୍କ ମିଶ୍ର ସଭାପତିର ଆସନ ଗ୍ରହଣପୂର୍ବକ କାର୍ଯ୍ୟାରମ୍ଭ କଲାରୁ ପ୍ରସ୍ତାବମାନ ଉପସ୍ଥିତ ହୋଇ ଧାର୍ଯ୍ୟ ହେଲା ଯେ ପ୍ରସ୍ତାବିତ ପାଣ୍ଡୁଲିପିର ମୋକଦ୍ଦମା ଦାଖଲ କରାଣ କରିବାକୁ ଯାଇ ଉକିଲମାନଙ୍କ ସ୍ୱାଧୀନତା ହରଣ କରୁଅଛି ଏବଂ ପ୍ରମାଣର ଭାର ନିତାନ୍ତ ଅନ୍ୟାୟରୂପେ ଉକିଲଙ୍କ ଉପରେ ପକାଇ ଦେଉଅଛି । ଅତଏବ ଏ ବିଷୟର ଆବେଦନପତ୍ର ସଭାପତି ମହାଶୟ ଆପଣା ସ୍ୱାକ୍ଷରରେ ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କ ସମୀପରେ ଉପସ୍ଥିତ କରିବେ । ଅମ୍ଭେମାନେ ଆଶା କରୁ ଯେ ଗବର୍ଣ୍ଣମେଣ୍ଟ ସଭାର ସମ୍ପୂର୍ଣ୍ଣ ଯୁକ୍ତିସଙ୍ଗତ ଆପତ୍ତିର ସୁବିଚାର କରିବେ ।

---

ଓଡ଼ିଶା ସ୍କୁଲସମିତିର ସମ୍ପାଦକ ଘୋଷଣା ଦେଇଅଛନ୍ତି ଯେ ସନ ୧୮୯୫।୯୬ ସାଲର ପ୍ରଥମ ଓ ଦ୍ୱିତୀୟ ପରୀକ୍ଷା ସନ ୧୮୯୬ ସାଲ ଫେବୃଏରୀମାସରେ କଟକ କେନ୍ଦ୍ରାପଡ଼ା ଯାଜପୁର ଢେଙ୍କାନାଳ କେନ୍ଦ୍ରମାନଙ୍କରେ ଗୃହୀତ ହେବ । ସେହିମାସ ତା ୩ ରିଖରେ ପରୀକ୍ଷା ଆରମ୍ଭ ହୋଇ ଦୁଇ ଦିନରେ ଶେଷ ହେବ । ସ୍କୁଲର ଶିକ୍ଷକମାନେ ଯେଉଁ ଛାତ୍ରମାନଙ୍କୁ ପରୀକ୍ଷାକୁ ପଠାଇବେ ସେମାନଙ୍କର ନାମ ଧାମ ଇତ୍ୟାଦି ନିର୍ଦ୍ଦିଷ୍ଟ ଫାର୍ମରେ ଲେଖି ଆଗାମୀ ଡିସେମ୍ବରମାସ ତା ୧ ରିଖ ଜମା ତହିଁ ପୂର୍ବ ସମିତିର ସମ୍ପାଦକଙ୍କ ନିକଟକୁ ପଠାଇବେ । ସମ୍ପାଦକ ଜମା ଦେବାର ସମ୍ପାଦକ ସେହି ଫାରମ ପାଇଁ ଅନୁମତିପତ୍ର ଶିକ୍ଷକଙ୍କ ନିକଟକୁ ପଠାଇବେ ସେହି ଅନୁମତିପତ୍ର ଦେ-

Digitized by srujanika@gmail.com

ଯାଇ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ହୋଇ ପାରିବେ ।

ନିମ୍ନଲିଖିତ ଭଦ୍ରବ୍ୟକ୍ତିମାନେ ସେମାନଙ୍କ ନାମର ପାର୍ଶ୍ୱ ଲିଖିତ ବିଷୟମାନଙ୍କର ପରୀକ୍ଷକ ନିଯୁକ୍ତ ହେଲେ । ଯଥା;—

ପ୍ରଥମ ପରୀକ୍ଷା ।

| ପରୀକ୍ଷକମାନଙ୍କ ନାମ | ପରୀକ୍ଷାର ବିଷୟ । | |
|---|---|---|
| ପଣ୍ଡିତ ଶ୍ରୀ କୃତ୍ତିବାସ ଶତପଥୀ | ସାହିତ୍ୟ | ୧ମ ଦିବସ |
| " ବିଶ୍ୱନାଥ ଶତପଥୀ | ବ୍ୟାକରଣ | " |
| " ପୁରୁଷୋତ୍ତମ ତର୍କାଲଙ୍କାର | ନ୍ୟାୟ | " |
| " ନାରାୟଣ ମିଶ୍ର | ସାହିତ୍ୟ | ୨ୟ ଦିବସ |
| " ବିଶ୍ୱନାଥ ଶତପଥୀ | ବ୍ୟାକରଣ | " |
| " ପୁରୁଷୋତ୍ତମ ତର୍କାଲଙ୍କାର | ନ୍ୟାୟ | " |

ଦ୍ୱିତୀୟ ପରୀକ୍ଷା ।

| ପରୀକ୍ଷକମାନଙ୍କ ନାମ | ପରୀକ୍ଷାର ବିଷୟ । | |
|---|---|---|
| ପଣ୍ଡିତ ଶ୍ରୀ କୃତ୍ତିବାସ ଶତପଥୀ | ସାହିତ୍ୟ | ୧ମ ଦିବସ |
| " ବିଶ୍ୱନାଥ ଶତପଥୀ | ବ୍ୟାକରଣ | " |
| " ପୁରୁଷୋତ୍ତମ ତର୍କାଲଙ୍କାର | ନ୍ୟାୟ | " |
| " ନାରାୟଣ ମିଶ୍ର | ସାହିତ୍ୟ | ୨ୟ ଦିବସ |
| " ବିଶ୍ୱନାଥ ଶତପଥୀ | ବ୍ୟାକରଣ | " |
| " ପୁରୁଷୋତ୍ତମ ତର୍କାଲଙ୍କାର | ନ୍ୟାୟ | " |

ପରୀକ୍ଷାର୍ଥୀମାନେ ବାଟଖରଚ ଦୁଇଟଙ୍କା ଲେଖାଏଁ ପାଇବେ । ସେମାନଙ୍କୁ ଏବଂ ସେମାନଙ୍କ ଶିକ୍ଷକଙ୍କୁ ପୁରସ୍କାର ଦିଆଯିବା ବିଷୟ ପରୀକ୍ଷାର ଫଳ ଦେଖି ପଶ୍ଚାତ୍ ବିବେଚିତ ହେବ । ମାତ୍ର ଯେଉଁ ଛାତ୍ର ଯେଉଁ ଟୋଲରୁ ପରୀକ୍ଷା ଦେବ ସେହି ଟୋଲରେ ପରୀକ୍ଷା ପୂର୍ବ ଅବିଚ୍ଛିନ୍ନରୂପେ ମା ୧୨ ସ ପଢ଼ି ନ ଥିଲେ ସ୍ୱୟଂ ପୁରସ୍କାର ପାଇପାରିବେ ମାତ୍ର ତାହାଙ୍କ ଶିକ୍ଷକ ପୁରସ୍କାର ପାଇବେ ନାହିଁ ।

---

## ଓଡ଼ିଶାର ଗତ ବାର୍ଷିକ ବିବରଣ ।

ଓଡ଼ିଶାର ଶିଳ୍ପ ଓ ଖଣିଜାତଦ୍ରବ୍ୟସମ୍ବନ୍ଧରେ ଶ୍ରୀଯୁକ୍ତ କମିଶନର ସାହେବ ଲେଖିଅଛନ୍ତି କି ଏ ବିଭାଗରେ କୌଣସି ଖଣି ନାହିଁ । ଶିଳ୍ପକାର୍ଯ୍ୟ ମଧ୍ୟରେ କଟକନଗରର ରୂପାର ତାରକସି-କାର୍ଯ୍ୟ ଭିନ୍ନ ଆଉ କିଛି ନାହିଁ ବୋଲିବା ଅତ୍ୟୁକ୍ତି ନୁହଇ କାରଣ କପା ଲୁଗା କଂସା ପିତ୍ତଳ ବାସନ, କାଗଜ, ଚମ୍ପାଖ ଇତ୍ୟାଦି ଯାହା ହୁଏ ତାହା କେବଳ ସ୍ଥାନୀୟ ଖରଚ ନିମନ୍ତେ ଏବଂ ବିଲାତି ଓ କଳଜାତ ଦ୍ରବ୍ୟର ପ୍ରତିଯୋଗିତାରୁ କ୍ରମଶଃ ଊଣା ହେଉଅଛି, ଲବଣ ଓଡ଼ିଶାର ଗୋଟିଏ ପ୍ରଧାନ ବ୍ୟବସାୟ ଥିଲା ଏବଂ ତଦ୍ଦ୍ୱାରା ଅନେକ ଶ୍ରମଜୀବି ପ୍ରତିପାଳିତ ହେଉଥିଲେ । ସେ ବ୍ୟବସାୟ ରକ୍ଷା କରିବାର ସମୁଚିତ ବ୍ୟବସ୍ଥା ନ ହେବାରୁ ବିଲାତି ଓ ମାନ୍ଦ୍ରାଜୀ ଲୁଣ ସ୍ଥାନୀୟ ଲୁଣର ସ୍ଥାନ ଅଧିକାର କରିଅଛି । ସାହେବ ମହୋଦୟ ଗୋଟିଏ ହିସାବ ପ୍ରସ୍ତୁତ କରି ଦେଖାଇଅଛନ୍ତି କି ଏ ବିଭାଗର ଲବଣ ମହଲୁମା ବଙ୍ଗଳା ଅଧୀନ ଥିବା ସମୟରେ ଯେତେ ଲବଣ ପ୍ରସ୍ତୁତ ଓ ଖଜଣା ଆଦାୟ ହେଉଥିଲା ମାନ୍ଦ୍ରାଜ ଅଧୀନକୁ ଯିବାରୁ ବିଶେଷ ଊଣା ହୋଇ ଅଛି ଏବଂ ତହିଁର ଏହିକାରଣ ଦର୍ଶାଇଅଛନ୍ତି କି ମାନ୍ଦ୍ରାଜର ହାକିମମାନେ ଭ୍ରମରେ ପଡ଼ିଅଛନ୍ତି । ସେମାନେ ମାନ୍ଦ୍ରାଜ ଏବଂ ଓଡ଼ିଶାବାସିଙ୍କର ପ୍ରାକୃତିକ ଅବସ୍ଥାର ବିଚାର ନ କରି କହୁଥିଲେ କି ମାନ୍ଦ୍ରାଜର ଲୋକ ଜଣପ୍ରତି ବର୍ଷକୁ ପା ୧୬-ଉଣ୍ଡ ଲୁଣ ଖାଉଥିବା ପ୍ରତ୍ୟକ୍ଷେ ଓଡ଼ିଶାର ଲୋକେ ସେହିପରିମାଣ ଖାଇବେ । କେବଳ ଓଡ଼ିଶାରେ [illegible?]ଶ୍ରେଷ୍ଠକାରିବାର ବସ୍ତୁ ଥିବାରୁ ଲୁଣ ଖରଚ ଅଧିକ ହେଉ ନାହିଁ । ଏଥିରୁ ମାନ୍ଦ୍ରାଜର ନିମକ କର୍ମଚାରୀମାନେ ପ୍ରାୟ ଦଶ-ବର୍ଷକାଳ ବହୁସଂଖ୍ୟକ ପୁଲିସ ରଖି ଲୋକଙ୍କୁ ନାନାମତେ ହଇରାଣ କରି ସୁଦ୍ଧା ବିଶେଷ ପରିମାଣରେ ଚୋରା ଲୁଣ ଧରିପାରିଲେ ନାହିଁ କି ଲୁଣର ଖରଚ ବଢ଼ାଇ ପାରିଲେ ନାହିଁ । ସୁତରାଂ ଲୁଣ ଖରଚ ଜଣପ୍ରତି ପୂର୍ବେ ପାଃ ୦୬ ଉଣ୍ଡ ଥିବାସ୍ଥଳେ ବର୍ତ୍ତମାନ ପା ୧୦୪ ଉଣ୍ଡ ହୋଇଅଛି । ଫଳତଃ ଓଡ଼ିଶା ଲବଣମହଲୁମା ମାନ୍ଦ୍ରାଜ ଅଧୀନରେ ରହିବାଦ୍ୱାରା ଏହି ଫଳ ହୋଇଅଛି ଲବଣ ଯୋଗାଣ ବିଶେଷ ଊଣା ପଡ଼ିଅଛି । କାଳ୍ପନିକ ଚୋରି ଧରିବା ଚେଷ୍ଟାରେ ଲୋକଙ୍କପ୍ରତି ସାମାନ୍ୟ ଅତ୍ୟାଚାର ହେଉଅଛି ଏବଂ ସରକାରଙ୍କ ରାଜସ୍ୱ ହାନି ହୋଇଅଛି । ଅତଏବ ସାହେବ ମହୋଦୟ ଓଡ଼ିଶାର ଲବଣ ମହଲୁମାକୁ ମାନ୍ଦ୍ରାଜର ଅଧୀନରୁ ଲେଉଟାଇ ଆଣି ପୂର୍ବପ୍ରାୟ ବଙ୍ଗଳା ଅଧୀନରେ ରଖିବାର ପ୍ରସ୍ତାବ କରିଅଛନ୍ତି । ଏ ପ୍ରସ୍ତାବ ଯେ ନ୍ୟାୟସଙ୍ଗତ ଏଥିରେ ଦ୍ୱିରୁକ୍ତି ନାହିଁ ଏବଂ ଆମ୍ଭେମାନେ ପୁନଃ ପୁନଃ ଏହି ପ୍ରସ୍ତାବ କରୁଥିବା ପ୍ରତ୍ୟକ୍ଷେ ବର୍ତ୍ତମାନ ଅଧିକ କିଛି କହିବା ଅନାବଶ୍ୟକ । ସୁଖର ବିଷୟ ଯେ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଗତ ଦୁଇବର୍ଷରୁ ମାନ୍ଦ୍ରାଜପ୍ରଥାର ସମାଲୋଚନା କରି ଏବଂ କ୍ରମାଗତ ଲବଣଖଜଣା କ୍ଷତି ହେବାର ଦେଖି ଓଡ଼ିଶାର ଲବଣମହଲୁମା ବଙ୍ଗପ୍ରଦେଶର ଶାସନାଧୀନକୁ ଫେରାଇଆଣିବା କାରଣ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିବାର ସ୍ଥିର କରିଅଛନ୍ତି । କେବଳ ଚିଲିକାରେ ପ୍ରସ୍ତୁତ ହେଉଥିବା ଯେଉଁ [illegible?]ସର୍ଦ୍ଧାସ୍ଥ ଲବଣ ଏଲକା ମାନ୍ଦ୍ରାଜ ଅଧୀନରେ ରଖିବାର ସେ ପ୍ରସ୍ତାବ କରିଅଛନ୍ତି । ସମ୍ଭବତଃ ଚିଲିକା ଛଡ଼ା ହେବାର ପ୍ରସ୍ତାବ ଅଳ୍ପକାଳ ନିମନ୍ତେ ଅଟେ ଏବଂ ତାହା ହେଲେ ତାହାର ଆପତ୍ତି ହୋଇ ନ ପାରେ ।

---

## ପାଉତିର ନୂତନ ଫାରମ ।

ଓଡ଼ିଶାରେ ବଙ୍ଗୀୟ ପ୍ରଜାସତ୍ୱ ବିଷୟକ ସନ ୧୮୮୫ ସାଲର ୮ ଆଇନର କିୟଦଂଶ ଜାରି ହେବାର ବର୍ଷହେଲା ପ୍ରଚଳ ହୋଇଥିବାର ପାଠକମାନେ ଜାଣନ୍ତି । ଯେଉଁ ଧାରାରେ ଖଜଣା ପାଉତି ଓ ହିସାବ ଫାର୍ମ ନିର୍ଦ୍ଦିଷ୍ଟ ହୋଇ ଅଛି ଓ ଯେଉଁ ଧାରାରେ ଭୂମ୍ୟଧିକାରୀ ପ୍ରଜାକୁ ସେହି ଫାରମରେ ପାଉତି ଇତ୍ୟାଦି ଦେବା ଓ ନ ଦେଲେ ଅର୍ଥଦଣ୍ଡର ଦାୟୀ ହେବାର ବିଧାନ ହୋଇଅଛି ସେ ଧାରାମାନ ମଧ୍ୟ ଓଡ଼ିଶା ପ୍ରଦେଶରେ ପ୍ରଚଳିତ ହୋଇଅଛି କିନ୍ତୁ ନିର୍ଦ୍ଦିଷ୍ଟ ଫାରମ ବଙ୍ଗଦେଶ ଅବସ୍ଥା ଦୃଷ୍ଟିରେ ହୋଇଥିବା ଓ ମହା ଓଡ଼ିଶାରେ ଚଳି ନ ପାରିବା ବିଷୟରେ ପୂର୍ବ ସିରସ୍ତାଦାର ବାବୁ ଜଗନ୍ମୋହନଲାଲ ରିପୋର୍ଟ ଦେଇ ସଂଶୋଧିତ ଫାରମ ଶ୍ରୀଯୁକ୍ତ କଲେକ୍ଟର ସାହେବଙ୍କଠାରେ ଦାଖଲ କରିବାରୁ ଏଥିର ମୀମାଂସା ପର୍ଯ୍ୟନ୍ତ ଉକ୍ତ ଧାରାମାନ ସ୍ଥଗିତ ରହିଥିଲା । ସିରସ୍ତାଦାରଙ୍କ ଫାରମ ଗବର୍ଣ୍ଣମେଣ୍ଟରେ ପ୍ରବେଶ ହେବାରୁ ଅନେକ ହାକିମଙ୍କର ମତ ନିଆଯାଇ କିଛି ପରିବର୍ତ୍ତି ହୋଇ ଗତବର୍ଷ ଶେଷରେ ସ୍ଥିର ହେଲା ଏବଂ ଓଡ଼ିଆ ଫାରମ ଛପାଇ ଜମିଦାରମାନଙ୍କୁ ବାଣ୍ଟିବାର ଆଦେଶ ଥିଲା । ପ୍ରାୟ ଛାଅ ଆଠମାସ ହେବ ଓଡ଼ିଆ ଫାର୍ମ ପତ୍ର କଲେକ୍ଟରୀ କଚେରିରେ ଓ ସବ-ଡିଭିଜନମାନଙ୍କରେ ପ୍ରତିଶହ ଖଣ୍ଡକୁ ଛଅଣା ମୂଲ୍ୟରେ ବିକ୍ରୟ ହେଉଅଛି । କିନ୍ତୁ ଏ ବିଷୟର ବିଜ୍ଞାପନ ଦିଆଯାଇ ନାହିଁ କିମ୍ବା କାନୁଙ୍ଗୋମାନଙ୍କଦ୍ୱାରା ଜମିଦାରମାନଙ୍କୁ ଅବଗତ କରାଇ ଦିଆଯାଇ ନାହିଁ "ସୁତରାଂ ଅନେକ ଭୂମ୍ୟଧିକାରୀ ଏହା ଜାଣି ନ ପାରି ନୂତନ ଫାରମ ବ୍ୟବହାର କରୁ ନାହାନ୍ତି ଆମ୍ଭେମାନେ ଶୁଣିଲୁଁ-

Split by PDF Splitter
Digitized by srujanika@gmail.com

Split by PDF Splitter



ଯେ ସାହାପୁର ସବଡିଭିଜନରେ କେତେ ନମ୍ବର ମକଦମାରେ ଜାଲପତ୍ର ଓ ଦୁଇ ଠେକପାଇଲ ଦାଖଲ ହେବାରୁ ସେଠା ଡେପୁଟୀ କଲେକ୍ଟର ଜମିଦାରଙ୍କ ଉପରେ ନୂତନ ଫାରମ ଅନୁସାରେ ପାଉତି ଦିଆଯାଇ ନ ଥିବା ଦୋଷରେ ଅର୍ଥଦଣ୍ଡ କରିଅଛନ୍ତି । ସମସ୍ତେ ଆଇନ ଓ କାର୍ଯ୍ୟମାନ ଜାଣିବାରୁ ବାଧ୍ୟ ବୋଲି ଡେପୁଟୀଙ୍କ ଦଣ୍ଡ ଆଇନ ବିରୁଦ୍ଧ କୁହାଯାଇ ନ ପାରେ ମାତ୍ର ସ୍ଥାନ ଓ ପାତ୍ର ବିବେଚନାରେ ସର୍ବସାଧାରଣଙ୍କ ଜ୍ଞାନାର୍ଥେ ପରେ ବିଜ୍ଞାପନ ହେବା ଅବା ଜମିନ୍ଦାରମାନଙ୍କ ଦ୍ୱାରା ଭୂମ୍ୟଧିକାରୀମାନଙ୍କୁ ଜଣାଇ ଦେବାର ଉଚିତ ଥିଲା । ଅତଏବ ଆମ୍ଭେମାନେ ପ୍ରାର୍ଥନା କରୁଅଛୁ ଯେ କଲେକ୍ଟର ସାହେବ ଓ ସବଡିଭିଜନର ହାକିମମାନେ ଏଥିର ବିହିତ ବ୍ୟବସ୍ଥା କରନ୍ତୁ ।—

କେବଳ ସରକାରୀ ଛପାଫାରମ ଯେ ବ୍ୟବହାର କରିବାକୁ ହେବ ଏମନ୍ତ ନୁହେ । ଭୂମ୍ୟଧିକାରୀମାନେ କୌଣସି ଛାପାଖାନାରେ ଫାରମ ଛପାଇ ନେଇ ପାରନ୍ତି କିମ୍ବା ହାତରେ ଲେଖି ଦେଇ ପାରନ୍ତି କିନ୍ତୁ ସରକାରୀ ଫାରମ ଅନୁସାରେ ଠିକ ହେବାର ଆବଶ୍ୟକ । ଅର୍ଥାତ୍ ପାଉତିରେ ଯେଉଁ ଯେଉଁ ବିଷୟମାନ ଲେଖା ହେବାର ଆଇନରେ ବିଧିବଦ୍ଧ ହୋଇଅଛି ସେ କଥାମାନ ଯେପରି ଲେଖାଥିବ । ଏତର ଆଦେଶ ଗବର୍ଣ୍ଣମେଣ୍ଟରୁ ହୋଇଅଛି । ସରକାରୀ ଫାରମର ଆକାର ବିସ୍ତୃତ ବଡ଼ ବ୍ୟବହାରପକ୍ଷରେ ଅସୁବିଧା ଜନକ ଜମିଦାରମାନେ ତହିଁରୁ ଛୋଟ କରିପାରନ୍ତି ଓ ତହିଁରେ ଖରଚ ମଧ୍ୟ ଊଣା ପଡ଼ିବ ।

ଆମ୍ଭେମାନେ ଦେଖିଲୁଁ ଯେ ଫାରମର ଓଡ଼ିଆ ଅନୁବାଦ କେତେକ ସ୍ଥଳେ ସହଜରେ ବୁଝା ଯାଉ ନାହିଁ । ଯଥା—ଟଙ୍କା ଦାଖଲର ତଫସିଲ ନକସା ବ ଯାହା ଫାରମର ନମ୍ବ ଭାଗରେ ଅଛି ତହିଁର ଉପରେ ଲେଖା ଅଛି କି "ନିମ୍ନ ଲିଖିତ ବସ୍ତୁ ବାବତରେ ନିମ୍ନ ଲିଖିତ ସନ ହିସାବରେ ବାକୀ" ଏଥିର ଅର୍ଥ "ନିମ୍ନ ଲିଖିତ ସନ ଓ ବସ୍ତୁ ବାବତ ବକେୟା ଖଜଣା"—ଏହାଠାରୁ ଆଉ ଦୂର ଏପ ସ୍ଥଳେ ମଧ୍ୟ ଅନୁବାଦ ଭଲ ହୋଇ ନାହିଁ । ଶୁଣିଲୁଁ ଯେ ଯିଉସ୍ତ୍ରୀଦାର ଯେଉଁ ପାଉତି ଫାରମ ଓଡ଼ିଆରେ ପ୍ରସ୍ତୁତ କରି ଦେଇଥିଲେ ତାହା ଗବର୍ଣ୍ଣମେଣ୍ଟଙ୍କୁ ନ ଦିବାରୁ ଏ ଭ୍ରାନ୍ତି ଘଟିଅଛି ଭରସା କରୁଁ ଏ ଭ୍ରମମାନ ସଂଶୋଧିତ ହେବ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ଡେପୁଟୀ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ମିଃ ଅତୁଳ କୃଷ୍ଣ ରାୟ କୁଚ ବିହାରର ଚର୍ଣ୍ଣୋନାଲ ଅଶିକ୍ଷା କାର୍ଯ୍ୟରୁ ମୁକ୍ତିଲାଭ କଲେ । ବାଲେଶ୍ୱର ଡିଷ୍ଟ୍ରିକ୍ଟ ସ୍ୱତନ୍ତ୍ର ମହକୁମାକୁ ପ୍ରେରିତ ହେବେ

ମିଃ ଏଚ୍, ଜ, ବର୍ ଗତ ଅକ୍ଟୋବର ମାସ ତ ୧୯ ଦିନରେ ଭରତ ପରିତ୍ୟାଗ କଲେ ।

ବାଲେଶ୍ୱରର ଡେଃ ମାଜିଷ୍ଟ୍ରେଟ ମିଃ ଅତୁଳକୃଷ୍ଣ ରାୟ ୧ ମ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହେଲେ ।

ମହାନଦୀ ଡିଭିଜନର ଆଃ ଇଞ୍ଜିନିୟର ମିଃ ଜ, ଏସ୍, ସେଣ୍ଟ ସ୍ୱେଚ୍ଛାର ବେତନାଦର ଛୁଟି ପ୍ରାପ୍ତ ହୋଇଅଛନ୍ତି ।

ନିମ୍ନଲିଖିତ ସିଭିଲ ଡିସ୍ପେନ୍ସରୀ ଅଧ୍ୟକ୍ଷମାନେ ବଙ୍ଗୀୟ ଇଂରେଜୀ ଓ ବାଙ୍ଗଳା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ଯଥା—

ଇଂରେଜୀ

| | |
|---|---|
| ବାବୁ ବୈଦ୍ୟନାଥ ମିଶ୍ର | କଟକ |
| ,, ଲକ୍ଷ୍ମୀନାରାୟଣ ମିଶ୍ର | ,, |
| ,, ଶାରଦାପ୍ରସାଦ ସେନ | ,, |

ବାଙ୍ଗଳାରେ

| | |
|---|---|
| ବାବୁ ଶ୍ରୀଚନ୍ଦ୍ର ଦାସ | ଜଲେଶ୍ୱର ଡ୍ରେସିଂ ବାଲେଶ୍ୱର |
| ,, ଗୁରୁଚରଣ ପଣ୍ଡା | ବାଙ୍କି କଟକ |
| ,, ବୈଦ୍ୟନାଥ ମିଶ୍ର | କଟକ |

---

ଗତ ସପ୍ତାହରୁ ଶୀତ ଏଠାରେ ବଢ଼ିବାର ଜଣା ଯାଉଅଛି ।

ଆମ୍ଭମାନଙ୍କର କମିଶନର ଓ ଉତ୍କଳର ସୁପ୍ରସିଦ୍ଧ ଶ୍ରୀଯୁକ୍ତ କରୁ ସାହେବ ଆଗାମୀ ମାସ ତା ୩ ରିଖରେ ପଶ୍ଚାତ୍ ଗଞ୍ଜାମ ବାହାହେବାର ସ୍ଥିର ଅଛି ।

ଏଠା ସବ୍‌ଡେପୁଟୀ ବାବୁ କାର୍ତ୍ତିକଚନ୍ଦ୍ର ବସୁ ଚୌଧୁରୀ ପୁରୀ ଖାସା ରେଲବାଟ ଜମିରେ ସରକାରଙ୍କ ପକ୍ଷରୁ ଭୂମି ଅଧିକାରୀ କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି । ଗୋଲଥି ଠାରେ ଏହାଙ୍କର ସବଡିଭିଜନ ହେବ ।

ଅଠମଲ୍ଲିକର ମହାରାଜା ଗତ ସପ୍ତାହରେ ଏ ନଗରକୁ ଆସିଥିଲେ । ଲଉଟାଣି ବୁଧବାରକୁ ଯାତ୍ରା କଲେ ।

ଜଗତସିଂହ ମହାରାଜାଙ୍କର କନ୍ୟାଙ୍କ ବିବାହ ସହିତ ଏଠା ଯୋଗିବାଇ ଶ୍ରୀରାମବାବୁ ମହାଶୟଙ୍କ ପୁତ୍ର ସହିତ ସମ୍ପନ୍ନ ହେବ ।

ସ୍ଥାନୀୟ ଡାକ୍ତରଖାନାରୁ ଶୁଣାଗଲା ଯେ ବାଲେଶ୍ୱରରେ ସମାନରୂପେ ଓଲାଉଠା ଦେଖା ଯାଉଅଛି ।

ମିଉନିସିପାଲ ଚେୟାରମ୍ୟାନ ସାହେବଙ୍କ ଘରେ ଚୋରୀ ହୋଇଅଛି । ପୁଲିସ ଚୋର ଅଥବା ମାଲ କାହାର ତଲାସ ପାଇନାହାନ୍ତି । ହାକିମମାନଙ୍କ ଘରେ ଏପରି ଚୋରୀ ହେଲେ ପୁଲିସ ସଂଶୋଧିତ ହେବାର ଆଶା ।

ବଙ୍ଗଦେଶରେ ଏଥର ବହୁ ଅଧିକ ବୃଷ୍ଟି ହୋଇଅଛି । ଜଳପ୍ଲାବନ ଓ ପଙ୍ଗପାଳରେ ଏଥର ଭଲ ଫସଲ ହୋଇ ନାହିଁ ।

ମାନ୍ଦ୍ରାଜ ସହରରେ ୬ ୨ ଶ ହୋଟେଲ ସମ୍ପାଦକ ଅଛନ୍ତି । ସମ୍ବାଦପତ୍ର ଲେଖି କୋଟି ଯେଉଁ ଦେଶରେ କେତେ ହୋଟେଲ ହୋଇପାରେ କେ କେଶ କେତେ କ୍ଷମତା ଏଥିରୁ ପାଠକମାନେ ଅନୁମାନ କରନ୍ତୁ । ଅସ୍ମଦ୍ଦେଶରେ ସମ୍ବାଦପତ୍ର ଓ ସମ୍ପାଦକଙ୍କ ସ୍ୱାଧୀନ ଲେଖିବା କଠିନ ।

କଲିକତାର ଜଣେ ଲୋକ ତାହାର ସ୍ତ୍ରୀ ଅନେକକାଳ ଛାଡ଼ିଛି ବୋଲି ତାହା ଖରଚ ଦେଇ ନ ଥିବାରୁ ସ୍ତ୍ରୀର ନାଲିସ ନେଇଥିବା ଅପରାଧରେ ଏକମାସ କଠିନ ପରିଶ୍ରମ ସହିତ କାରାବାସର ଆଦେଶ ପାଇଅଛି ।

ମାନ୍ଦ୍ରାଜର ଏକ ସମ୍ବାଦଦାତା ଷ୍ଟେଟସ୍‌ମ୍ୟାନ୍ ପତ୍ରିକାକୁ ଲେଖିଅଛନ୍ତି ଯେ ସେଠାରେ ଏକାଦଶରେ ଜଣେ ବ୍ରାହ୍ମଣ ଓ ଜଣେ ଶୂଦ୍ର ସରଗେଜ ଗମନ କଲେ । ବ୍ରାହ୍ମଣଙ୍କ ଯଥାବିଧି ଅଗ୍ନିସଂସ୍କାର କରାଗଲା ମାତ୍ର ଶୂଦ୍ରର 'ଅଗ୍ନିପ୍ରଦାନ ଅଧିକାର ନାହିଁ' ହେବାରୁ ସେ ସେଠାରେ ଅଛୁଆଁ ପଡ଼ି ରହିଲା । ଉଷ୍ମତାରେ ଶୂଦ୍ରର ଶବର ଦୁର୍ଗନ୍ଧ ଆରମ୍ଭ ହେଲା । ଭଗ୍ନ ତାହାର ଦଶା ହେବାରୁ ସେ ଉଠି ବସିଲା । ଶୂଦ୍ରର ମୃତଶରୀର ଉଠି ବସିଲା ସତ୍ୟ ମାତ୍ର ତାହା ମଧ୍ୟରେ ବ୍ରାହ୍ମଣର ଆତ୍ମା ପ୍ରବେଶ କରିଥିବାର ଦେଖାଗଲା । ସେ ଅଉ ଆପଣା ଜାତିରେ ମିଶିବାକୁ ନ ଚାହିଁ ବ୍ରାହ୍ମଣଙ୍କ ସଙ୍ଗେ ମିଶିବାକୁ ଯାଇ ବ୍ରାହ୍ମଣର ସ୍ତ୍ରୀପୁତ୍ର ଲୋକଙ୍କ ଆପଣାର ବୋଲି ଦାବି କଲା ମାତ୍ର ବ୍ରାହ୍ମଣମାନେ କେହି ତାହାର ପାଖ ପୂରିଲେ ନାହିଁ । ମୃତ ବ୍ରାହ୍ମଣମାନରେ ସେ ଆପଣାକୁ ସ୍ୱତନ୍ତ୍ର ପ୍ରଧାନ କଲା ଏବଂ ଶୂଦ୍ର ଭାବନାରେ ସେ ମୂର୍ଚ୍ଛା ହେଲେ । ସେ ଏବେ ଲେଖାପଢ଼ି ଏବଂ ନବଦ୍ୱୀପାଦିର ଦୁଇ ପାଠ ଅଛି । କଥାଟିର ମନକୁ ଗଲା ନାହିଁ ।

ଭୂତଳର ସକଳ ଅପଣାର୍ଜନର ସମସ୍ତ ଶାସନକର୍ତ୍ତାମାନଙ୍କ ପ୍ରତି ସନ୍ଧ୍ୟା ବୃଣୀକନରେ ରହିବା ମର୍ମରେ ଆଦେଶ ପତ୍ର ପଠାଇଅଛନ୍ତି । ମାନ କଥିତ ଜ୍ଞାତ ଯେ କେବଳ ସକାଶେ ସଦେଶ ମୁଦ୍ରା ଅଥବା ସେହା ନାହିଁ ।

ଇଟାଲିର ଯୁଦ୍ଧ ଜାହାଜ ନିବାର ଉପନାଗରରୁ ପ୍ରେରିତ ହୋଇ ଅଛି । ତୁର୍କ ସଙ୍ଗେ ଲଢ଼ିବା ଏହାର ଉଦ୍ଦେଶ୍ୟ ଭିନ୍ନ ଅନ୍ୟ ନୁହେ । ଇଂଲଣ୍ଡ ଜର୍ମନ ସହିତରେ ଏ ମିଳନ ମିଶି କାର୍ଯ୍ୟ କରିବେ ।

ବର୍ଲିନରେ ଗାଈଦୁହାଁର କୌଶଳ କଳ ଉଦ୍ଭାବ ହୋଇ ଅଛି । ଏହି କଳ ଏମନ୍ତ କୌଶଳରେ ପ୍ରସ୍ତୁତ ହୋଇ ଅଛି ଯେ ଏକାବେଳେ ୧୦।୧୨ ଗୋରୁର ଦୁଧ ଦୁହାଁ ହୁଅଇ ଏବଂ ଗାଈ ଦୁହାଁଇ ସୁବା ଦୁଧ ଦୁହାଁବେଳେ ଆନନ୍ଦରେ ଘାସ ଖାଉଥାଏ । ଏହି କଳଦ୍ୱାରା ଗୋରୁ ଦୁଧ ସ୍ୱେଚ୍ଛାରେ ଦେବା ଦୁହିଁବା ବାଂଧିବା ହାତ ମାଲିକର ବାଃ ବନ୍ଦ ହୋଇ ଅଛି ।

ସାହାରନପୁରର ସଲଜାତ କମିଶନର ଅନେକଙ୍କୁ ଇଲେକ୍ଟ ଟିକେଟ୍ ଏବଂ କାହାକର ଅଛ ଏକସ୍ଥାନେ ମୁନିସି ପଲର ପଞ୍ଚମାନଙ୍କରେ ଭଦ୍ର ଯେଉଁ ପରିଣାମ ଅଭାବ ହୋଇ ଅଛି ।

ରଙ୍ଗ ମହାଶ ନବାବ ଖାନ ଜଲଧରରେ ଦସ୍ୟୁଜାତି ମନୁଷ୍ୟ ଜାମନ ଜଣେ ବୃଦ୍ଧ ହୁଦୁରଙ୍ଗ ସ୍ତ୍ରୀବୋଧଠାରୁ ଘାସ ଜାନର ଜଣେ ଗ୍ରୀଷ୍ମଧାନ ଧର୍ମଦଣ୍ଡରେ ଉର୍ଦ୍ଦଭର୍ଦ୍ଦ କରୁ ୨ ସ୍ତ୍ରୀବୋଧ ଇଂରେଜ ଗ୍ରୀଷ୍ମକାଳ ବୃକ୍ଷକୁ ବାନ୍ଧ ଅସାଧରେ ହତ୍ୟା କରିବା ଅଭିଯୋଗରେ ଫାଶୀଦାରୁ ମୁକ୍ତ ହୋଇଅଛି । କୋହରେ କ ଧର୍ମର ଜୟ ।

Digitized by srujanika@gmail.com

Split by PDF Splitter



## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଆପଣଙ୍କର ଜଗଦ୍ବିଖ୍ୟାତ ପତ୍ରିକେକ କୋଣରେ ନିମ୍ନଲିଖିତ ବିଷୟଟିକୁ ସ୍ଥାନ ପ୍ରଦାନ କରି ବାଧିତ କରିବା ହେବେ ।

ଗତ ଶୁକ୍ରବାର ସନ୍ଧ୍ୟା ସମୟରେ ଟୋଟାଲ ଆବ୍ଷ୍ଟିନେନ୍ସ ସୋସାଇଟିଙ୍କର ବ୍ୟାପଟିଷ୍ଟ ଚର୍ଚ୍ଚରେ ବାର୍ଷିକ ପର୍ବୋପଲକ୍ଷେ ଏକ ସଭା ହୋଇଥିଲା । ରେଭରେଣ୍ଡ ଜି, ଜର ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ । ରେଭରେଣ୍ଡ ଜେ, ଭନ୍ ସାହେବ, ରେଭରେଣ୍ଡ ଟମ୍ସ ସାହା ଓ ମୌଲବୀ ସମସୁଲ ହକ୍ ଯଥାକ୍ରମେ ଇଂରାଜୀ ଓଡ଼ିଆ ଓ ହିନ୍ଦୁସ୍ଥାନିରେ "Temperance" ଅର୍ଥାତ୍ "ପରିମିତାଚାର" (ମଦ୍ୟସେବା ନିଷେଧ) ବିଷୟରେ ବକ୍ତୃତା ପ୍ରଦାନ କରିଥିଲେ । ରେଭରେଣ୍ଡ ଜର ସାହେବ ଓ ମୌଲବୀ ଯେ ବିଷୟଗୁଡିକ କହିଲେ, ତାହା ଯୁକ୍ତିଯୁକ୍ତ ଓ ନ୍ୟାୟସଙ୍ଗତ ଅଟେ । ମୌଲବୀ ମହାଶୟ ଜଣେ ସୁଯୋଗ୍ୟ ସଦୁପଦେଶକ ଅଟନ୍ତି । ଆମ୍ଭେମାନେ ଏହାଙ୍କର ଯୋଗ୍ୟତାର ପରିଚୟ ସ୍କୁଲ ଶିକ୍ଷାରେ ପାଇଅଛୁଁ । ଆନନ୍ଦର କଥା ଏହି ଯେ ସଭା ଭଗ୍ନ ହେବା ସମୟରେ ଯେତେବେଳେ ଆମ୍ଭେ ଗୀର୍ଜା ଗୃହର ବାହାରକୁ ଆସିଲୁଁ ଗୋଟିଏ ଅଳ୍ପବୟସ୍କ ବାଳକକୁ ପ୍ରଶ୍ନ କଲୁଁ, "ତୁମ୍ଭେ ଏଥିରୁ କ ଶିକ୍ଷା କଲ ?" ସେ ବାଳକ ଉତ୍ତର ଦେବାକୁ ଲାଗିଲା "ବାପରେ ବାପ ମଦ୍ୟ ବଡ଼ ଅନୁପକାର ଜିନିଷ, ଏହା ଖାଇଲେ ଲୋକମାନଙ୍କୁ ଏପରି କଷ୍ଟରେ ପଡିବାକୁ ହୁଏ ! ଏହା ନାହିଁକି ତେବେ ଲୋକମାନେ ବିଷ ବୋଲି ଜ୍ଞାନ କରୁ ନାହାନ୍ତି ।" ବାଳକର ମନରେ ଏପରି ଭାବ ଉଦୟ ହେବାର ଦେଖି ଆମ୍ଭେ ବଡ଼ ସନ୍ତୁଷ୍ଟ ହେଲୁଁ । ସାନ୍ତରଙ୍କର ବକ୍ତୃତା ବୋଧ ହୁଏ ବାଳକର ମନକୁ ଆସିଅଛି । ଆମ୍ଭେମାନେ ଏହି ସୋସାଇଟିଙ୍କୁ ବାର୍ଷିକ ପର୍ବୋପଲକ୍ଷେ 'Temperance' ବିଷୟରେ ବକ୍ତୃତା ନିମିତ୍ତ ଅନ୍ତଃକରଣ ସହିତ ଶତ୨ ଧନ୍ୟବାଦ ଦେଉଅଛୁଁ । ଆଶା କରୁଁ ଏ ବକ୍ତୃତା ଶ୍ରବଣ କରି ମଦ୍ୟପ୍ରିୟ ବ୍ୟକ୍ତିମାନେ ସେ କାର୍ଯ୍ୟରୁ ବିରତ ହେବେ । ଏହିପରି ଆଉ ମଧ ଅନ୍ୟାନ୍ୟ ଅନୁଷ୍ଠାନର ସମ୍ବନ୍ଧେ ଭବିଷ୍ୟତରେ ବକ୍ତୃତା ପ୍ରଦାନ କରି ବାଳକମାନଙ୍କ ଚରିତ୍ର ସନ୍ମାର୍ଗରେ ପ୍ରବର୍ତ୍ତାଇବା ଆମ୍ଭର ଏହି ସୋସାଇଟିଙ୍କ ନିକଟରେ ପ୍ରାର୍ଥନା ରହିଲା ।

୧୪-୧୧-୯୮ }<br>
କଟକ } M. C. MISRA

---

ମହାଶୟ !

ଉତ୍କଳ-ସାହିତ୍ୟ-ଜଗତରେ ଆଜିକାଲି ଦୁଇଖଣ୍ଡି ନୂତନଗ୍ରନ୍ଥର ଆମଦାନୀ ହୋଇଅଛି—ଖଣ୍ଡିଏ "କବିତାମଞ୍ଜରୀ", ଅନ୍ୟଟି "ଯଯାତିକେଶରୀ" । ଉଭୟର ଅନ୍ତ୍ୟବର୍ଣ୍ଣ "ରୀ", ସୁତରାଂ ଗ୍ରନ୍ଥଦ୍ୱୟର ନାମ ସ୍ମରଣ ରଖିବା ପକ୍ଷରେ ବିଶେଷ ସୁବିଧା । ଯେଉଁ ଭାଷାରେ ପୁସ୍ତକ ପ୍ରକାଶିତ ହେଲେ ମୁଦ୍ରାଙ୍କନ ବ୍ୟୟ ସୁଦ୍ଧା ଉଠିବା କଠିନ, ସମାଲୋଚ୍ୟ ଗ୍ରନ୍ଥଦ୍ୱୟ ସେହି ଭାଷାରେ ପ୍ରକାଶିତ ହୋଇଅଛି—ଗ୍ରନ୍ଥକାର ଓ ପ୍ରକାଶକମାନଙ୍କ ପକ୍ଷରେ ଏହା କିଛି ଅଳ୍ପ ପ୍ରଶଂସାର କଥା ନୁହେଁ । ଉଭୟ ଗ୍ରନ୍ଥକାର ଗୁଣୀ ଓ କ୍ଷମତାଶାଳୀ—ସୌଭାଗ୍ୟର ବିଷୟ କହିବାକୁ ହେବ ଯେ, ଯେଉଁମାନଙ୍କର ଗୌରବାନ୍ୱିତ ନାମରେ ପୁସ୍ତକ ଉତ୍ସୃଷ୍ଟ ହୋଇଅଛି, ସେମାନେ ମଧ ଗୁଣୀ ଓ କ୍ଷମତାଶାଳୀ । ଏପରି ମଣି-କାଞ୍ଚନର ସଂଯୋଗ ଦର୍ଶନରେ କିଏ ସୁଖି ନ ହେବ ? ଗ୍ରନ୍ଥଦ୍ୱୟର ଉତ୍ସର୍ଗ-ପତ୍ରରୁ ଆମ୍ଭେମାନେ ଜାଣି ପାରିଲୁଁ ଯେ, ଅପରମେୟ ସ୍ୱଦେଶାନୁରାଗ "କବିତାମଞ୍ଜରୀର" କବିଙ୍କ ହୃଦୟରେ ଏବଂ ଅତିଭକ୍ତ ବାମଣ୍ଡା ଦର୍ଶନାନୁରାଗ "ଯଯାତିକେଶରୀର" କବିଙ୍କ ହୃଦୟରେ କାର୍ଯ୍ୟ କରୁଅଛି । ଉତ୍କଳ ସାହିତ୍ୟର ଏହି ଦୁଃଖ ଓ ଦୁର୍ଦ୍ଦିନରେ ପ୍ରତିଭାଶାଳୀ କବିଦ୍ୱୟଙ୍କର ଦୁଇଗୋଟି ମାନସପ୍ରସୂତ ପୁଷ୍ପ ଜନ୍ମି ଅଛି—ସାହିତ୍ୟାନୁରାଗି ପାଠକମାନେ ସେଥିସକାଶେ ଥରେ ଜୟଧ୍ୱନି କରନ୍ତୁ !

"କବିତା ମଞ୍ଜରୀ" ଏବଂ "ଯଯାତିକେଶରୀ" ଉଭୟ ପୁସ୍ତକମଧ୍ୟରୁ ପ୍ରଥମୋକ୍ତଟି ଖଣ୍ଡ-କବିତା ଓ ଶେଷୋକ୍ତଟି କାବ୍ୟଗ୍ରନ୍ଥ । "କବିତାମଞ୍ଜରୀ" ଆଦିରସବର୍ଜ୍ଜିତ, ସୁରୁଚି ଅନୁମୋଦିତ—ସୁତରାଂ ତାହା ଶିକ୍ଷକ ଓ ଛାତ୍ରମଧ୍ୟରେ, ପିତା ଓ ପୁତ୍ରମଧ୍ୟରେ, ଭାଇ ଓ ଭଉଣୀମଧ୍ୟରେ ପଠନୋପଯୋଗୀ ହୋଇଅଛି । ଭାବ ଓ ଭାଷାର ମାଧୁର୍ଯ୍ୟ ଗୁଣରୁ "କବିତା ମଞ୍ଜରୀର" ଅଧିକାଂଶ କବିତା ମନୋହାରୀ ହୋଇଅଛି, ଏକଥା ଆମ୍ଭେମାନେ ନିଃସନ୍ଦେହଚିତ୍ତରେ କହିପାରୁଁ । "ଯଯାତିକେଶରୀରେ" ଭାଷାର ମାଧୁର୍ଯ୍ୟ, ଛନ୍ଦୋବନ୍ଧର ବାହାଦୁରୀ, ଏବଂ କଳ୍ପନାର ଗୁରୁତ୍ୱ ଯଥେଷ୍ଟ ପରିମାଣରେ ଅଛି ସତ୍ୟ—କିନ୍ତୁ ଦୁଃଖର ବିଷୟ, ଆଦିରସାଶ୍ରିତ ହୋଇଥିବାରୁ ତାହା ଆବାଳ-ବୃଦ୍ଧ-ବନିତାର ପଠନୋପଯୋଗୀ ହୋଇ ନାହିଁ । ଆକାଶର ନିର୍ମଳଜଳ ପୃଥିବୀର ଅପବିତ୍ରକ୍ଷେତ୍ରରେ ପଡ଼ି ଯେପରି କଳୁଷିତ ହୋଇଯାଏ, ସେହିପରି ଯଯାତିକେଶରୀଙ୍କର ଅନନ୍ୟ ଦେବଚରିତ୍ର ସମାଲୋଚ୍ୟ "ଯଯାତିକେଶରୀରେ" ଅତିଶୟ ଜଘନ୍ୟ ପ୍ରକୃତିଧାରଣ କରିଅଛି ଦେଖି ଆମ୍ଭେମାନେ ଦୁଃଖିତ ହେଲୁଁ । ସାଧୁବାକ୍ୟ ଅଛି, "ନ କେବଲଂ ଯୋ ମହତୋପଭାଷତେ, ଶୃଣୋତି ତସ୍ମାଦପି ଯଃ ସଃ ପାପଭାକ୍"—ମହତ୍ ଚରିତ୍ର ଯେଉଁ ଗ୍ରନ୍ଥରେ ନିନ୍ଦନୀୟରୂପେ ଚିତ୍ରିତ ହୋଇଥାଏ, ତାହା ପାଠ ଅଥବା ଶ୍ରବଣ କଲେ ମଧ୍ୟ ପାପଭାଗୀ ହେବାକୁ ହୁଏ । ସୁତରାଂ ଅର୍ଥ ଓ ପରିଶ୍ରମର ବିନିମୟରେ ପୂଜ୍ୟ ଯଯାତିକେଶରୀଙ୍କର କଳଙ୍କ କାହାଣୀ ପାଠଦ୍ୱାରା ତଦୀୟ ବଂଶଧରମାନଙ୍କର ଯେ କେଉଁ ହିତ ସାଧିତ ହେବ, ତାହା ଆମ୍ଭେମାନେ ଧାରଣା କରି ପାରିଲୁଁ ନାହିଁ ।

"କବିତାମଞ୍ଜରୀ" ଗ୍ରନ୍ଥକାରଙ୍କ କର୍ତ୍ତୃକ ପ୍ରକାଶିତ । ଗ୍ରନ୍ଥକାର ଯେତେବେଳେ ସ୍ୱୟଂ ଗ୍ରନ୍ଥପ୍ରକାଶକ, ସେତେବେଳେ "ଏମ, ଏକ୍ରାକ୍ତି ପ୍ରକାଶିତ" ନ ଲେଖିଥିଲେ ବୋଧହୁଏ ଭଲ ହୋଇଥାନ୍ତା । "ଯଯାତିକେଶରୀ" ଶ୍ରୀଯୁକ୍ତ ଲାଲମଣି [illegible] କର୍ତ୍ତୃକ ପ୍ରକାଶିତ । ପ୍ରକାଶକ ପୁସ୍ତକର ଭୂମିକାରେ ଲେଖିଅଛନ୍ତି, ଆଦିରସକୁ କିରୂପେ ଉଚିତ ସୀମାରେ ଆବଦ୍ଧ ରଖା ଯାଇପାରେ, ତାହା "ଯଯାତିକେଶରୀରେ" ପ୍ରଦର୍ଶିତ ହୋଇଅଛି । ପ୍ରକାଶକଙ୍କର ଏତାଦୃଶ ସ୍ତୁତିବାଦର ମୋହିନୀମାୟାରେ ଭୁଲି "ଯଯାତିକେଶରୀ" ପଢ଼ିବାକୁ ଯାଇ ଆମ୍ଭେମାନେ ପ୍ରତାରିତ ହୋଇଅଛୁଁ—ଏବଂ ଯେଉଁମାନେ ଉକ୍ତ ଗ୍ରନ୍ଥ ପାଠ କରିବେ, ସେମାନେ ଆଦିରସକୁ କିପରି ଉଚିତ ସୀମାରେ ଆବଦ୍ଧ ରଖାଯାଇ ଅଛି, ତାହା ବୁଝିପାରିବେ । ଶ୍ରଦ୍ଧେୟ ରାମନାରାୟଣ ବାବୁ ଓ ମଧୁବାବୁ (ମଧୁବାବୁ ଆପଣାର ନାମ ଅପ୍ରକାଶିତ ରଖିଲେହେଁ ବିଶ୍ୱସ୍ତ ସୂତ୍ରରୁ ଆମ୍ଭେମାନେ ତାଙ୍କ ନାମ ଅବଗତ ହୋଇଅଛୁଁ) ଇତିପୂର୍ବେ "ଯଯାତିକେଶରୀ" ସମ୍ବନ୍ଧରେ "ହିତୈଷିଣୀରେ" ଯେଉଁ ଅଭିପ୍ରାୟ ପ୍ରକାଶ କରିଅଛନ୍ତି, ତାହା ପାଠ କଲେ "ଯଯାତିକେଶରୀର" ଉପାଦେୟତା ସମ୍ବନ୍ଧରେ ପାଠକମାନଙ୍କର ଆଉ ସନ୍ଦେହ ରହିବ ନାହିଁ ।

Digitized by srujanika@gmail.com

"କବିତା ମଞ୍ଜରୀ" କବି—ନବୀନ, 'ସମ୍ବାଦ-କେଶରୀ'ର କବି ପ୍ରବୀଣ—ନବୀନ ଓ ପ୍ରବୀଣ କବିଙ୍କର ଦୁଇଖଣ୍ଡି ନୂତନ ପୁସ୍ତକ ପାଇ ଅଛୁ ଅମ୍ଭେମାନେ ଭକ୍ତିପୂର୍ଣ୍ଣ ହୃଦୟରେ ଉଭୟଙ୍କୁ ଅଭିବାଦନ କରୁଅଛୁ । ଉଭୟଙ୍କ ହୃଦୟରେ ନୈସର୍ଗିକ ପ୍ରତିଭା ଅଛି—ଉଭୟ କବି ମଧ୍ୟ ବାଗ୍‌ଦେବୀଙ୍କ ସେବାରେ ତାହା ବିନିଯୋଗ କରୁଅଛନ୍ତି । ଉକ୍ତକାର୍ଯ୍ୟରେ ବ୍ୟସ୍ତ ଥାଇ, ବସ୍ତୁତଃର ପ୍ରତିକୂଳ ଅବସ୍ଥାର ସହିତ ସଂଗ୍ରାମ କରି ଉକ୍ତ କବିଦ୍ୱୟ ଉପେକ୍ଷିତ ଉତ୍କଳ ଭାଷାର ଉନ୍ନତି ସାଧନରେ ଯେପରି ଅନୁରାଗ ଓ ଅଧ୍ୟବସାୟ ପ୍ରଦର୍ଶନ କରୁଅଛନ୍ତି, ତାହା କେତେ ଭଣ ପ୍ରଶଂସାର କଥା ନୁହେ । "ଭାରତ-ହାରର" ଦାସ କବି ଓ "ମହାଯାତ୍ରାର" ସ୍ରଷ୍ଟା କବି, ଉଭୟଙ୍କର ଆରାଧ୍ୟ ଦେବତା ଏକ, ଉଭୟର ମାନସର ଗତି ଏକଅଭିମୁଖ ପ୍ରଧାବିତ, ଉଭୟଙ୍କର ପ୍ରତିଭା ମଧ୍ୟ ଏକପ୍ରକୃତିର—ପ୍ରଭେଦ ଏହି କି ସ୍ଥାନ ଓ ବୟସ, ନବୀନ ଓ ପ୍ରବୀଣ, ବଙ୍ଗାଳୀ ଓ ଓଡ଼ିଆ । କିନ୍ତୁ ଅପକ୍ଷପାତ୍ୟ କର୍ତ୍ତବ୍ୟାନୁରୋଧର ଅମ୍ଭେମାନେ ଏକଥା ନ କହି ଅଉ ରହିପାରୁନାହିଁ ଯେ, ଭୁଞ୍ଜୁଭୁଙ୍କଠାରୁ ଶିକ୍ଷା ପାଇଥିଲେହେଁ କବି ଭୁତର ଅନୁଗାମୀ ନ ହୋଇ "କବିତାମଞ୍ଜରୀର" ଦାସ-କବି ଯେପରି ମାନସ ରୁଚିର ପରିଚୟ ଦେଇଅଛନ୍ତି—ସୁକାଳ ଓ ସୁତରର ପକ୍ଷପାତି ହେଲେହେଁ "ସମ୍ବାଦ କେଶରୀର" ସ୍ରଷ୍ଟା କବି ସେପରି ମାର୍ଜିତ ରୁଚିର ପରିଚୟ ଦେଇପାରୁ ନାହାନ୍ତି । ସ୍ରଷ୍ଟା କବିଙ୍କର ଯେଉଁମାନ ଓ ଶକ୍ତି "ସମ୍ବାଦକେଶରୀରେ" ଅପବ୍ୟବହୃତ ନ ହୋଇ ଅନ୍ୟ କୌଣସି ସତ-ଗ୍ରନ୍ଥରେ ପର୍ଯ୍ୟବସିତ ହୋଇଥିଲେ ଅମ୍ଭମାନଙ୍କର ବିବେଚନାରେ ଭଲ ହୋଇଥାନ୍ତା । କାରଣ, ଯେଉଁ ବ୍ୟକ୍ତି ରକ୍ଷକ, ସେ ଯେବେ ଭକ୍ଷକ ହେବ—ବଇଦ ଯେବେ ମଲ୍ଲ ହେବ—ତେବେ ଅନ୍ୟେ ପରେ କା କଥା ! ! !

ତା ୧୯ ରଖ, ନବେମ୍ବର ସନ ୧୮୯୫ } କଶ୍ୟପଦ ନନ୍ଦଯେଷ୍ଠ-ବାସୀନଃ କଟକ

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଗୋପୀନାଥ ମହାନ୍ତି | ମହାସ୍ଥିବିହାର | ଟ ୧୯ |
| „ ବାଳକ ଦାସ | | ଟ ୧୯ |
| „ କୋଟି ବେହେରା | ଜଗତପୁର | ଟ ୩୮ |
| „ ରଘୁନାଥ ଦାସ | କଣ୍ଟାପଡ଼ା | ଟ ୩୯ |
| „ ଗୋପୀନାଥ ନନ୍ଦ | ଜୀବନପୁର | ଟ ୩୮ |
| „ କୃଷ୍ଣଚରଣ ମହାନ୍ତି | କଟକ | ଟ ୩୮ |
| „ ମଧୁସୂଦନ ମିଶ୍ର | ଚାନ୍ଦବାଲି | ଟ ୩୮ |
| „ ଦାମୋଦର ମହାପାତ୍ର | ଜଗନ୍ନାଥପୁର | ଟ ୧୮ |

# ବିଜ୍ଞାପନ ।

ଓଡ଼ିଶା କମିଶନର ମାନନୀୟ ଶ୍ରୀଯୁକ୍ତ ରମେଶଚନ୍ଦ୍ର ଦତ୍ତଙ୍କ ପ୍ରଣୀତ ନିମ୍ନଲିଖିତ ସର୍ବଜନ ପ୍ରଶଂସିତ ପୁସ୍ତକମାନ କଟକ ପ୍ରିଣ୍ଟିଙ୍ଗକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ଓ ତାଙ୍କର ଅନ୍ୟ କେତେକ ପୁସ୍ତକ ଶୀଘ୍ର ଆସି ପହଞ୍ଚିବ ।

ଶତବର୍ଷ ବଙ୍ଗଳା ଉପନ୍ୟାସ ଟ ୨ ୧

ସଂସାର „ ଟ ୧ ।

## NOTICE.

Jogeswar Das, Madak, in thanking the Europeans, Rajahs, Zemindars Pleaders, Government officers, merchants, School and College students and nobility and gentry of the town and Moffusil, for the patronage already offered to him, begs now to announce that he has extended his business in native confectionary to a very large extent so as to be in a position to offer first class sweets at very moderate rates which will defy competition by any other shop in the town. He trusts that his customers will continue the favorable opinion they have hitherto entertained in his business, but he begs to note as a precaution that some rival worthless shops having been set up in opposition, his customers will be kind enough, in sending orders, to direct servants not to mistake his shop and fetch goods from unknown ones which cannot attain in excellence the manufacture of his shop. Customers are kindly requested to guard against this. It may be also noted that one K. C. Das once in his service, having been removed has set up a separate shop which is quite distinct from that of the undersigned's.

There are so many varieties of sweets which are prepared in his shop, that he does not consider it worth while to publish a detailed list of them, as they are always available at a short notice.

CUTTACK, Balubazar Chuck, Near Benode Behary. } Jogeswar Das Madak, *Proprietor.*

ସାକ୍ଷିଗୋପାଳ ବା

ସତ୍ୟବାଦୀ ଗୋପୀନାଥ ।

ମୂଲ୍ୟ ପ୍ରତି ଖଣ୍ଡକୁ ପାଞ୍ଚପଇସା ମାତ୍ର ।

ଏଥିରେ ପୁରୀ ସତ୍ୟବାଦୀ ଗୋପୀନାଥଙ୍କର କଥାପୁମାନ ଅତି ପ୍ରାଞ୍ଜଳ ଭାଷାରେ ପଦ୍ୟ ଛନ୍ଦରେ ବର୍ଣ୍ଣିତ ହୋଇଅଛି । ଏହା ପରମାର୍ଥିମାନଙ୍କର ଏକ ଅତି ଆଦରର ଜିନିଷ । ଥରେ ମାତ୍ର ଆମୂଳ ପାଠ କଲେ ଭକ୍ତିରସରେ ଏହାକେଳକେ ପ୍ରାଣ ମନ କରଣତ ହେବ । କଟକ ଦରଘାବଜାର ପ୍ରିଣ୍ଟିଙ୍ଗକମ୍ପାନୀଙ୍କ ପୁସ୍ତକାଳୟରେ ଏହା ପ୍ରାପ୍ତବ୍ୟ ।

# NOTICE.

Wanted for the District Board's Temporary work's establishment for employment under the Kendrapara Local Board, an experienced Sirkar on a salary of Rs. 20 per month A good man would find permanent employment. None need apply who does not possess a thorough knowledge of Surveying, levelling, and road-making with English qualifications.

Selected candidates will be examined and preference will be given to the candidate who obtains the highest mark.

Applications with copies of testimonials will be received by the undersigned on or before the 30 instant.

This notice cancels the one advertised in this paper of the 16th instant.

T. P. ACHARYE.

Kendrapara Local Bd. Office. The 17th November 1895 } *Chairman. Local Board*

KEY TO LETHBRIDGE'S EASY SELECTIONS

( Minor course for 1896 )

*IS OUT*

*Price Re. 1.*

To be had of the Secretary Printing Company Cuttack.

ଚଉପଦି ଚନ୍ଦ୍ରୋଦୟ ।

ମୂଲ୍ୟ ଟ ୦ ।

କଟକ ପ୍ରିଣ୍ଟିଙ୍ଗକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

Split by PDF Splitter

Digitized by srujanika@gmail.com

Split by PDF Splitter



Wanted a Sub-Overseer for the Puri Municipality on a salary of Rs. 25 and Rs. 12 as pony allowance per month. None need apply who has not passed the examination of a Sub-Overseer of the P. W. Department or is not a passed student of the Government Survey School. A knowledge of the Oryah language is necessary. A security of Rs. 200 in cash is required.

Application will be received by the undersigned up to 7th December 1895.

Puri Municipal office } Jagabandhu Patnaik
The 15th November } *Vice-Chairman*
*Puri Municipality.*

**NOTICE**

A thatched house consists of 8 rooms belonging to the Kanika Raj and situated on the banks of the Kathajori river near the Gonesh Ghat and close to the Collector's office is at present fetching Rs. 5 per mensem. The house can be let out to any one desirous of renting it should higher rent be offered. Application should be made to the undersigned stating rate of rent which applicants may desire to offer within the 15th of December next.

ଶ୍ରୀ ରାଣୀ କୃଷ୍ଣପ୍ରିୟା ପାଟମହାଦେଇ

Cuttack Kanika Rajbati 22—11—95. } Sd. Sri Rani Krustoprya Patmahadae Mother and guardian of the minor Rajah of Kanika.

କଟକସହରାନ୍ତର୍ଗତ ତାଲଚାବାଦବଜାର-ରେ ଥିବା କାଠଯୋଡ଼ିନଦୀକୂଳସ୍ଥ ଗଣେଶଘାଟ ଓ କଲେକ୍ଟର୍ କଚେରୀର ନିକଟବର୍ତ୍ତୀ କନିକା ରାଜାଙ୍କର ୮ ଖଣ୍ଡ ଛପରଘର ଅଛି । ବର୍ତ୍ତମାନ ତହିଁରୁ ମାସିକ ଟ ୫୲ ଟଙ୍କା ହିସାବରେ ଭଡ଼ା ଆଦାୟ ହେଉଅଛି । ଯଦ୍ୟପି କେହି ତଦୂର୍ଦ୍ଧ୍ୱ ଭଡ଼ାରେ ଉକ୍ତ ଘରକୁ ନେବାକୁ ଇଚ୍ଛା କରନ୍ତି ତେବେ କେତେ ଭଡ଼ା ଦେବାକୁ ଇଚ୍ଛା କରନ୍ତି ତାହା ଆବେଦନପତ୍ରରେ ଲେଖି ଆଗତ ଡିସେମ୍ବର ମାସ ତା ୧୫ ଇଖ ମଧ୍ୟରେ ନିମ୍ନଲିଖିତ ସ୍ୱାକ୍ଷରକାରିଣୀଙ୍କ ନିକଟକୁ ପଠାଇ ପାରିବେ ।

କଟକ କନିକା ରାଜବାଟୀ ୨୨।୧୧।୯୫ } ଶ୍ରୀ ରାଣୀ କୃଷ୍ଣପ୍ରିୟାପାଟମହାଦେଇ ମାତା ମହାପିସ ନାବାଳଗ ରାଜା । କ । କନିକା ।

## ବିଜ୍ଞାପନ ।

ଜେ, ସି, ଦାସ କମ୍ପାନୀ କଲିକତାରୁ ଆସି କଟକ ବାଲୁବଜାର ଛକ ଶ୍ରୀ ବିନୋଦ ବିହାରୀ ଠାକୁରଙ୍କ ମନ୍ଦିର ନିକଟରେ ମିଠାଇର ଦୋକାନ କରୁଅଛନ୍ତି । ଦୋକାନ ଉପରେ ତାହାଙ୍କ ନାମର ପଟା ଝୁଲୁଅଛି । ସେମାନେ ଭଲ ଜିନିଷ ଓ ସବୁଦା ଦେଶି ଘିଅରେ ଅତି ଉତ୍କୃଷ୍ଟ ମିଷ୍ଟାନ୍ନ ପ୍ରସ୍ତୁତ କରନ୍ତି ଯାହାକି ଏ ନଗରରେ ଅନ୍ୟ କୌଣସି ମିଠାଇ ଦୋକାନରେ ହୋଇ ପାରବ ନାହିଁ । ଭଦ୍ରବ୍ୟକ୍ତି ମାନଙ୍କୁ ପ୍ରାର୍ଥନା ଯେ ଥରେ ଫରମାସ ଦେଇ ଏ କମ୍ପାନୀର ମିଷ୍ଟାନ୍ନର ଗୁଣ ପରୀକ୍ଷା କରନ୍ତୁ । ନିମ୍ନଲିଖିତ ମିଷ୍ଟାନ୍ନ ପ୍ରାୟ ସର୍ବଦା ଦୋକାନରେ ପ୍ରସ୍ତୁତ ଥାଏ ଯଥା; ।—

ସନ୍ଦେଶ, ଖେଜୁରିଗୁଡ଼ ସନ୍ଦେଶ, ସର-ଭଜା, ସରପୁରିଆ, ସିଙ୍ଗାଡ଼ା, ନିଖୁତି, ରସଗୋଲା, ମିହିଦାନା ମିଠାଇ, ମନୋହରା, ଚନ୍ଦ୍ରପୁଲି, ଖିରମୋହନ, ସିଙ୍ଗଡ଼ା, କଚୁରି, ନିମକି, ଲେଡ଼ିକାନି ବାଲୁସାହି, ଗଜା ଇତ୍ୟାଦି ।

## ବିଜ୍ଞାପନ ।

ମାଇନର, ଭର୍ଣ୍ଣାକ୍ୟୁଲର, ଅପରପ୍ରାଇମେରି ଓ ନିମ୍ନ ପ୍ରାଇମେରିସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଆଟଲାସ, ଓ୍ୟାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅନାୟାସରେ ପାଇପାରିବେ ।

## ସଙ୍ଗୀତସର୍ବସ୍ୱାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।

ଅ ତି ସୁ ଲ ଭ ମୂ ଲ୍ୟ ଟ ୦ ।୵ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲି, ଖେମଟା, ଟପା, ଦ୍ରୁମରି ପ୍ରଭୃତି ସୁମଧୁର-ସ୍ୱରର ଅତି ଉତ୍କୃଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ କମ୍ପାନିଙ୍କ ଏଜେଣ୍ଟ ବାବୁ ରାମପ୍ରସନ୍ନ ମୁଖାର୍ଜିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

**NOTICE**
**THE**
# DWIBHASI.

*SECOD EDITION IS OUT AND AVAILABLE FOR SALE.*

To be had of the Printing Company Cuttack.

*Price four annas.*

## ଦ୍ୱିଭାଷୀ ।

୨ୟ ସଂସ୍କରଣ ଛପାହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ମୂଲ୍ୟ ଚାରିଅଣା ।

## ଶୁଭସଂବାଦ ।

ଆୟୁର୍ବେଦିକ ମେଡିସିନ୍ ମ୍ୟାନୁଫାକ୍ଚରିଂ କୋମ୍ପାନୀ ଅଫ ଇଣ୍ଡିଆ, ଲିମିଟେଡ୍ ।

କାଲିକତା, ବେଙ୍ଗଲ ।

ଔଷଧର ମୂଲ୍ୟ ଶତକଡ଼ା ଟ ୨୫ ଙ୍କା ଊଣା ହେଲା ।

କୋମ୍ପାନୀର ପ୍ରସ୍ତୁତ ଆୟୁର୍ବେଦୋକ୍ତ ବୈଦ୍ୟକ ମୋଦକ ଔଷଧ ସମୂହ ଯେପରି ଉତ୍କୃଷ୍ଟ ଏବଂ କାର୍ଯ୍ୟକାରୀ ଓ ସୁଲଭ ମୂଲ୍ୟରେ ବିକ୍ରୟ ହୁଏ ସେପରି ଅନ୍ୟ କୌଣସିଠାରେ ପ୍ରାପ୍ତ ହୁଏ ନାହିଁ । ଔଷଧର ବିଶୁଦ୍ଧତା ନିମିତ୍ତ କୋମ୍ପାନି ଦାୟୀ । ଅତି ସୁଲଭ ମୂଲ୍ୟରେ ଯାହାଙ୍କୁ ବିଶୁଦ୍ଧ ଔଷଧର ପ୍ରୟୋଜନ କୋମ୍ପାନୀ ନିକଟକୁ ଲେଖିବେ ଠକିବାର ଭୟ ନାହିଁ । ରୋଗର ଅନୁପୂର୍ବିକ ବିବରଣ ପଠାଇଲେ ବ୍ୟବସ୍ଥା ଦିଆ ଯାଇ ଥାଏ ।

ଔଷଧର ମୂଲ୍ୟ ଅଗ୍ରିମ ଦେୟ—

ଯାହାର ଭେଲୁପେବଲରେ ଔଷଧ ନେବାର ପ୍ରୟୋଜନ ତାହାକୁ ଅନ୍ତତଃ ଚତୁର୍ଥାଂଶ ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ, ନଚେତ୍ ଅନ୍ୟେଷଣାନୁସାରେ ଔଷଧ ପ୍ରେରିତ ହେବ ନାହିଁ ।

ବୈଦ୍ୟନାଥ ବଟି—ନିୟମିତ ବ୍ୟବହାର କଲେ କଷ୍ଟସାଧ୍ୟ ପ୍ରମେହ ରୋଗ ମଧ୍ୟ ନିରାକୃତ ହୁଏ । ଅନୁପାନ ବିଶେଷରେ ସେବନ କଲେ ଶୁକ୍ର ତାରଲ୍ୟ ସ୍ୱପ୍ନଦୋଷ ଶୁକ୍ରକ୍ଷୟ ପ୍ରଭୃତି ଏକାବେଳକେ ପ୍ରଶମିତ ହୁଏ । ଏହାର ଫଳ ଅବ୍ୟର୍ଥ ।

୨ ବଟି ୧୧ ଟଙ୍କା ଡାକମାଶୁଲ ।୵ ଅଣା ।

ମକରଧ୍ୱଜ—ସ୍ୱପ୍ନଦୋଷ ତ୍ରୈଦୋଷିକ ଅବ୍ୟର୍ଥ ମହୌଷଧ । ଶିଶୁମାନଙ୍କର କାଶସ୍ୱର ହରଣେ ଏହା ପ୍ରଯୋଜ୍ୟ । ଏହାର ଗୁଣ ଅନନ୍ତ, ଅନୁପାନ ବିଶେଷରେ ଏହା ସବୁ ରୋଗରେ ମଧ୍ୟ ବ୍ୟବହାର ହୁଏ ।

(୧ମ ଶ୍ରେଣୀ) ୨ ମାସା ବା ୨ ଗ୍ରେନ ଟ ୧୫ ଙ୍କା

(୨ୟ ଶ୍ରେଣୀ) „ „ ୩ ଅଣା

କ୍ରିମିକୁଠାର ବଟି—ସେବନରେ ସର୍ବପ୍ରକାର ଗାତ ଜ୍ୱର, ବିଷମଜ୍ୱର, ମ୍ୟାଲେରିଆ ଜ୍ୱର ପ୍ରଭୃତି ଅତ୍ୟଳ୍ପ କାଳ ମଧ୍ୟରେ ଏକାବେଳକେ ବିନଷ୍ଟ ହୁଏ । ଏଥିରେ ପ୍ଲୀହା

Digitized by srujanika@gmail.com

Split by PDF Splitter



ଯକୃତର କ୍ରିୟାକୁ ସମ୍ୟକ୍ ପ୍ରକାରରେ ଦମନ ଏବଂ ଶରୀର ସୁସ୍ଥ ସବଳ ପୁଷ୍ଟ ଓ କାନ୍ତିଯୁକ୍ତ କରେ ଏବଂ କେଶ ପକ୍ୱତା ନଷ୍ଟ କରେ ।

୧ ବାକ୍ସ (୨୦ ବଟି) ୧ ଟଙ୍କା ଡାକମାସୁଲ ।୵ ଅଣା

ଅଶୋକଘୃତ—ସେବନରେ ସର୍ବପ୍ରକାର ସ୍ତ୍ରୀ-ରୋଗ ପ୍ରଦର ରୋଗ ବହୁମୂତ୍ର ହୋଇ ସ୍ତ୍ରୀଲୋକ ସୁସ୍ଥା ବଳିଷ୍ଠା ଏବଂ କାନ୍ତିଯୁକ୍ତା ହୁଏ ।

୧ ସେର ୧ ଟଙ୍କା ।

କୋମ୍ପାନିର ବର୍ତ୍ତମାନ ମୂଳଧନ ୨୫୦୦୦ ଟଙ୍କା ୨୦୦ ଅଂଶରେ ବିଭକ୍ତ । ପ୍ରତି ଅଂଶର ମୂଲ୍ୟ ୧୦୦ ଟଙ୍କା ଅଂଶପ୍ରତି ବର୍ତ୍ତମାନ ୫ ୨୫ ଟଙ୍କା ଦେୟ । ଶୀଘ୍ର ୧୦୦୦୦୦ ଲକ୍ଷ ଟଙ୍କା ମୂଳ ବୃଦ୍ଧି ହୋଇ ୧୦୦୦୦ ଅଂଶରେ ବିଭକ୍ତ ହେବ ଏବଂ ପ୍ରତିଅଂଶର ମୂଲ୍ୟ ୧୦ ଟଙ୍କା ହେବ ଏବଂ ଅଂଶପ୍ରତି ୨୫ ଟଙ୍କା ଦେବାକୁ ହେବ । ଯେଉଁମାନେ ଟଙ୍କାର ଅଂଶ କ୍ରୟ କରିବାକୁ ଇଚ୍ଛୁକ ସତ୍ୱର ନାମ ଧାମ ଲେଖି ପଠାଇବେ ।

ସବ୍‌ଡିଷ୍ଟ୍ରିକ୍ଟ ଏଜେଣ୍ଟର ପ୍ରୟୋଜନ—ଏଜେଣ୍ଟ ଙ୍କୁ ଶତକଡ଼ା ୨୦ ଟଙ୍କା କମିଶନ ବାଦ ମୂଲ୍ୟ ଅଗ୍ରିମ ଦେବାକୁ ହେବ ।

ଅନ୍ୟାନ୍ୟ ତଥ୍ୟ ଜଣସ୍ୟ ଜାତବ୍ୟ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ ।

ସେକ୍ରେଟରୀ ଓ ଟ୍ରେଜରର

---

ବିଜ୍ଞାପନ ।

# ନୂତନପୁସ୍ତକ ।

ନିମ୍ନୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଙ୍ଗକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ କରା ଯାଉଅଛି ।

ତୁଳସୀସ୍ତବକ (ଦ୍ୱିତୀୟ ସଂସ୍କରଣ) ୪ ୦ ୵
ପଣ୍ଡିତଅମାନିକା (୩ୟ ସଂସ୍କରଣ) ୪ ୦ ୵
ମାଧବ (ସରଳ ସୁମଧୁର କାବ୍ୟ) ୪ ୦ ୵
ବସୁନ୍ଧରା ଚଉତିଶା ୨ୟ ସଂସ୍କରଣ ୪ ୦ ୵
ବସନ୍ତଯୋଗ ଚଉତିଶା ୧ମ ସଂସ୍କରଣ ୪ ୦ ୯୯
ଗୋ ଚଉତିଶା ୧ମ ସଂସ୍କରଣ ୪ ୦ ୵
ବିଷବୈଦ୍ୟ (ମଦ୍ୟବିରୁଦ୍ଧ ଦରେଲ୍ଗ୍ରନ୍ଥ) ୪ ୦ ୶
ରତ୍ନମାଳାର ଅର୍ଥପୁସ୍ତକ (୨ୟ ଖ) ୪ ୦ ୬୯
ନାଗରେଖଳ ବର୍ଣ୍ଣଶିକ୍ଷା ୪ ୦ ୵
ଦୁର୍ଗା ବନ୍ଦନା (କାବ୍ୟ) ୪ ୦ ୵
ପଦ୍ମାବତୀ ୪ ୦ । ସ୍ଥଳେ ୪ ୦ ୶
ଧ୍ୟାନମାଳା (ଷଷ୍ଠ ଭା) ୪ ୦ ୯୯

---

ବିଜ୍ଞାପନ ।

# ପଦ୍ୟ ଭଗବଦ୍‌ଗୀତା ।

(କୃଷ୍ଣସିଂହ ମହାଭାରତ ଭୀଷ୍ମପର୍ବ ଅନ୍ତର୍ଗତର ପଦ୍ୟ) ମୁଦ୍ରିତ ହୋଇ ବିକ୍ରୟ ହେଉଅଛି । ମୂଲ୍ୟ ୪ ୧ ୪ ୦ । ଡାକମାସୁଲ ୪ ୦ ୬

# ଆୟୁର୍ବେଦଚିକିତ୍ସା !

ଗବର୍ଣ୍ଣମେଣ୍ଟ ମେଡିକାଲ କଲେଜର ପରୀକ୍ଷୋତ୍ତୀର୍ଣ୍ଣ ଉପାଧି ପ୍ରାପ୍ତ ରାଜବୈଦ୍ୟ ଶ୍ରୀ ଚନ୍ଦ୍ରକିଶୋର ବିଦ୍ୟାରତ୍ନ ଙ୍କ ଦରଞ୍ଜନ କବିରାଜଙ୍କର ଆୟୁର୍ବେଦୀୟ ବିଦ୍ୟାଳୟ ଓ ଔଷଧାଳୟ

ନଂ ୩୮ ନୂଆ ଚିତ୍ପୁର ରୋଡ଼ କଲିକତା ।

---

ଭାରତବର୍ଷ ମଧ୍ୟରେ ଅଦ୍ୱିତୀୟ ଏହି ଔଷଧାଳୟରେ ମନ୍ତ୍ର ଶକ୍ତି ର ତୁଲ୍ୟ ଅତି ଆଶ୍ଚର୍ଯ୍ୟ ଶକ୍ତି ସମ୍ପନ୍ନ, ଚରକ ସୁଶ୍ରୁତ ସଂଗ୍ରହକାର ଲେଖିତ ଅମୋଘ ମହୌଷଧ ସବୁ ସୁଲଭ ମୂଲ୍ୟରେ ପ୍ରାପ୍ତ ହୁଏ ।

ଯେଉଁ ସକଳ ରୋଗଗ୍ରସ୍ତ ରୋଗୀ ଆମ୍ଭମାନଙ୍କଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କରନ୍ତି, ସେମାନେ ନିଜ ନିଜ ରୋଗର ଅବସ୍ଥା ଅନୁପୂର୍ବିକ ଲେଖି ଅର୍ଦ୍ଧ ଆଣାର ଡାକ ଟିକଟ ଲେଫାଫାରେ ଦେଇ ଆମ୍ଭମାନଙ୍କ ନିକଟକୁ ପଠାଇବେ ଓ ଔଷଧ ଭିପିଯୋଗେ ପଠାଇ ଥାଉ । ଏଥିପାଇଁ ପୃଥକ ହୁଏ ନାହିଁ ଉତ୍ତର ପ୍ରାର୍ଥୀମାନେ ଅର୍ଦ୍ଧଆଣାର ଟିକଟ ପତ୍ରମଧ୍ୟରେ ପଠାଇବେ ।

# ଚମତ୍କାରଜନକ

## ମହୌଷଧ ।

ଏରୂପ ଔଷଧ ଅଦ୍ୟାପି ଆବିଷ୍କୃତ ହୋଇ ନାହିଁ ।

୧ । କୈଶୋର ସାଲସା—ଦୁଷ୍ଟଶୋଣିତ ଶୋଧକ ଏବଂ ଶରୀର ପୁଷ୍ଟ ଓ ବଳବାନ ହେବାର ଅଦ୍ୱିତୀୟ ଔଷଧ ମୂଲ୍ୟ ପ୍ରତି ଶିଶି ୧୦ ଡାଃ ମାଃ ।୶

୨ । ମହାକାମେଶ୍ୱରମୋଦକ ଓ ଶୁକ୍ରମାତୃକା ବଟିକା ଏହା ଧାତୁ ଦୌର୍ବଲ୍ୟ ସ୍ୱପ୍ନଦୋଷ, ଧାରଣା ଶକ୍ତି ର ଅଭାବ, ନାନାପ୍ରକାର ମେହ, ବହୁମୂତ୍ର, ମୂତ୍ରକୃଚ୍ଛ୍ର, ଦଧିବର୍ଣ୍ଣ ପ୍ରସ୍ରାବ ଅବ୍ୟର୍ଥ ଔଷଧ ଏକ ଡବାର ମୂଲ୍ୟ ୨୲ ଡାଃ ମାଃ ୵

୩ । ପ୍ରମେହ ଗଜକେଶରୀ—ଏହା ଔପସର୍ଗିକ ମେହ (ଗନୋରିଆ) ମହୌଷଧ ୪ ଦିନ ମଧ୍ୟରେ ଆରୋଗ୍ୟ ହେବ ।

୪ । ଶିରୋତୈଳ—ଶିରୋରୋଗ, ମୁଣ୍ଡବଥା, ମସ୍ତିଷ୍କର ଅବ୍ୟର୍ଥ ଔଷଧ, ମୂଲ୍ୟ ପ୍ରତିଶିଶି ୧। ଡାଃ ମାଃ ।୶

୫ । ସର୍ବକ୍ଷତାନ୍ତକ ଘୃତ—ଏହା ଗର୍ମିର ଘା, ଦଦ୍ରୁ ଘା, ନାଳି ଘା, ପଦ୍ମିନୀ ଭଗନ୍ଦର ଘା, ପାଚିଲ ଘା, ପ୍ରଭୃତି ସର୍ବପ୍ରକାର କ୍ଷତର ଅବ୍ୟର୍ଥ ଔଷଧ ୨ ଦିନ ମାତ୍ର ବ୍ୟବହାର କଲେ ଆରୋଗ୍ୟ ହୁଏ ।

୬ । ମୁକ୍ତିମୃତ୍ୟୁଞ୍ଜୟୋଗ—ଏହା ସେବନ କଲେ ରକ୍ତପିତ୍ତ, ମୁଖରୁ ରକ୍ତ ପଡ଼ିବା, କାଶ, ରକ୍ତ ଆମାଶୟ, ରକ୍ତଅର୍ଶ ହେବା, ୩ ଦିନ ମଧ୍ୟରେ ଆରୋଗ୍ୟ ହୁଏ ମୂଲ୍ୟ ୨ ଡାଃ ମାଃ ।୶

# ବିଜ୍ଞାପନ ।

ଭଗବଦ୍‌ଗୀତା—ସମାଲୋଚନା ।

ରାଭେନ୍‌ସା କଲେଜର ଅଧ୍ୟାପକ ଶ୍ରୀଯୁକ୍ତ ଜୟଗୋପାଳ ଦେଙ୍କ ପ୍ରଣୀତ । ବଙ୍ଗଭାଷାରେ ଲିଖିତ । ମୂଲ୍ୟ ଛଅଣା ମାତ୍ର । ଏଥିରେ ଗୀତାର ଉପଦେଶ ଗୁଡ଼ିକ ବିଶଦରୂପେ ସମାଲୋଚିତ ହୋଇଅଛି । ଯୋଗ ସମ୍ବନ୍ଧୀୟ ବହୁ ଜ୍ଞାତବ୍ୟ ବିଷୟମାନ ଓ ଗୀତା ସମ୍ବନ୍ଧେ ମହାମହୋପାଧ୍ୟାୟ ପଣ୍ଡିତମାନଙ୍କର ମତ ଉଦ୍ଧୃତ ହୋଇଅଛି । ଏହା ପାଠ ନ କଲେ ଗୀତା ପାଠ ଅସମ୍ପୂର୍ଣ୍ଣ ହେବ । ଶ୍ରୀଯୁକ୍ତ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକାଳୟରେ ଓ କଟକ ପ୍ରିଣ୍ଟିଂ କୋମ୍ପାନୀର ଯନ୍ତ୍ରାଳୟରେ ପ୍ରାପ୍ତବ୍ୟ ।

---

# ବିଜ୍ଞାପନ ।

## ଚନ୍ଦ୍ରଭାଗା ।

ଦ୍ୱିତୀୟ ସଂସ୍କରଣ ।

କବିବର ଶ୍ରୀ ରାଧାନାଥ ରାୟଙ୍କ ପ୍ରଣୀତ କାବ୍ୟଗୁଡ଼ିକ ଉତ୍କଳ ସାହିତ୍ୟଭଣ୍ଡାରର ଗୋଟିଏ ଗୋଟିଏ ମହାମୂଲ୍ୟ ରତ୍ନବିଶେଷ । ସେହି ରତ୍ନମାନଙ୍କ ମଧ୍ୟରେ "ଚନ୍ଦ୍ରଭାଗା" ପୁଣି କୋହିନୂର ସଦୃଶ । କିନ୍ତୁ ତାହାର ପ୍ରତିଖଣ୍ଡର ମୂଲ୍ୟ ୪ ୦ ୵ ; ଯେଉଁମାନଙ୍କର ଏ ଅମୂଲ୍ୟମଣିକୁ ବ୍ୟବହାର କରିବାର ଇଚ୍ଛା ଥାଏ, ସେମାନେ କଟକ ପ୍ରିଣ୍ଟିଂକୋମ୍ପାନୀ କିମ୍ବା ବାବୁ ରାମପ୍ରସନ୍ନ ମୁଖର୍ଯ୍ୟିଙ୍କ ଦୋକାନରୁ ଅବିଲମ୍ବେ ଗ୍ରହଣ କରନ୍ତୁ । ଇତି

ଶ୍ରୀ ଅର୍ତ୍ତତ୍ରାଣ ମହାପାତ୍ର

କଟକ

---

ଉତ୍କଳଦୀପିକାର, ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ୪ ୦ ।୶ |
| ଅଧସ୍ତମ୍ଭ | ୪ ୨୯ |
| ପୂର୍ଣ୍ଣ ଏକ ସ୍ତମ୍ଭ | ୪ ୩୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତାହାର ଖର୍ଚ୍ଚ ୪ ୦ ୲ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ଅର୍ଦ୍ଧେକ ଓ ଚତୁର୍ଥାଂଶ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ପତ୍ର, କଟକ ପ୍ରିଣ୍ଟିଙ୍ଗ କୋମ୍ପାନୀର ଯନ୍ତ୍ରାଳୟରେ ୧୮୯୫ ନବେମ୍ବର ମୁଦ୍ରିତ ହେଲା

Digitized by srujanika@gmail.com

Split by PDF Splitter


# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଖ ୩୦ ଶ । ସଂ ୪୬ ଖ୍ୟା

ତା ୩୦ ଶେ ମାହେ ନଭେମ୍ବର ସନ ୧୮୯୪ ମସିହା। ମୁ। ତା ୧୬ ନ ମାର୍ଗଶିର ଶୁକ୍ର ୧୩୦୨ ସାଲ ଶୁକ୍ରବାର ।

ଅଗ୍ରିମ ଟ ୩ ।

ପଶ୍ଚାଦ୍ଦେୟ ଟ ୩।୯


ଶୀତ ଏବେଶ ଭଲେ ଅଛନ୍ତି କେବଳ କେହି ଗତ ସୋମବାରଠାରୁ ଜ୍ୱରପୀଡ଼ିତ ହୋଇଅଛ । ବର୍ଷିତ ଶୀତ କଷ୍ଟ ବାକସାସ୍ତି ଏବଂ ଖୋଲିକା ଓ ଷଗଡପଣ୍ଡ ବର୍ତ୍ତିକର ଅଳବ ଦେଲ । ଅନ୍ଯ ସବୁ କେବଳର—ସବୁଦଳେ କଷ୍ଟ, ବର୍ତ୍ତମାନ କୋଣ ଜ୍ୱରରେ ଲଳଖା ବଢ଼ା ।

———

କଲିଷ୍ଟ ବାଟୋଲର ସ୍ୱଜା ତୀର୍ଥ ଭ୍ରମଣ ଉଦ୍ଦେଶରେ ଗଡ଼ରୁ ଯାତ୍ରା କରି ଏ ଜଗଦ୍ଦେବାଙ୍କେ ଗତ ସୋମବାର କେଲିକଯାନ୍ତୁ ଗମନ କଲେ । ଉତ୍ତରଦେଶ୍ତେ ଦଣ୍ଡୀଅର୍ଯ୍ୟନ୍ତ ଏବଂ ଦକ୍ଷିଣରେ ସେତୁବନ୍ଧ ସ୍ୱାମଣ୍ଡଳ ପର୍ଯ୍ୟନ୍ତ ଭ୍ରମଣ କରିବା ସ୍ୱଜା ମହୋଦୟଙ୍କର ସଙ୍କଳ୍ପ ।

———

ବାବୁ ତୈଲୋକ୍ୟନାଥ ଚକ୍ରବର୍ତ୍ତୀ ନଇସିଂହ ପୁରର ନାବାଳଗ ସ୍ୱଜାଙ୍କର ଅଭିଭାବକ ଶିକ୍ଷକ ନିଯୁକ୍ତ ହୋଇଥିଲେ । ତାହାଙ୍କର କାର୍ଯ୍ୟ ସନ୍ତୋଷ ଜନକ ହେଲା ନାହିଁ । ତେଣୁ ସେ ଇସ୍ତଫା ଦେଇ ଅଛନ୍ତି । ତାହାଙ୍କ ନିଯୋଗ ସମୟରେ ଅମ୍ଭେମାନେ ସନ୍ଦେହ ପ୍ରକାଶ କରିଥିଲୁ । ଫଳେ ତାହାହିଁ ଦେଖାଗଲା ଭରସା କରୁଁ ବର୍ତ୍ତମାନର ନିଯୋଗ ସନ୍ତୋଷ ଜନକ ହେବ ।

———

ବଙ୍ଗ-ନାଗପୁର ରେଲୱାଏର ସିନି ମେଦନୀପୁର ଶାଖାର କାର୍ଯ୍ୟ ଅବଲମ୍ବେ ଆ...ରମ୍ଭ ହୋଇଅଛି । ଖଡ଼ଗପୁର ଏସ୍ ଇନ୍ସପେକ୍ଟର ବର୍ତ୍ତମାନ ଭଗବାନ ସୁପ୍ରଣୀତ ଇଞ୍ଜିନିୟର ନିଯୁକ୍ତ ହୋଇ ଅଛି ଏହି ରେଲ ଗାଡ଼ୀଲାଇନ ଠାରେ କଲିକତାରେ ଗଙ୍ଗା ଚାଲିଯାଉ ସେଥିକବା ଯୋଗ୍ୟନ୍ତି ଅଛି । ଏ ର ଦକ୍ଷିଣାଂଶ କଟକ—ମେଦନୀପୁର ସମ୍ବନ୍ଧରେ ଆଉ କିଛି ଶୁଣା ଯାଇ ନାହିଁ ।

———

କାଶୀପୁ ମହାସମିତିର ବାର୍ଷିକ ଅଧିବେଶନ ଆଗାମୀ ମାସ ଶେଷ ସପ୍ତାହ ଅର୍ଥାତ୍ ବଡ଼ଦିନ ସମୟରେ ଏଥର ମନ୍ଦ୍ରାଜରେ ହେବ । ସେଠାକେ ଏହି ଅଧିବେଶନର କର୍ମକର୍ତ୍ତା ଓ ଅଭ୍ୟୋଗତ ସେଥିର ଉତ୍ସାହ ସହିତ ଦେଖୁଅଛି ତହିଁରୁ ଜଣାଯାଏ ଯେ ଅନ୍ୟାନ୍ୟ ବର୍ଷର ଏବର୍ଷର ଅଧିବେଶନର ସମାରୋହ କୌଣସିମତେ ଊଣା ହେବ ନାହିଁ । ଭାରତବର୍ଷର ନାନା ସ୍ଥାନରେ ପ୍ରତିନିଧି ନିର୍ବାଚନର ଧୂମ ଲାଗିଅଛି । ଓଡ଼ିଶା ଗତ ତେତେକ ଅଧିବେଶନରେ ଯୋଗ ଦେଇ ନାହିଁ । ଏଥର ଜାଗ୍ରତ ହେବ କି ?

———

ସଇସାହି ଏବଂ ବର୍ଦ୍ଧମାନ ଡିଭିଜନର ସ୍କୁଲ ଇନସ୍ପେକ୍ଟର ସର୍କୁଲର ଜାରି କରିଅଛନ୍ତି କି ହେଡ଼ ଓଁ ଏନ୍ଟ୍ରାନ୍ସ ସ୍କୁଲରେ ଅନ୍ତତଃ ଏକଜଣ ଏମ, ଏ, ଅଥବା ବି, ଏ, ଦୁଇଜଣ ଏଫ, ଏ, ଏବଂ ଦୁଇଜଣ ଏଣ୍ଟ୍ରାନ୍ସ ପରୀକ୍ଷୋତ୍ତୀର୍ଣ୍ଣ ଶିକ୍ଷକ ନ ଥିଲେ ସେ ସ୍କୁଲ ଏଣ୍ଟ୍ରାନ୍ସ ସ୍କୁଲର ଅନ୍ତର୍ଭୁକ୍ତ ହେବା ନାହିଁ । ସେ ସାହାଯ୍ୟକାଣ୍ଟ ନେବେ ନାହିଁ ଶିକ୍ଷା ବିଭାଗର ଡାଇରେକ୍ଟର ଏଥିରେ ସମ୍ମତି ପ୍ରଦାନ କରି ବାରୁ ଉକ୍ତ ହୋଇଅଛି ଯେ ଏ ନିୟମ ବଙ୍ଗ ବିହାର ଓଡ଼ିଶା ସର୍ବତ୍ରରେ ପ୍ରଚଳିତ ହୋଇପାରେ । ଏ ସମ୍ପ୍ରଦାୟଙ୍କ ସଂଖ୍ୟା ଅବଶ୍ୟ ଏତେ ପ୍ରଚୁର ହୋଇ ନାହିଁ ଯେ ଏହି ନିୟମ ଅବିଳମ୍ବରେ ସକଳ ସ୍ଥଳେ ପ୍ରତିପାଳିତ ହୋଇ ପାରିବ । ଶିକ୍ଷକଙ୍କ କାର୍ଯ୍ୟ ଦେଖି ବଢ଼େଇବା କରିବା ଯଥେଷ୍ଟ । ଭୂଷ ଉପାଧି ପାଇଁ ଏତେ ବ୍ୟସ୍ତ କାହିଁକି ?

———

ଓଡ଼ିଶା ଓ ଉତ୍ତରବାଙ୍ଗଳା ଅବଗତ ହେଲୁଁ ଯେ ବାଲେଶ୍ୱରରେ ଥାନକାଣ୍ଡ ମାମଲା କ୍ରମାଗତ ବୃଦ୍ଧି ହେଉଅଛି ଏବଂ ସେଥିଂମାନେ ଫଉଜଦାରୀରେ ନାଲିଷ କରୁଥିବାନ୍ତି ସେ ଠାରୁ ନୂତନ ମାଜିଷ୍ଟ୍ରେଟ ସେମାନଙ୍କୁ ଦେବାନୀ ଅଦାଲତକୁ ପଠାଉଅଛନ୍ତି । ସମସ୍ତଙ୍କର ଯେବେ ମାଜିଷ୍ଟ୍ରେଟ ଏପରି କରୁଥିବେ ତେବେ ମାମଲା ବୃଦ୍ଧି ହେବାର କଥା ନୁହେ । ଅନେକ ଦୁଷ୍ଟ ଓ ଷମତାପନ୍ନ ଲୋକ କାହାରକୁ ଜବଦ ଅଥବା କିଛି ସହି ସମ୍ବନ୍ଧରେ ସ୍ୱାର୍ଥ କରିବା ଅଭିପ୍ରାୟରେ ବଳପୂର୍ବକ ତାହ ଉପରେ ଦାବି କରନ୍ତି ଓ ଆଗାମୀ କରେନାବସ୍ତରେ ଯଦି ଜମ୍ଭାଇବା ଅଧାରେ ଥାଇ-

Digitized by srujanika@gmail.com

Split by PDF Splitter



କିଛା ଅଭ୍ୟାସର ବାଡ଼େଇ ରେ ବୃଦ୍ଧି ହେବା ବାଳକମାନଙ୍କ ଅଡ଼େଇ ନାହିଁ । ମାଜିଷ୍ଟ୍ରେଟ ଯେବେ ସେମାନଙ୍କୁ ଶାସନ ନ କରି ଦୁର୍ବଳ ପକ୍ଷକୁ ଦେବ.ମାନମାନଙ୍କର କଷ୍ଟ ଓ ବ୍ୟୟ ସହିବାକୁ ବାଧ୍ୟ କରନ୍ତେ ତେବେ ତାହା ଅନ୍ୟାୟର ଭିତ୍ତି ନ ବୋଲିଯିବ ? ।

—※—

ବଙ୍ଗୀୟ ପ୍ରଭାସର ଆଇନ ଅନୁସାରେ ମାନ୍ୟବର ବଙ୍ଗୀୟ ଲେଫ୍ଟେନାଣ୍ଟ ଗତ ମାସ ତା ୨୦ ରିଖରେ କଲିକତା ଗେଜେଟରେ ବିଜ୍ଞାପନ ପ୍ରଚାର କରି ଅଛନ୍ତି କି ପୁରୀ ଜିଲ୍ଲା ଅନ୍ତର୍ଗତ ଖୋର୍ଦ୍ଧା ଖାସମହାଲର ସମସ୍ତ ଜଙ୍ଗଲ ଯୋଡ଼ରେ ଥିବା ଜମି ଜରିପ ହେବ ଏବଂ ସ୍ୱତ୍ୱାଧିକାରୀଙ୍କ ସ୍ୱତ୍ୱର ଲିପି ପ୍ରସ୍ତୁତ ହେବ । ଅଧିକ ଏକ ବିଜ୍ଞାପନରୁ ପ୍ରକାଶ ଯେ ଖୋର୍ଦ୍ଧା ଖାସମହାଲରେ ଥିବା ସମସ୍ତ ଜମି ଜରିପ ହେବ ଏବଂ ମାହାଲ ଓ ଜଙ୍ଗଲ ମାହାଲ ମୌଜା ଓ ଗ୍ରାମମାନଙ୍କର ସୀମାବନ୍ଦ ଚିହ୍ନିତ ହେବ । ଏହି ସମସ୍ତ କାର୍ଯ୍ୟ ନିର୍ବାହ ନିମନ୍ତେ ଗବର୍ଣ୍ଣମେଣ୍ଟ ଶ୍ରୀଯୁକ୍ତ ଆର, ସି, ଲଙ୍ଗେ ସାହେବଙ୍କ ସଙ୍ଗରେ ସୁପ୍ରିଣ୍ଟ ଅସିଷ୍ଟାଣ୍ଟ ସେଟଲମେଣ୍ଟ ଅଫିସର ନିଯୁକ୍ତ କରି ଅଛନ୍ତି ଏବଂ ତାହାଙ୍କୁ ରେଭିନ୍ୟୁ ଅଫିସରଙ୍କ କ୍ଷମତା ଦେଇଅଛନ୍ତି ।

———

କଲିକତା ବିଶ୍ୱବିଦ୍ୟାଳୟର ଉତ୍କଳୀୟ ପାଠ୍ୟ ସମିତି ମିଃ ରମେଶଚନ୍ଦ୍ର ଦତ୍ତଙ୍କ ଇତିହାସ ବଦଳରେ ପଣ୍ଡିତ ହରପ୍ରସାଦ ଶାସ୍ତ୍ରୀଙ୍କ ଇତିହାସ ଏଣ୍ଟ୍ରେନସ ପରୀକ୍ଷାର ପାଠ୍ୟ ପୁସ୍ତକ ଧାର୍ଯ୍ୟ କରିଅଛନ୍ତି । ଶାସ୍ତ୍ରୀ ମହାଶୟଙ୍କ ଏହି ଇତିହାସର ଇଂରାଜୀ ଭାଷା ଏତେ ଅଶୁଦ୍ଧ ଯେ ପ୍ରଥମେ ଝଣ୍ଡେଲି ଥାନ୍ଦେବ ଏବଂ ୨ୟ ସଂସ୍କରଣରେ ସେ, ପାଇଥିଲି ବନ୍ଧୁ ପ୍ରଫେସର ମାଷ୍ଟରମାନେ ବହୁ ପରି ସହଜ ଶୁଦ୍ଧ କରିଦେଲେ ମଧ୍ୟ ଅନେକ ଅଧିକ ଭ୍ରମ ରହିଅଛି । ତଥାପି ଏହି ପୁସ୍ତକ ସମିତି ଧାର୍ଯ୍ୟ କଲେ ଏବଂ ଅଦ୍ଭୁତ ଅସ୍ତ୍ରୀଏର କରଣ ଏହଶୀରୋମାନେ ସଂସ୍କୃତ କହୁଅଛନ୍ତି ସେହିମାନେ ସମିତିର ସଭ୍ୟ ଥିବାରୁ ଏ ମୋର ଏବଶ୍ୟ ମୀମାଂସା କଲେ । ବଙ୍ଗଳାର ଅନେକ ସମ୍ବାଦପତ୍ର ଏଥିର ପ୍ରତିବାଦ କରି ବିଶ୍ୱବିଦ୍ୟାଳୟର କର୍ତ୍ତାମାନଙ୍କୁ ସମିତିର ପ୍ରସ୍ତାବ ଅଗ୍ରାହ୍ୟ କରିବାକୁ ଅନୁରୋଧ କରିଅଛନ୍ତି । ବିଶ୍ୱବିଦ୍ୟାଳୟର ମହା ପଣ୍ଡିତମାନେ ସାଧାରଣଙ୍କ ଗୁହାରି ଶୁଣିବେକି ?

———

ଯାଜପୁରରୁ ସମ୍ବାଦ ପାଇଅଛୁଁ ଯେ ସେଠାର କୃଷି ଓ ଶିଳ୍ପପ୍ରଦର୍ଶନ କମିଟି ଗତ ତା ୧୬ ରିଖର ଅଧିବେଶନରେ ପୁରୁଣା ବୈତରଣୀ ନଦୀର ଅପରପାର୍ଶ୍ୱ ମୋହନଗୋପାଳ ଗ୍ରାମର ବୃହତ୍ ଆମ୍ବ ବଗିଚା ପ୍ରଦର୍ଶନର ସ୍ଥାନ ନିରୂପଣ କରି ଗୃହ ନିର୍ମାଣ ଓ ପ୍ରାଥମିକ ଖର୍ଚ୍ଚ ନିମନ୍ତେ ଟ ୪୦୦୯ ମଞ୍ଜୁର କରିଅଛନ୍ତି ଏବଂ ନିର୍ମାଣ କାର୍ଯ୍ୟର ତଦାରଖ ବାବୁ ଗୋଇ ଖେତ୍ରମୋହନ ଚାଉ ପ୍ରଭୃତିଙ୍କୁ ଦେଇ ଅଛନ୍ତି । ନେପାଳରୁ କେତେ ଫୁଲ ନିମନ୍ତେ ଜଣେ ଉପଯୁକ୍ତ ନିଯୁକ୍ତ ହୋଇଅଛି । ଏପର୍ଯ୍ୟନ୍ତ ଟ ୨୫୦୦୯ ଟା ଦେବା ସ୍ୱୀକାର ହୋଇ ତହିଁ ମଧ୍ୟରୁ ଟ ୭୦୦୯ ଆଦାୟ ହୋଇଅଛି । ଆଗାମୀ ଜାନୁୟାରୀ ମାସ ତା ୨୦ ରିଖରେ ପ୍ରଦର୍ଶନୀ ଫିଟିବାର ସ୍ଥିର ହୋଇ କମିଶନର ସାହେବଙ୍କ ନିକଟକୁ ସମ୍ବାଦ ହେବା କାରଣ ପତ୍ର ଅର୍ପି ତାଙ୍କେ ସେ ସଦୟତାରକ ଅଫିସର ଏବଂ ମହାଶୟଙ୍କୁ ଧନ୍ୟବାଦ ଦେଇ ସ୍ୱୟଂ ଜାନୁୟାରୀ ମାସ ତା ୧୦ ରିଖରେ ଯାଜପୁରକୁ ଯାଇ ଏହା ଖୋଲି ଏ ଜିଲ୍ଲାର ଲୋକଙ୍କ ଉତ୍ସାହ ଦେବାର ଭରସା ଦେଇ ଅଛନ୍ତି । ସ୍ଥାନୀୟ ପ୍ରଧାନ ବାବୁମାନଙ୍କ ଚେଷ୍ଟାରେ ଅବଶ୍ୟକୀୟ ଟଙ୍କା ଉଠିବା ବଡ଼ କଥା ନୁହେଁ । ଭରସା କରୁଁ କାର୍ଯ୍ୟ ସଫଳ ହେବ ।

———

ବଙ୍ଗଳାର ପଥଭଙ୍ଗୋଇଲା ଶଣସବୁର ତାର୍ପଣ ନିମନ୍ତେ ଅବଶ୍ୟକୀୟ ଭୂମି ଅର୍ଥାତ୍ ମୂଲ୍ୟ ପ୍ରାପ୍ତି ବିଷୟରେ ଅସୁବିଧା ଘଟିବାରୁ ତହିଁର ଉପାୟ କରିବା କାରଣ ବଙ୍ଗୀୟ କର୍ଣ୍ଣେଲଙ୍କ ମାନ୍ୟବର ଲେଫ୍ଟେନାଣ୍ଟ ବାହାଦୁରଙ୍କ ନିକଟରେ ଆବେଦନ କରିଥିଲେ । ମାନ୍ୟବର ମହୋଦୟ ଆବେଦନକାରୀଙ୍କ ବାଞ୍ଛା ପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ କୋଟିଏ ଭୂମି କମିଶନ ବସାଇବାର ଆଦେଶ ଦେଇ ଅଛନ୍ତି । ବର୍ଦ୍ଧମାନର କମିଶନର ଶ୍ରୀଯୁକ୍ତ ଉଇଲିୟମସ ସାହେବ ଏହି କମିଶନର ସଭାପତି ଏବଂ ମଙ୍ଗଳ ରେଲ ସମ୍ପ୍ରଦ ଇନସ୍ପେକ୍ଟର ଏବଂ ଜଣେ ପ୍ରଜାପକ୍ଷରୁ ଜଣେ ସାହେବ ଏବଂ ଜଣେ ଏଦେଶୀୟ ଭଦ୍ରବ୍ୟକ୍ତି ଏହାର ସଭ୍ୟ ହେବେ । ଏ କାରଣରୁ ଉପରୋକ୍ତ ନିମନ୍ତେ ଭୂମି ଅପ୍ରାପ୍ୟ, ଭୂମିମାନେ କେଉଁ ମୂଲ୍ୟ ଏବଂ ଅଲ୍ପ ବା ବଳ ଦାମରେ ପାଇଅଛନ୍ତି, ଖଣ୍ଡ ସ୍ଥାନର ଜଳବାୟୁ କେମନ୍ତ, କେଉଁ ଶ୍ରେଣୀର ଲୋକମାନଙ୍କର ଦ୍ୱାରା ଉଚ୍ଛ୍ୱାସ ହେବ ଏବଂ କି ନିୟମରେ ପରା ଯିବେ ଇତ୍ୟାଦି ବିଷୟ ଉକ୍ତ କମିଶନ ଅନୁସନ୍ଧାନ କରି ଗବର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ କରିବେ । ଏପରି ଆଶାନ୍ତରୁ ପ୍ରେରିତ ହେଉଥିବା କୁଲି ସମ୍ବନ୍ଧରେ ଅନେକ ଅସନ୍ତୋଷ ଓ ଅଭିଯୋଗର ହେତୁ ଥିବାରୁ ତନ୍ନିବାରଣାର୍ଥେ ସମସ୍ତ ଗଡ଼ା ଗେଲିର ମାଲିକମାନେ ଏକ ଯୋଗରେ କୁଲି ସଂଗ୍ରହ କରିବାର ସୁବିଧା ହେବ କି ନାହିଁ କମିଶନ ଏ ବିଷୟ ମଧ୍ୟ ବୁଝି ରିପୋର୍ଟ କରିବେ ।

———

ବଙ୍ଗୀୟ ସ୍ୱାସ୍ଥ୍ୟ କମିଶନରଙ୍କର ଓଲଉଠା ନିବାରଣାର୍ଥ କୂପ ପରିଷ୍କାର କରିବାର ନିୟମାବଳୀ ଏଠା ମ୍ୟୁନିସିପାଲିଟିଙ୍କ ଅନୁରୋଧ କ୍ରମେ ସର୍ବସାଧାରଣଙ୍କ ଗୋଚର ନିମନ୍ତେ ପ୍ରକାଶିତ ହେଲା ଯଥା;

ପ୍ରତିବର୍ଷ ବୈଶାଖମାସରେ ବର୍ଷା କାଳ ପୂର୍ବେ କୂପମାନ ଏହାର ତଳଯାଏ ସଫା କରି ଓ ଖୋଳିବା ଓ ନିବନ୍ଧ ଶିଉଳି ଇତ୍ୟାଦି ସଫା ହେବ । ଯେଉଁ କୂଅ ସଫା କରିବା ଥରେ ଥରସାର ତା ସମ୍ଭବ ନ ହେବ ସେଥିରେ ନିର୍ଦ୍ଦିଷ୍ଟ ହିସାବରେ କଲିଚୂନ ମିଶାଇବ ଯଥା ।

କୌଣସି କୂପରେ ବ୍ୟାସ ଫୁଟ ଓ ତାହାର ଜଳ ପରିମାଣ ଫୁଟ ହେଲେ ୬ କୁ ୬ ଦ୍ୱାରା ଗୁଣିଲେ ଫଳ ୩୬ ଏବଂ ଏହି ୩୬ କୁ ୫ ଦ୍ୱାରା ଗୁଣିଲେ ଫଳ ୧୮୦ ହେବ । ଏହି ୧୮୦ କୁ ଦଶରେ ଭାଗ କଲେ ଫଳ ୧୮ ହେବ । ଅତଏବ କୂପଜଳରେ ୧୮ ପାଉଣ୍ଡ ଅର୍ଥାତ୍ କାଳଶର ସେ ୯ ର ଚୂନ ମିଶାଇବାକୁ ହେବ ତାହାହେଲେ ଫି ବ ୧୦୦୦ ଗ୍ୟାଲନ ପାଣିରେ ଚୂନ ଦୁଇ ସେର ହେଉଅଛି ।

କୂପରେ ବେଙ୍ଗ ଥିଲେ କଲିଚୂନ ମିଶାଇବା ପୂର୍ବରୁ ସେମାନଙ୍କୁ ବାହାର କରିଦେବ । କାରଣ ମଲାବେଙ୍ଗ ପାଣିରେ ରହିଲେ ପାଣି ସଢ଼ିବାର ହେତୁ ହୋଇ ଆହୁରି ଅଧିକ ଦୂଷିତ ହେବ ।

ଯେଉଁଠାରେ ପାଣି ଅତ୍ୟନ୍ତ ଦୂଷିତ ବୋଲି ହେଉଥିବ ସେଠାରେ ଉକ୍ତ କୂପପାଣିରେ ପରମେଙ୍ଗାନେଟ ପୋଟାସିୟମ୍ ମିଶାଇବାକୁ ହେବ ଏହି କୂପଜଳରେ ଏକ ଆଉନ୍ସ ଅର୍ଥାତ୍ ଏକ ଭରିଏ ମିଶାଇଲେ ଯଥେଷ୍ଟ କାରଣ ତାହା ଉକ୍ତ ପାଣିସଙ୍ଗେ ଉତ୍ତମରୂପେ ମିଶାଇବାକୁ ହେବ ।

———

Digitized by srujanika@gmail.com

ଅନେକ ଇଉରୋପୀୟ ଅଳ୍ପକାଳ ନିମନ୍ତେ ଭ୍ରମଣ ବା କାର୍ଯ୍ୟୋପଲକ୍ଷରେ ଭାରତବର୍ଷକୁ ଆସି ହିନ୍ଦୁମାନଙ୍କର ଆଚାର ବ୍ୟବହାର ଓ ନାନା ପ୍ରଥାକୁ ସ୍ଥୂଳ ଦୃଷ୍ଟିରେ କୁସଂସ୍କାର ପୂର୍ଣ୍ଣ ବା ଅର୍ଥଶୂନ୍ୟ ମନେ କରନ୍ତି ଏହା ବଡ଼ ନୂତନ । ଅନେକ ଇଂରାଜୀ-ଶିକ୍ଷିତ ଦେଶୀୟ ଲୋକ ଏବଂ ସେମାନଙ୍କ ସଙ୍ଗରେ ବଢ଼ିବା ଅପର ଲୋକମାନଙ୍କର ଏପରି ଧାରଣା ହେବା ଅବଶ୍ୟ ବଡ଼ ଅଟେ । ସୁଖର ବିଷୟ ଯେ ଏଣିକି ଜ୍ଞାନ ବିସ୍ତାର ହେଉ ଯେମନ୍ତ ଦେଶୀୟ ଲୋକଙ୍କର ଭ୍ରମ କ୍ରମେ ଦୂରୀଭୂତ ହେଉଅଛି ଇଉରୋପୀୟଙ୍କ ମଧ୍ୟରେ ଯେଉଁମାନେ ଏଦେଶରେ ଥାଇ ବହୁକାଳ ତର୍କରେ ବିଶେଷ ଶ୍ରମ କରୁଅଛନ୍ତି ସେମାନଙ୍କର ଭ୍ରମ ମଧ୍ୟ ସେମନ୍ତ ସଂଶୋଧିତ ହେଉଅଛି । ଉତ୍ତର ପଶ୍ଚିମ ଗବର୍ଣ୍ଣମେଣ୍ଟର ସ୍ୱାସ୍ଥ୍ୟରକ୍ଷକ ପରୀକ୍ଷକ ଅଧ୍ୟାପକ ହାଙ୍କିନ୍‌ସାହେବ ଜଣେ ସେହିପରି ଲୋକ ଅଟନ୍ତି । ସେ ଓଲାଉଠା ପୀଡ଼ାର ଉତ୍ପତ୍ତି ଓ ସଂଚାର ସ୍ଥିର କରିବା ଅଭିପ୍ରାୟରେ ଭିନ୍ନ ପ୍ରଦେଶର ଗ୍ରାମ୨ ବୁଲି ନାନାଜାତୀୟ ପରୀକ୍ଷା କରୁଅଛନ୍ତି ଯେହେତୁ ପାନୀୟ ଜଳର ବିଶୁଦ୍ଧତା ଉପରେ ସ୍ୱାସ୍ଥ୍ୟ ବିଶେଷରୂପେ ନିର୍ଭର କରେ । ସେ କହୁଅଛନ୍ତି କି ଜଳର ବିଶୁଦ୍ଧତା ରକ୍ଷା କରିବା ବିଷୟରେ ହିନ୍ଦୁମାନଙ୍କର ଆଚାର ବ୍ୟବହାର ଅତ୍ୟନ୍ତ ଉପଯୋଗୀ । ଗୋଟିଏ ଲୋକ ନିର୍ମିତ ପଦ୍ଧତିର ପାଣିରେ କୂଅରୁ ଜଳକାଢ଼ି ଅନ୍ୟାନ୍ୟ ପାତ୍ରରେ ତହିଁରୁ ଅଳ୍ପ ରଖି ଜଳ ଢାଳିଦେବା କୂଅର ସ୍ୱାମି ସ୍ୱୀୟ ସେ ପାତ୍ରର ଅନ୍ୟ ବ୍ୟବହାର ନ କରିବା, ଅପର ଜାତିର ଲୋକ ଅଥବା ଅପରିଷ୍କାର ବ୍ୟବସାୟୀ ଜାତୀୟ ଲୋକଙ୍କୁ ସେହି କୂଅ ବା ପାତ୍ର ଛୁଇଁବାକୁ ନ ଦେବା ବଡ଼ ସୁନ୍ଦର ରୀତି ଅଟଇ । ବୈଜ୍ଞାନିକମାନେ ଏସବୁ ସାବଧାନତାର ମୂଲ୍ୟ ଜାଣନ୍ତି । ଏଥିରୁ ସ୍ପଷ୍ଟ ଜଣାଯାଉଅଛି ଯେ ଖାଦ୍ୟ ଓ ଜଳ ସ୍ପର୍ଶ ବିଷୟରେ ହିନ୍ଦୁମାନଙ୍କର କଠୋର ଆଚାର ଓ ଜାତିଭେଦ ବସ୍ତୁତଃ ନିତାନ୍ତ ଅର୍ଥଶୂନ୍ୟ କୁସଂସ୍କାର ନୁହେ । ଏହାର ମୂଳରେ ସ୍ୱାସ୍ଥ୍ୟ ରକ୍ଷାର ବୈଜ୍ଞାନିକ ତତ୍ତ୍ୱ ଅଛି ।

---

## ସର୍ଭେସ୍କୁଲ ।

ବଙ୍ଗୀୟ ଶିକ୍ଷା ବିଭାଗର ଗତ ବାର୍ଷିକ ରିପୋର୍ଟରେ ସର୍ଭେ ସ୍କୁଲମାନଙ୍କ ସମ୍ବନ୍ଧରେ ଲେଖା ଅଛି ଯେ ତାହା ପାଟନା ଏବଂ କଟକ ଏହି ଦୁଇଗୋଟି ସରକାରୀ ସର୍ଭେସ୍କୁଲର ମୋଟରେ ଗତ ୬୯୭ ତ ନିମନ୍ତେ ବର୍ଷ ମଧ୍ୟରେ ଟ ୧୭୫୧୬୯ ଙ୍କା ଖରଚ ପଡ଼ିଥିଲା ଏବଂ ଟ ୧୦୫୭୬୯ଙ୍କା ଫିସ ଓ ଜରିମାନା ଆଦାୟ ହୋଇଥିଲା । ସୁତରାଂ ଛାତ୍ରପ୍ରତି ବ୍ୟୟ ହେବା ଟ ୬୧୯୯ଙ୍କା ମଧ୍ୟରୁ ସରକାର ତହବିଲରୁ ଟ ୧୧୯ଙ୍କା ଲେଖାଏଁ ପଡ଼ିଥିଲା । ପାଟଣା ସ୍କୁଲର ୨ୟ ବାର୍ଷିକ ଶ୍ରେଣୀର ଛାତ୍ରମାନେ ୫୦ ବର୍ଗ ମାଇଲ ଜରିପ କରି କଥିତ ଚିହ୍ନିତ ନକସା ପ୍ରସ୍ତୁତ କରି ଅଛନ୍ତି ଏବଂ ତାହା କେତେଦୂର ଠିକ ହୋଇଅଛି ତହିଁର ପରୀକ୍ଷା ହେଉଅଛି । ସର୍ଭେସ୍କୁଲର ଉନ୍ନତି ନିମନ୍ତେ ନିମ୍ନଲିଖିତ ପ୍ରସ୍ତାବମାନ ଅଗତ ହୋଇ ଅଛି ଯଥା ୧—ସ୍କୁଲର ବ୍ୟୟ ନିର୍ବାହାର୍ଥେ ଛାତ୍ର ବେତନ ବୃଦ୍ଧି କରିବା, ୨—ଛାତ୍ରମାନଙ୍କର ତାହାରେ ଅଧିକ ଏବଂ ପାଟନା ଓ କଟକରେ ଅଳ୍ପ ଇଂରାଜୀ ଜାଣିବା ଆବଶ୍ୟକ, ୩—ପ୍ରଥମ ବର୍ଷର ପାଠ୍ୟ ଏପରି ହେବ ଯେ ତହିଁରେ ଉତ୍ତୀର୍ଣ୍ଣ ହେବା ଛାତ୍ରମାନେ ଆମିନ ସ୍ୱରୂପ ସରକାରୀ କାର୍ଯ୍ୟ ନିର୍ବାହ କରିବାର ଯୋଗ୍ୟ ହେବେ; ୪—ପାଠ୍ୟ ବିଷୟ ସମସ୍ତଙ୍କ ସକାଶେ ଅଥବା ଇଷ୍ଟମତେ ଏପରି ବିସ୍ତୃତ ହେବ ଯେ କାଠ ଏବଂ ଲୁହାର କାର୍ଯ୍ୟ ନିଜ ହାତରେ କରିପାରିବେ, ୫—ସର୍ଭେସ୍କୁଲମାନ ସରକାରୀ ବିଭାଗ ସଙ୍ଗରେ ଅଧିକ ନୈକଟ୍ୟ ଭାବରେ ସଂଯୋଜିତ ହେବ, ୬—ସମସ୍ତ ସ୍କୁଲ ପ୍ରତିବର୍ଷ ଗୋଟିଏ ଲେଖାଏଁ କେଡ଼ାଷ୍ଟ୍ରେଲ ସର୍ଭେ ଅର୍ଥାତ୍ କ୍ଷେତ୍ର ଚିହ୍ନିତ ଜରିପ କରିବେ । ଉପର ଲିଖିତ ପ୍ରସ୍ତାବାନୁସାରେ ସର୍ଭେ ସ୍କୁଲମାନଙ୍କୁ ସରକାରୀ ବିଭାଗ ସଙ୍ଗେ ଅଧିକତର ସାକ୍ଷାତ ରୂପେ ଯୋଗ କରିବାର ଆଦେଶ ଏଥିମଧ୍ୟରେ ଗବର୍ଣ୍ଣମେଣ୍ଟ ପ୍ରଦାନ କରି ଅଛନ୍ତି ଯେ ତଦ୍ୱାରା ସର୍ଭେସ୍କୁଲର ଶିକ୍ଷିତ ଛାତ୍ରମାନଙ୍କୁ ଛାଡ଼ି ଅଶିକ୍ଷିତ ଲୋକଙ୍କୁ କଲେକ୍ଟରମାନେ ସରକାରୀ କାର୍ଯ୍ୟରେ ନିଯୁକ୍ତ କରିବାର ସୁବିଧା ଆଉ ହେବ ନାହିଁ । ସମସ୍ତ ବିଷୟ ବର୍ତ୍ତମାନ ଶିକ୍ଷାବିଭାଗର ଡାଇରେକ୍ଟର ସର ଆଲଫ୍ରେଡ କ୍ରଫ୍ଟ ଏବଂ ବଙ୍ଗ ସର୍ଭେ ବିଭାଗର ପୂର୍ବ ଡାଇରେକ୍ଟର କର୍ଣ୍ଣେଲ ସାଣ୍ଡିମାନଙ୍କ ବିବେଚନାଧୀନରେ ଅଛି ଗବର୍ଣ୍ଣମେଣ୍ଟଙ୍କ ଶେଷ ନିଷ୍ପତ୍ତି ନିମନ୍ତେ ଶୀଘ୍ର ଉପସ୍ଥିତ ହେବ । ଉପର ଲିଖିତ ବିବରଣ ପାଠ କରି ଆମ୍ଭେମାନେ ଆନନ୍ଦିତ ହୋଇ ଅଛୁଁ । ଏକ ସମୟରେ ସର୍ଭେ ବିଦ୍ୟାଳୟମାନ ଉଠାଇଦେବାର ବନ୍ଦୋବସ୍ତ ହୋଇଥିଲା । ସମ୍ପ୍ରତି ତହିଁର ଉନ୍ନତିର ଚେଷ୍ଟାରେ ଗବର୍ଣ୍ଣମେଣ୍ଟ ପ୍ରବୃତ୍ତ ହୋଇଅଛନ୍ତି ଏଥିରୁ ଅଧିକ ସୁଖର କଥା କ ହୋଇପାରେ । ଛାତ୍ର ବେତନ ବୃଦ୍ଧି ପ୍ରସ୍ତାବଟା ଓଡ଼ିଶା ପରି ଗରିବ ରାଜ୍ୟ ସକାଶେ ଭାବନାର ବିଷୟ ହେଲେହେଁ ଆମ୍ଭେମାନେ ଅନୁମାନ କରୁଅଛୁ ସ୍ଥାନୀୟ ଅବସ୍ଥା ଦୃଷ୍ଟିରେ ଫିସର ପରିମାଣ ଧାର୍ଯ୍ୟ ହେବ ଏବଂ ଯେ ସ୍ଥଳେ ଉତ୍ତୀର୍ଣ୍ଣ ଛାତ୍ରମାନଙ୍କର କାର୍ଯ୍ୟ ପାଇବାର ବାଟ ପ୍ରଶସ୍ତ ହେବାର କଥା ଏବଂ ଏକ ବର୍ଷ ପଢ଼ି ସୁଦ୍ଧା ଅମୀନ କାର୍ଯ୍ୟ ପାଇ ପାରିବେ ସେ ସ୍ଥଳେ କିଛି ଦୁଃଖ ଦ୍ୱାରା ଫିସ ଖର୍ଚ୍ଚ କରି କେତେ ଛାତ୍ର ଅବଶ୍ୟ ଶିକ୍ଷା ଲାଭରେ ପ୍ରବୃତ୍ତ ହେବେ ଏବଂ କାର୍ଯ୍ୟ ପାଇବାର ଅଧିକ ସୁଯୋଗ ହେଉ ଛାତ୍ର ସଂଖ୍ୟା ବୃଦ୍ଧି ହୋଇ ପାରବ ।

---

## ଓଡ଼ିଶାର ଗତ ବାର୍ଷିକ ବିବରଣ ।

ଶ୍ରୀଯୁକ୍ତ କୁକ୍ ସାହେବ କମିଶନରଙ୍କର ଯୋଡ଼ିଏ ପ୍ରସ୍ତାବର ଉଲ୍ଲେଖ ଏଥିପୂର୍ବେ କରିଅଛୁଁ । ତାହାଙ୍କର ରିପୋର୍ଟରେ ଆଉ ଯୋଡ଼ିଏ ପ୍ରଧାନ ପ୍ରସ୍ତାବର ଅବତାରଣା ହୋଇଅଛି । ଯଥା ଗୋଟିଏ ବାଙ୍କିବଜା ଓ ଅନ୍ୟଟି ଶିକ୍ଷା-ସମ୍ବନ୍ଧରେ ଅଟେ । ବାଙ୍କି ବର୍ତ୍ତମାନ କଟକ ଜିଲ୍ଲାର ଗୋଟିଏ ସବ୍ ଡିଭିଜନ ହୋଇଅଛି । ସାହେବ ମହୋଦୟ କହନ୍ତି ଯେ ଏହାର ଭୌଗଳିକ ସ୍ଥାନ ଦେଖିଲେ ଖୋର୍ଦ୍ଧାର ଅଂଶ ହୋଇବାରେ ତାହାର ଦ୍ୱିଧା ହେବ ନାହିଁ । ପ୍ରକୃତରେ ବାଙ୍କି ମୁଗଲବନ୍ଦିମଧ୍ୟରେ ଅଟେନା ସମୟରେ ପ୍ରଥମେ ଖୋର୍ଦ୍ଧାରେ ସଂଯୁକ୍ତ ହେବାର ପ୍ରସ୍ତାବ ହୋଇଥିଲା । କେବଳ ବାଙ୍କିଠାରୁ ଓ ଖୋର୍ଦ୍ଧା ଓ ପୁରୀକ ଯିବାର ଅସୁବିଧା ଘଟିବ ଆପତ୍ତି ହେଉ ସେ ପ୍ରସ୍ତାବ ଅଗ୍ରାହ୍ୟ ହୋଇ ବାଙ୍କି କଟକର ସାମିଲ ହେଲା । ସମ୍ପ୍ରତି ରେଲବାଟ ଫିଟିବାର ଆରମ୍ଭ ହେବାରୁ ସେ ଆପତ୍ତି ଆଉ ରହିବ ନାହିଁ । କଟକ ଗୋଟିଏ ଅତି ବୃହତ ଜିଲ୍ଲା ଏବଂ ପୁରୀ ଗୋଟିଏ ଅତି କ୍ଷୁଦ୍ର ଜିଲ୍ଲା । କଟକର କେତେକ ଅଂଶ ପୁରୀରେ ମିଶାଇ ଦେଇ ଏହି ଅସମତା ଭାଙ୍ଗିବା ନିତାନ୍ତ ବାଞ୍ଛନୀୟ ଏବଂ ଏହାଦ୍ୱାରା କାର୍ଯ୍ୟ ନିର୍ବାହର ଅନେକ ସୁବିଧା ହେବ । ଅତଏବ କମିଶନର ସାହେବ କହୁଅଛନ୍ତି କି ଯେମନ୍ତ ବୈତରଣୀ ନଦୀ କଟକ ଓ ବାଲେଶ୍ୱର ଜିଲ୍ଲାର ସୀମା

Split by PDF Splitter
Digitized by srujanika@gmail.com

ହୋଇଅଛୁ ସେହିପରି କାଠଯୋଡ଼ି ନଦୀ ଓ ନହିଁର ଗୋଟିଏ ଶାଖା କଟକ ଓ ପୁରୀଜିଲାର ସୀମା ଧାର୍ଯ୍ୟ ହେଲେ କଟକ ଜିଲା ବାସୀମାନଙ୍କର ଅନେକ ଉପକାର ହେବ ଏବଂ ଉଭୟଜିଲାର କାର୍ଯ୍ୟରେ ଅସମତା ରହିବ ନାହିଁ । ମାନ୍ୟବର ଲେପ୍ଟେନାଣ୍ଟ ବାହାଦୂର ଏ ପ୍ରସ୍ତାବ ଉତ୍ତମ ବିବେଚନା କରି ପୃଥକ୍‌ରୂପେ ରପୋର୍ଟ କରିବାର ଆଦେଶ ଦେଇଅଛନ୍ତି । ପୃଥକ୍ ରପୋର୍ଟର ଭାର କମିସନର ସାହେବଙ୍କ ଉପରେ ପଡ଼ିଲା ଏବଂ ସେ ଏ ପ୍ରସ୍ତାବରେ ଐକ୍ୟ ହେବେ କି ନାହିଁ ସମୟରେ ଜଣାଯିବ । ଆମ୍ଭମାନଙ୍କ ବିବେଚନାରେ ଲୁକ୍ ସାହେବ ଲୋକଙ୍କ ସୁବିଧା ଅପେକ୍ଷା ସରକାରୀ କର୍ମଚାରୀଙ୍କ ସୁବିଧା ପ୍ରତି ଅଧିକ ଦୃଷ୍ଟି କରିଅଛନ୍ତି । ଜିଲାମାନ ଯଥାସମ୍ଭବ ସମାନ ଆୟତନର ହେଲେ ଅବଶ୍ୟ କାର୍ଯ୍ୟର ଅସମତା ଅନେକ ପରିମାଣରେ ଦୂରୀଭୂତ ହୋଇପାରେ । ମାତ୍ର କଟକ ଓ ପୁରୀ ପରି ଯେପରି ଜିଲାର ସଦରମୁକାମ ଏକ ପ୍ରାନ୍ତରେ ସ୍ଥିତ ସେପରି ଜିଲାର ଏଲାକା ବାଣ୍ଟିବାରେ ବିଶେଷ ବିବେଚନାର ଆବଶ୍ୟକ ସନ୍ଦେହ ନାହିଁ । କଟକ ଓ ପୁରୀର ସୀମା କାଠଯୋଡ଼ି ନଦୀ ହେଲେ ସେହି ନଦୀର ଦକ୍ଷିଣପାରିର ଲୋକେ କଟକ ଛାଡ଼ି ଖୋର୍ଦ୍ଧା ଓ ପୁରୀକି ମାମଲା କରି ଯିବାକୁ ବାଧ୍ୟ ହେଲେ ସେମାନଙ୍କର କି ସାମାନ୍ୟ କଷ୍ଟ ହେବ ? କଟକରୁ ଖୋର୍ଦ୍ଧା ଓ ପୁରୀକି ରେଲବାଟ ଫିଟିଲେ ସୁଦ୍ଧା ଯେପର୍ଯ୍ୟନ୍ତ ବାକିସଙ୍ଗେ ଯୋଗ ହୋଇ ନାହିଁ ସେପର୍ଯ୍ୟନ୍ତ ଯେଉଁ ଆପତ୍ତିରେ ବାକି କଟକ ସାମିଲ ହୋଇଅଛି ତାହା ଅଦୃଶ୍ୟ ହେବ କି ?

ଶିକ୍ଷାସମ୍ବନ୍ଧରେ ସାହେବ ମହୋଦୟ ଲେଖିଅଛନ୍ତି କି ଓଡ଼ିଶା ଡିଭିଜନରେ ପଣ୍ଡିତପଦ ହେଲେହେଁ ଏହି ବିଭାଗରେ ରେଭେନସା କଲେଜନାମରେ ଉଚ୍ଚଶିକ୍ଷାର ଗୋଟିଏ କଲେଜରୁ ଅଧିକ ନାହିଁ । ଏହି କଲେଜର ଅଧ୍ୟକ୍ଷ ମିସ୍ତର ହଲୱାର୍ଡ଼ ସାହେବ ଯୋଗ୍ୟଲୋକ ହେଲେହେଁ କି କାରଣରୁ ବି, ଏ, ଏବଂ ଏଫ୍ ଏ, ପରୀକ୍ଷାର ଫଳ ସନ୍ତୋଷଜନକ ହେଉ ନାହିଁ ଅନୁସନ୍ଧାନ କରି ତାହାର ପ୍ରତିକାର ଶୀଘ୍ର କରିବାର ଉଚିତ । ଓଡ଼ିଆମାନେ ସ୍ୱଦେଶରେ ସରକାରୀ କାର୍ଯ୍ୟ କରିବା ନିମନ୍ତେ ଯୋଗ୍ୟତା ଲାଭ କରିବାକୁ ଇଚ୍ଛା କରନ୍ତି ଏବଂ ସେ ବାସନା ପ୍ରଶଂସନୀୟ ଅଟେ ବୋଲି ତହିଁର ସମ୍ପୂର୍ଣ୍ଣ ସହାୟତା କରିବା ଉଚିତ । ସାହେବ ମହୋଦୟ ଆହୁରି ଲେଖିଅଛନ୍ତି କି ଶିକ୍ଷାବିଭାଗର ସ୍ଥାନୀୟ ତତ୍ତ୍ୱାବଧାରଣ ତାହାଙ୍କ ହାତରେ ଥିଲେହେଁ ସେହି ବିଭାଗର କର୍ମଚାରୀମାନେ ଯଥାସମୟରେ କେଉଁ ଜଣସି ବିଷୟ ତାହାଙ୍କୁ ନ ଜଣାଇ ବାର୍ଷିକ ରପୋର୍ଟ ସକାଶେ ସଙ୍କଳନ ବିଷୟ ରଖିଦିଅନ୍ତି । ବର୍ଷ ଶେଷ ହେବାର ଅନେକମାସ ପରେ ଶିକ୍ଷାବିଭାଗର ଡାଇରେକ୍ଟରଙ୍କଦ୍ୱାରା ଇନସ୍ପେକ୍ଟରଙ୍କ ବାର୍ଷିକ ରପୋର୍ଟ ତାହାଙ୍କ ହସ୍ତଗତ ହୁଏ । ସୁତରାଂ ବର୍ଷମଧ୍ୟରେ ଗବର୍ଣ୍ଣମେଣ୍ଟଙ୍କ ଆଦେଶ ଏବଂ ଅଭିପ୍ରାୟମତେ କି କାର୍ଯ୍ୟ ହେଲା କି ନ ହେଲା ତାହା ଜଣାଯାଏ ନାହିଁ । ଯେ ସମସ୍ତ ବିଷୟ ଯେଉଁ ସମୟରେ ଶିକ୍ଷାବିଭାଗର ଆପିସରେ ଆସେ ସେହି ସମୟରେ କମିଶନର ସାହେବଙ୍କୁ ଜଣାଇ ଦେଲେ ଭଲ ହୁଅନ୍ତା ସନ୍ଦେହ ନାହିଁ । ସିଭିଲ ଓ ଶିକ୍ଷାବିଭାଗୀୟ କର୍ମଚାରୀମାନେ ମିଶି କାର୍ଯ୍ୟ କରିବା ଅଭିପ୍ରାୟରେ ସନ ୧୮୭୬ ସାଲର ଗାଇ ସ୍ଥିର ହୋଇ ନ ସେ ସ୍କୁଲ ଇନସ୍ପେକ୍ଟର ଓଡ଼ିଶା ସକାଶେ ନିଯୁକ୍ତ ହେଲେ । ସେ ନୀତିର ପରିବର୍ତ୍ତନ ହୋଇ ନାହିଁ ମାତ୍ର କାର୍ଯ୍ୟତଃ ତାହା ଅନ୍ୟଥା ହୋଇଅଛି । ଏଥିକୁ ମାନ୍ୟବର ଲେପ୍ଟେନାଣ୍ଟ ବାହାଦୂର ଏହି ମନ୍ତବ୍ୟ ପ୍ରକାଶ କରିଅଛନ୍ତି କି ଏଣିକି ଶିକ୍ଷାବିଭାଗ ସଙ୍ଗେ କମିଶନର ସାହେବଙ୍କ ସମ୍ବନ୍ଧ ନିକଟତର ହେବ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ମିଃ ଜର୍ଜ ବି, ଲୁମେସନ୍ କଟକର ମାଜିଷ୍ଟ୍ରେଟ ଓ କଲେକ୍ଟର କାର୍ଯ୍ୟରୁ ମୁକ୍ତିଲାଭ କଲେ ପ୍ରଥମ ଶ୍ରେଣୀ ଜଏଣ୍ଟମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ପଦରେ ଅସ୍ଥାୟୀ ଭାବରେ ନିଯୁକ୍ତ ହେବେ ।

ଖୋର୍ଦ୍ଧାର ସର୍ଭେ ବାର୍ଷିକ ସୁପ୍ରିଣ୍ଟେଣ୍ଡେଣ୍ଟ ପଦରେ ମିଃ ଏଲ ବି, ଇର୍ଭିନ୍ ନିଯୁକ୍ତ ହୋଇଅଛନ୍ତି ।

ମିଃ ଏଚ୍ ମାକ୍‌ଫର୍ସନ ପୁରୀ ଜିଲ୍ଲାରେ ଅତିରିକ୍ତ ବନ୍ଦୋବସ୍ତ କର୍ମଚାରୀ ପଦରେ ନିଯୁକ୍ତ ହୋଇଅଛନ୍ତି ।

କଟକ ସର୍ଭେସ୍କୁଲର ନିମ୍ନଲିଖିତ ପରୀକ୍ଷାର୍ଥୀମାନେ ଉତ୍ତୀର୍ଣ୍ଣ ଲାଭ କରିଅଛନ୍ତି ।

୧ ମ ଶ୍ରେଣୀ ।

| | |
|---|---|
| ରଜନୀ ମହାନ୍ତି | ଦେବୀଚରଣ ଦାସ |
| ଲକ୍ଷ୍ମୀଧର ଦାସ | |

୨ ୟ ଶ୍ରେଣୀ ।

| | |
|---|---|
| ପ୍ରସନ୍ନକୁମାର ଦାସ | ଭୈରବ ବଡ଼ ଜେନା |
| ଅନନ୍ତମୋହନ ପଟ୍ଟନାୟକ | ବଳୋରାମ ଦାସ |
| ରମଣୀକାନ୍ତ ଦତ୍ତ | ମହେନ୍ଦ୍ରକୁମାର ସେନ |

୩ ୟ ଶ୍ରେଣୀ ।

| | |
|---|---|
| ଗୌରାଙ୍ଗ ପଟ୍ଟନାୟକ | ସେଖ୍ ଉଛାଦର |
| ଓଦେଦଲୀ ମିଶ୍ର | ଶ୍ରୀଧର ମହାପାତ୍ର |
| ଶରତ୍‌କୁମାର ଦତ୍ତ | ନେତ୍ରାନନ୍ଦ ଦାସ |

---

ଶୀତ ପଡ଼ିବା ସଙ୍ଗେ ଜ୍ୱରର ପ୍ରକୋପ ଏ ନଗରରେ ବୃଦ୍ଧି ହେବାର ଜଣାଯାଏ ।

ପୁରୀ ମିଉନସିପାଲିଟିର ଓଭରସିଅର ବାବୁ ଯଜ୍ଞେଶ୍ୱର ମିତ୍ର କମୁନେକଟିକ୍ସ ପିବାନଟଗେ ଘଟ ଭରିବାର ଏ ନଗରରେ ପହଞ୍ଚି ଏମନ୍ତ ଜ୍ୱର ହେଲା ଯେ ମଙ୍ଗଳବାର ଦିନ ସେ ମରିପଡ଼ିଲେ ।

ରେଲବାଟ ସକାଶେ ଗଣପୁର ଏଲାକାରେ ବହୁତ କାଠର ସିଲପର ପ୍ରସ୍ତୁତ ହେଉଥିବାରୁ ଅନେକ କୁଲି ଏ ଅଞ୍ଚଳରୁ ସେଠାକୁ ଯାଇ ଅଛନ୍ତି । ଏ ନଗରରେ ବର୍ତ୍ତମାନ କୁଲି ମିଳିବା କଷ୍ଟ ହୋଇଅଛି ।

ଟିଣ୍ଡୋକ୍ସ ରେଲବାଟ ଖୋର୍ଦ୍ଧା ଷ୍ଟେସନ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇ ଗାଡ଼ି ଚଳାଚଳ ହେଉଅଛି । କେବଳ ସାଧାରଣଙ୍କ ନିମନ୍ତେ ଫିଟି ନାହିଁ ।

ଓଡ଼ିଶାର ଗଭର୍ଣ୍ଣର ସୁପ୍ରିଣ୍ଟେଣ୍ଡ ସାହେବ ଏବଂ ତାହାଙ୍କ ଅଫିସର ଅସାମୀ ମଙ୍ଗଳବାର ପଡ଼ିଆର ପର୍ବରେ ବାହାର ହେବେ । ଅତଏବ ଅଫିସର ଦେଖାଯାଇ ତାଙ୍କଠାରେ ପ୍ରଭୃତି ସାହେବ ମହୋଦୟ ଏଥର ବହୁ ବନ୍ଧୁବାର ଶୁଣାଯାଏ ।

ଓଡ଼ିଶା ପୁଲିସଇନସ୍ପେକ୍ଟରଙ୍କ ହେଡ଼କ୍ଲାର୍କ ବାବୁ ଜଗନ୍ନାଥପ୍ରସାଦ ଅଠମଲ୍ଲିକ ନବାବଗଞ୍ଜର ଜଣେ ସ୍ଥାୟୀ କର୍ମକର୍ତ୍ତା ପଦରେ ନିଯୁକ୍ତ ହୋଇ ଯାଇଅଛନ୍ତି । ଇନସ୍ପେକ୍ଟରଙ୍କ ୨ୟ କିରାଣି ବାବୁ ଯୋଗେନ୍ଦ୍ରନାଥ ବାନାର୍ଜି ହେଡ଼କ୍ଲାର୍କ ହୋଇଅଛନ୍ତି ।

ଜଗତସିଂହପୁରବୋର୍ଡର ଜଣେ ଦଫ୍ତରୀ ମାଷ୍ଟରର ଗଣେଶ ସାହେବ ପୀଡ଼ିତ ହୋଇ କଟକ ଯାଇଥିଲେ । ଏଥି ମଧ୍ୟରେ ସେ ଆରୋଗ୍ୟ ହୋଇ ଅପଣା କାର୍ଯ୍ୟକୁ ଫେରି ଆସିଲେ ଶୁଣାଗଲା । ମାତ୍ର ସେ ଉପସ୍ଥିତ ହେବାରୁ ମାଷ୍ଟରର ବଦଳରେ ସେଲମାଷ୍ଟର ବାହାଲ ହେଲେ ।

କର୍ମୀକଅନ୍ତର୍ଗତ ବାଲେଶ୍ୱରର ପ୍ରଜା ବାହା ହୋଇ ଅଛନ୍ତି । ସେ ଆପଣାକୁ ମହନ୍ତ ନଥାଇ ପରୁ ଏବାକି ମହେଶ କର ହାମବ୍ରଭାତ ଲୋକଙ୍କୁ, ଦୁଗ୍ଧ ପିଇବା ନାହିଁ ଏବଂ ମୁହଁରେ ମାଂସକୁ ଖାଦ୍ୟ ଦ୍ରବ୍ୟ ଉଠାଇ ନେଉ ଖାନ୍ତି ।

ସନ ୧୮୯୬ ମସିହାରେ ୩୦୦୦ ମାଇଲ ରେଲବାଟ ନିର୍ମିତ ହେବା କାରଣ ଅଗ୍ନିହୋତ୍ରୀ ଷ୍ଟେଟ ସେକ୍ରେଟେରୀ ମଞ୍ଜୁର କରିଅଛନ୍ତି । ସୁତରାଂ କୋ ୧୦ ଟି ଟଙ୍କା ସରକାରୀ ଏବଂ କେବଳ ଭାରତ ପାଇଁ ମଞ୍ଜୁର ହୋଇ ଅଛି ।

Split by PDF Splitter
Digitized by srujanika@gmail.com

Split by PDF Splitter



ଉତ୍ତରର ଗୋଟିଏ ଧାନକୁଟା କଳରେ ଉଞ୍ଚ ଚିପି ବର୍ତ୍ତମାନ ସବୁ ଏବଂ ତହିଁ ସକଳ ଦୂରରୁ ଗୋଦାମ ଶୂନ୍ୟହୋଇ ପୋଡ଼ିଯାଇଅଛି । ଏଥିର ପରିମାଣ ଏକଲକ୍ଷ ଟଙ୍କା ହେବ ଅଟେ ।

ସ୍ବରାଜର ମୃଦା ଅମେରିକାଠାରେ ଚଳାଇବା ଉଦ୍ଦେଶ୍ୟରେ ଜଣେ ସାହେବ ଶାସନଠାରୁ ଅସି ତହିଁର ବନ୍ଦୋବସ୍ତ କରୁଅଛନ୍ତି । ଏବେପର୍ଯ୍ୟନ୍ତ ଅଗ୍ରସର ହୋଇ ପାରିଲେ ନାହିଁ ।

ଅରମିନିଆ ରାଜ୍ୟ ସାଇଡଠାରେ ମୁସଲମାନମାନେ ୬୮୦୦ ଜଣ ଖ୍ରୀଷ୍ଟିୟାନଙ୍କୁ ହତ୍ୟା କରିଥିବାର ସମ୍ବାଦ ମିଳିଲା । ଅନେକବାର ସେହିଁ ଧର୍ମ ସମ୍ବନ୍ଧର ଏଠାରେ ଅସି ତାହା ମୁସଲମାନମାନେ ଗୋଡ଼ ଦେଇ ୧୫୦୦୦ ପାଉଣ୍ଡ ଲୁଟ କରିଅଛନ୍ତି । ସୌଭାଗ୍ୟକ୍ରମେ ପାଦ୍ରୀମାନେ ପଳାଇ ଯାଇ ପ୍ରାଣରକ୍ଷା କରି ପାରି ଅଛନ୍ତି ।

ଚୀନର ବଡ଼ଲାଟ ଅଲ୍ପ ଦିନରେ ଜର୍ମାନମାନେ ତାହାଙ୍କ ଦେଶରେ କୋଇଲା ରଖିବାକୁ ସ୍ଥାନ ଦେବା କାରଣ ଗୋଟିଏ ଦ୍ୱୀପ ମାଗିଅଛନ୍ତି । ଏହା ଫର୍ମୋସା ଦ୍ୱୀପର ଅତି ନିକଟ ।—ଜର୍ମାନ ପତ୍ରରେ ଏମ ଲେଖିଅଛନ୍ତି ।

ଜର୍ମାନୀର ଜଣେ ବୈଜ୍ଞାନିକ ବହୁତ ଚେଷ୍ଟାରୁ ସ୍ୱର ସ୍ପଷ୍ଟ ମୂଲ୍ୟବାନ୍ ମଣୋମିଟର ପ୍ରସ୍ତୁତ କରିଅଛି ।

ସ୍ୱରାଜ୍ୟ ଦେଶୀୟର ଭଙ୍ଗୀମାନ ଏବଂ ବ୍ୟବହାର ଦେଖି ଇଂରେଜ ସରକାର ଲଣ୍ଡନ ଗୋଡ଼ ବ୍ୟବହାର କରିବାକୁ ସ୍ୱତନ୍ତ୍ର ଗଭର୍ଣ୍ଣମେଣ୍ଟ ପ୍ରସ୍ତାବ କରିଅଛନ୍ତି । ଏଥିରେ କାଗଜ ଖରଚ ଅନେକ କମି ଯିବ ।

ଏ ବର୍ଷ ବିଲାତ ସରକାରର ଶେଷ ପରୀକ୍ଷାରେ ୭୫ ଜଣ ଏ ଦେଶୀୟ ଲୋକ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଉତ୍ତର ଅଛି ୧ ମ ଭାଗ ପାଞ୍ଚ ଜଣ, ୯ଟେକ୍ସଟ ୪ର୍ଥ ଜୋଗେନାଥ ଦାସଙ୍କ ଜଣ, ଅନେକ ଶିକ୍ଷିତ ଯୁବକୁମାର ବାନର୍ଜୀ ୧୭ ଏବଂ ଚୋରେଲ ଅର ୨୪ଶ ସ୍ଥାନ ଅଧିକାର କରିଅଛନ୍ତି । ଏହି ଫଳ ଏଦେଶୀୟ ଲୋକଙ୍କ ପକ୍ଷରେ ଅତ୍ୟନ୍ତ ପ୍ରଶଂସନୀୟ ଅଟେ ।

ଫ୍ରାନ୍ସ ଦେଶର ଜଣେ ଡାକ୍ତର "ସଞ୍ଜୀବନୀ ସୁଧା" ନାମରେ ଗୋଟିଏ ଔଷଧ ପ୍ରସ୍ତୁତ କରନ୍ତି । ସେହି ଔଷଧ ପ୍ରସ୍ତୁତର ପ୍ରଣାଳୀ ପ୍ରକାଶିତ କରିବା ପରାମର୍ଶ ଅଟେ । ଏହି କାରଣ ଡାକ୍ତରଙ୍କ ଲୋକମାନେ ପ୍ରସ୍ତୁତ କରିବା ଅପରାଧରେ ଅଭିଯୁକ୍ତ ହୋଇ ମାଜିଷ୍ଟ୍ରେଟଙ୍କ ନିକଟରେ ୫୦ ଟଙ୍କା ଅର୍ଥ ଦଣ୍ଡ ଦେଲେ । ହାଇକୋର୍ଟରେ ଅପିଲ କରନ୍ତେ ମାନ୍ୟବର ବିଚାରପତିମାନେ ତାହାଙ୍କୁ ଦଣ୍ଡରୁ ମୁକ୍ତ ଦେଇ ଅଛନ୍ତି । ଏହା ମାଜିଷ୍ଟ୍ରେଟଙ୍କ ବିଚାର ଅଦ୍ଭୁତ ଅଟେ ।

ଲଣ୍ଡନ ଠାରୁ ସମ୍ବାଦ ମିଳିଲା ଯେ ଜାମାଇକା ନିକଟରେ ଗୋଟିଏ ଯାତ୍ରୀ ବୋଟ ଗତ ମାସ ତା ୧୩ ରାତ୍ରରେ ବୁଡ଼ିଯିବାରୁ ତହିଁର ୪୮ ଜଣ ଲୋକ ମୃତ୍ୟୁମୁଖରେ ପତିତ ହୋଇଅଛନ୍ତି ।

କାବୁଲ ଅମୀରଙ୍କ ପୁତ୍ର ନସିରୁଲ୍ଲାଖାଁଙ୍କ ସହିତରେ କାବୁଲର ଭୃତପୂର୍ବ ବନ୍ଧୁଅଲି ଖାଁ ମିର୍ଜ୍ଜା ଅବଦୁଲ କରିମ ବିଲାତକୁ ଯାଇଥିଲେ । ବିଲାତକୁ ଯାତ୍ରା କରିବା ସମୟରେ ଏହାଙ୍କ ନିକଟରେ ପ୍ରାୟ ୫ ସୁବର୍ଣ୍ଣ ମୁଦ୍ରା ଦଶ ହଜାର ଥିଲା ଯେ ସେ ସବୁ ଅସ୍ୱୀକାର କରିଥିବା ଅପରାଧରେ ତାଙ୍କ ଜାମାଦାର ଠାରୁ କାବୁଲକୁ ପଠାଇଲେ ଶୁଣାଯାଇ ଅଛି । ଏ ପୂର୍ବେ ଅନ୍ୟ ଥରେ ଏପରି ଦଣ୍ଡ ଭୋଗ କରିଥିଲେ ।

ଗଞ୍ଜାମର ତା ୧୫ ରାତ୍ରରେ ଭଣ୍ଡିମା ଗ୍ରାମଠାରେ ଗୋଟିଏ ବଡ଼ ଜାତ ହୋଇ ପ୍ରବଳ ସମ୍ବାଦ ମିଳିଲା । ସନ୍ତାନ ଓ ମାତା ଉଭୟେ ଭଲ ଅଛନ୍ତି ।

ଅଷ୍ଟ୍ରେଲିଆ ଉପନିବେଶ ନଗରଠାରେ ଏକ ନୂତନ ଡକାଇତଦଳ ସୃଷ୍ଟି ହୋଇ ଡାକଗାଡ଼ି ଲୁଟିବାର ସମ୍ବାଦ ମିଳିଲା । ଡକାଇତମାନେ ଗୋଟିଏ ବଡ଼ ମହାଜନଙ୍କ ଘର ଲୁଟି କରିବା କାରଣ ତଡ଼ାଇ କରିଥିଲେ । ଏମନ୍ତ ସମୟରେ ପୁଲିସ ସେଠାରେ ଉପସ୍ଥିତ ହେବାରୁ ସେମାନେ ପୁଲିସ ପ୍ରତି ବନ୍ଧୁକ ମାରିଲେ । ପୁଲିସ ମଧ୍ୟ ନିଜ ବନ୍ଧୁକ ମାରି କେତେଜଣଙ୍କୁ ଆହତ କଲେ ମାତ୍ର ଡକାଇତମାନଙ୍କୁ ଧରି ପାରିଲେ ନାହିଁ । ସେମାନେ ସମସ୍ତେ ପଳାଇଗଲେ କେବଳ ଜଣେ ଲୋକ ଗୁରୁତର ଆଘାତ ପାଇ ଥିବାରୁ ପଳାଇ ପାରିବାକୁ ନିତାନ୍ତ ଅକ୍ଷମ ଥିବା ହେତୁ କାଳେ ସେ ଦୋଷ ସ୍ୱୀକାର କରି ଧରାପଡ଼ିବ ଏହେତୁରୁ ତାହାକୁ ଶସ୍ତ୍ର ଦେଇ କାଟ ପକାଇଦେଲେ ଯେମନ୍ତକି ଅଦୌ ଚିହ୍ନା ନ ପଡ଼େ । ପୁଲିସ ଯୋଡ଼ାଯୋଡ଼ କରି ତାହାର ଫଟୋଗ୍ରାଫ ନେଇ ମୃତଅଦେହ ପ୍ରକାଶିତ କରୁଅଛନ୍ତି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ପ୍ରଶ୍ନ ।

୧ । ଧାର୍ମିକ ବ୍ୟକ୍ତିମାନେ ଆମିଷ ଭକ୍ଷଣ କରନ୍ତି କାହିଁ କାହିଁକି ?

୨ । ଆମିଷ ମାନବର ସ୍ୱାଭାବିକ ଖାଦ୍ୟ କି ନା ?

୩ । ଆମିଷରେ ଶରୀର ଧାରଣୋପଯୋଗୀ ଏପରି କୌଣସି ଗୁଣ ଅଛି କି ନା ଯାହା ଅନ୍ୟ ଖାଦ୍ୟରେ ନାହିଁ ?

୪ । ଆମିଷ ଭକ୍ଷଣ ବ୍ୟତିରେକେ ଜୀବନରକ୍ଷା କରାଯାଇ ପାରେ କି ନା ?

୫ । ଆହାରର ଉଦ୍ଦେଶ୍ୟ କଅଣ ଏବଂ ଖାଦ୍ୟାଖାଦ୍ୟ ବିଚାରର ହେତୁ କି ?

୬ । ଇଉରୋପୀୟ ପଣ୍ଡିତମାନଙ୍କ ନିର୍ଣ୍ଣିତ ଦ୍ରବ୍ୟଗୁଣ ଯଥାର୍ଥ କି ଅସ୍ମଦେଶୀୟ ପଣ୍ଡିତମାନଙ୍କ ନିର୍ଣ୍ଣିତ ଦ୍ରବ୍ୟଗୁଣ ଯଥାର୍ଥ ?

୭ । ଛାଗାଦି ବଳି ଦେବାର ବ୍ୟବସ୍ଥା ହିନ୍ଦୁଶାସ୍ତ୍ରରେ ଅଛି କି ନା ? ଛାଗାଦି ବଳି ଦେବା ଅବଶ୍ୟ କର୍ତ୍ତବ୍ୟ କି ନା ? ବଳି ବ୍ୟତିରେକେ ଦେବପୂଜା ହୋଇପାରେ କି ନା ?

ସହୃଦୟ ପଣ୍ଡିତମାନେ ଏଥିର ସଦୁତ୍ତର ଯେ କୌଣସି ପତ୍ରିକାରେ ପ୍ରକାଶ କଲେ ଅତ୍ୟନ୍ତ ଉପକୃତ ହେବି ।

ଶ୍ରୀ———ଜିଜ୍ଞାସୁ ।

---

ମହାଶୟ !

ଆପଣ ଜାଣନ୍ତି ଗୋଲକଧନ୍ଦାଙ୍କର କେବଳ ଧନ୍ଦା ମନ ପ୍ରାଣ ଯଥାସର୍ବସ୍ୱ ; ଧନ୍ଦା ବ୍ୟତୀତ ଗୋଲକଧନ୍ଦାଙ୍କର ଅସ୍ତିତ୍ୱ ଅସମ୍ଭବ । କିନ୍ତୁ ଆଜି କାଲି ଗୃହଅନ୍ତେ ଶୂନଶାନ । ଲେଖକ ପାଠକ ସମାଲୋଚକ ସମସ୍ତେ ବାଲୁଭୁତ ମୁଖର । ଇତ୍ୟନ୍ତ ଦିନଅନ୍ତ ନିକଟରେ ଗୋଲକଧନ୍ଦାଙ୍କୁ ହୈସଙ୍କାର ମଜା । କଣ୍ଢାବାଡ଼ିକୁ ଲୁଗା ପକାଇଲେବି ଧନ୍ଦା ମିଳିବାକୁ ନାହିଁ । ଏଣୁ କରି ଗୋଲକଧନ୍ଦାଙ୍କର ପକ୍ଷ ଅଡ଼ିକୁ ମନ୍ଦିଆ ଗଲା । ଆହା ଏତେଦିନ ଯାଏ ଯାହା ତାହା ଧନ୍ଦାଙ୍କ ଦୃଷ୍ଟିରେ ପଡ଼ି ନ ଥିଲା । କାଃ କାଃ, ଯେ ଯାହି, ସେ ଦୁମଦାମ !! ଏକ ଭାଗରେ ପୁଣି ଗୃହଭଗ୍ନ । ତହିଁରେ ପୁଣି ତଉଧୂଆ ପଟ୍ଟନାୟକଙ୍କ ଯେଉଁ ପୃଥୁଳ ଶରୀର—ହଜି ସ୍ୱଭ ଗୁଲ ଗଲେ କଏ ପଚାରୁଛି ? ଧନ୍ଦା ଯାହା ଖୋଜୁଥିଲେ ଅଜି ଠିକ ତାହ ମିଳିଛି ; ଆପଣଙ୍କ ବା ଆପଣଙ୍କ ପାଠକମାନେ ଅନୁଗ୍ରହ କରି ନିମ୍ନଲିଖିତ ବିଷୟଟି ମୀମାଂସା କରିଦେଲେ ଧନ୍ଦା ଚିରବାଧିତ ଓ ପରମ ଉପକୃତ ହେବେ ।

ବିଷୟଟି ଏହି :— ଧନ୍ଦାଙ୍କ ପକ୍ଷରୁ ସାର ତଳା ହେଲାଣି ; ଅପର ପକ୍ଷ ଦାନ ପକାଇ ଖେଳ ଗୁଡ଼ପାର ଦେଖାଇ ଦେଲେ ଯେ ଆମ୍ଭକୁ "ଚଉସାରି" ଲାଗିଛି । ବୋଧହୁଏ ଯେଉଁ ଦେଶର ଚୌଧୁରୀ, ପଟ୍ଟନାୟକ, ମହାପାତ୍ର ସାମନ୍ତ ରାୟ, ପ୍ରଧାନସିଂହ ଚମ୍ପତିସିଂହ, ଟିକାଏତ, ପଟ୍ଟାଏତ ଗମ୍ଭୀରସାନ୍ତମାନେ ପଶା ଦେଖିଲେ ଲକ୍ଷ୍ମୀ ସରସ୍ୱତୀଙ୍କ ମୁହଁକୁ ଚାହାନ୍ତି ନାହିଁ ସେଦେଶବାସିମାନଙ୍କୁ ଚଉସାରି କଅଣ ତାହା ବୁଝାଇ ଦେବାକୁ ହେବ ନାହିଁ । ଏହି ସମୟରେ ଆମ୍ଭ ପକ୍ଷରୁ ଏପରି ଦାନ ପଡ଼ିଲା ଯେ ଅପର ପକ୍ଷର ସତରା ଗୋଟି ମରି ଯାଉଛି ; କିନ୍ତୁ ଆମ୍ଭର ଚଉସାରି ବଧାଇବାକୁ ଗଲେ ଅପର ପକ୍ଷର ଖେଳ ମରୁ ନାହିଁ । ଏପରି ସ୍ଥଳେ ଅପର ପକ୍ଷର ଗୋଟିକ ମାରିବା ଆମ୍ଭର ଉଚିତ କି ନା ? ଅପର ପକ୍ଷ କହନ୍ତି ଯେ ଅମ୍ଭେ ଚଉସାରି ନ ବଧାଇଲେ ସେ ଖେଳିବେ ନାହିଁ, କାରଣ କେବଳ

Digitized by srujanika@gmail.com

Split by PDF Splitter



ଚୌସାଶୀ ଦେଖାଇ ଦେଲେ କାଜ ହୋଇଗଲା; ଅମ୍ଭେମାନେ କହୁଁ ଯେ ଚଉସାଶୀ ମଇବାକୁ ଦାନ ପଡ଼ିବ ତ ତାହିଁ ସକେବ ; ଅପର ପକ୍ଷର ଏକଜଣ ଦାନରେ ଖୁଉଣ୍ଟା ଗୋଟି ମଇବା ସମ୍ଭବ କୁହେ; ଅମ୍ଭ ସଙ୍ଗୀ ଦାନରେ ଅପର ପକ୍ଷର ଅନ୍ୟ ଜଣର ସାର ମାଡ଼ି ଖାଇ ପାରେ । ଏପରସ୍ଥଳେ ଅମ୍ଭେ ଅପର ପକ୍ଷର ଗୋଟି ନ ମାର ଚୌସାଶୀ ବଖାଇବାକୁ ଚାହିଁବ କିଛୁଁ ? ସମ୍ପାଦକ ଓ ପାଠକମାନେ ଏହାର ମୀମାଂସା କର ଦେଲେ ଓଡ଼ିଆ ପୁଅଙ୍କର ଯେ କେଡ଼େ ଉପକାର ହେବ ତାହା ମାଦୃଶ ଜନ ଦ୍ୱାରା ବର୍ଣ୍ଣନା କରଯାଇ ନ ପାରେ । ତନ୍ତୁ ଅମ୍ଭର ଯେ ଯନା ଜମ ହୋଇଯିବ ତାହା ସତ ।

ଆଜ କାଲି ଅଶନ ବସନ ଭୂଷଣ ଭାଷଣ ପ୍ରଭୃତି ବିଷୟରେ ପାଶ୍ଚାତ୍ୟ ସଭ୍ୟତାର ଅନୁସରଣ କରିବାକୁ ସମସ୍ତେ ତତ୍ପର; ପାଶ୍ଚାତ୍ୟଙ୍କ ଘଡ଼ିକାରେ ଖେଳ ବିଷୟର ସମାସ୍ୟା ଖବର କାହାର ଥାଏ । ଏହା ଦେଖି ଶୁଣି ଉପରୋକ୍ତ ବିଷୟରେ ଆପଣଙ୍କ ପତ୍ରିକାର ଆଶ୍ରୟ ନେଲୁଁ । ଦେଖାଯାଉ ଏଥିପାଇଁ ଏବ ଓଡ଼ିଆ ଖବର କାଗଜ ଉପରେ ଚୌପୁର ପତ୍ରିକାଯୁକ୍ତ ଗମ୍ଭୀର ସାଲ୍‌ମାନଙ୍କର ଦୃଷ୍ଟି ପଡ଼େ । ଅଳମିତି ବିସ୍ତରେଣ ।

ମୁ । ପଣାଅଡ଼ା } ଆପଣଙ୍କର ବଶମ୍ବଦ
୨୦।୧୧।୯୫ } ଗୋଲ୍‌କଧନା

—

ମହାଶୟ !

ଗତ ମାର୍ଚ୍ଚ ମାସରେ ଖଲିକୋଟ ଏବଂ ଅଠ-ଗଡ଼ ରଜା ଶ୍ରୀ ଶ୍ରୀ ଶ୍ରୀ ହରିହର ମର୍ଦ୍ଦରାଜଦେବ ମୟୂରଭଞ୍ଜ ଜଗର ଶ୍ରୀ ଶ୍ରୀ ଶ୍ରୀ ମହାରଜା ଶ୍ରୀରାମ-ଚନ୍ଦ୍ର ଭଞ୍ଜ ଦେବଙ୍କ ଭଗ୍ନିକୁ ଯେପରି ସମାରୋହ ଓ ଆଡ଼ମ୍ବରରେ ବିବାହ କରିଥିଲେ ତାହା କା-ହାରିତ ଅବିଦିତ ନାହିଁ । ପ୍ରାୟ ଦୁଇମାସ ହେଲାରୁ ପାଟ ମହାଦେଇଙ୍କର ହଠାତ୍ ଜ୍ୱର ଓ ଉହିଁର ଅଳ୍ପଦିନପରେ କ୍ଲେଶଦାୟକ ଶିରପିଡ଼ା ଆ-ରମ୍ଭ ହେବାରୁ କିଛିଦିନ ଚିକିତ୍ସା ହେବାକୁ ଲାଗିଲା ମାତ୍ର ଦୁର୍ଦ୍ଦୈବ ହେତୁ ରୋଗର କିଛିମାତ୍ର ଉପ-ଶମ ନ ହୋଇ କ୍ରମରେ ବୃଦ୍ଧି ହେଲା ଏହା ଦେଖି ରଜା ଗଞ୍ଜାମ୍‌ବାସୀ ହୁଣ୍ଡକଣ ସୁଶିକ୍ଷିତ ଲେଡ଼ି ଡାକ୍ତର ଆଣି ତାହାଙ୍କଦ୍ୱାରା ଚିକିତ୍ସା କରାଇଲେ । ଏତିକିବେଳେ ଜଗନ୍ନାଥରେ ଏବଂ ବାଉପଦା ଗଡ଼ରେ ନାନାବିଧ ଦେବ କର୍ମମାନଙ୍କର ଅନୁଷ୍ଠାନ ହେଲା । ଉକ୍ତ ଗଡ଼ରେ ଦେବୀ ପକ୍ଷହେତୁ ନାନାବିଧ ଆଡ଼ମ୍ବରର ସହିତ ରଜାଙ୍କର ଇଷ୍ଟ ଦେବୀଙ୍କର ପୂଜା ହୋମ ଓ ବହୁ-ଛାଗ ବଳିଦାନ ଏବଂ ମହାଳୟା ଅମାବାସ୍ୟା ଦିବ-ସଠାରୁ ଦଶହରା ପର୍ଯ୍ୟନ୍ତ ଦେବୀ ନୂତନ ରଥୋପରି ପ୍ରତି ରାତ୍ରିରେ ନୃତ୍ୟ ଗୀତାଦି ସହିତ ଅତି ସମାରୋହରେ ବସ୍ତୁକମାନ କରି ନାନା-ବିଧ ବାଦ୍ୟ ଓ ଆଲୋକ ସହକାରେ ରଥ ଟଣା-ହେଲା ରଜା ମଧ୍ୟ ଆପଣା ପାରିଷଦ ମାନଙ୍କ ସଙ୍ଗେ ନେଇ ରଥ ଚଲାଇବା କାର୍ଯ୍ୟ ନିର୍ବାହ କଲେ ଅନ୍ୟ କୌଣସି ଗଡ଼ରେ ଦେବୀ ପର୍ବରେ ରଥ ନିର୍ମାଣ ହେବାର ଶୁଣା ନାହିଁ । କାଶୀ କ୍ଷେତ୍ରରେ ମଧ୍ୟ ରୁଦ୍ରାଭିଷେକ ଆରମ୍ଭ ହେଲା । ଗଡ଼ଠାରେ ପ୍ରତିଦିନ ବ୍ରାହ୍ମଣମାନଙ୍କୁ ଭୋଜନ ଓ ଦାନ ଦେଇ ମହାଳୟା ଦିନ ବ୍ରାହ୍ମଣମାନେ ନୂତନ ପଟ୍ଟବସ୍ତ୍ର ପରିଧାନ କରି ଚନ୍ଦନ, ଅତର ଓ ପୁଷ୍ପମାଳାରେ ଭୂଷିତ ହୋଇ ରଜାଙ୍କ ହସ୍ତରୁ ଉତ୍ସର୍ଗ ହୋଇଥିବା ଦାନର ମୂଲ୍ୟବାନ୍ ଦାନଦ୍ରବ୍ୟମାନ ହସ୍ତ-ରେ ଧରି ରାଜଭବନର ଜୟମଙ୍ଗଳ ଦୁଆର ଅର୍ଥାତ୍ ସିଂହଦୁଆର ପାର ହୋଇ ଯାଉଥିବା ବେଳେ ଏକ ପ୍ରକାର ଅତୀବ ମନୋରମ ଦୃଶ୍ୟ ଦେଖାଗଲା ଏବଂ ଜଣ ଦୁଆରର ଅନତି ଦୂର ଗଣ୍ଡକଣି ଦୁଆରସ୍ଥିତ ପ୍ରହରୀ ପ୍ରହରେ ତମକ ଛୁଟିବା କାରଣ ତାହାଙ୍କ ପରେ ଏବ ବନ୍ଦୁକର ଶବ୍ଦ କରୁଥିଲେ, କାରଣ ତମକ ଉ-ଠିଲେ ରୋଗର ଅନେକ ନିବୃତ୍ତି ହୁଏଇ, ଗଡ଼-ଜାତ ମାନଙ୍କରେ ଏପରି ଧାରଣା ଅଛି । ଆପଣା ରାଣୀକୁ ରୋଗରୁ ମୁକ୍ତ କରିବା ନିମନ୍ତେ ଏତେ ପର୍ଯ୍ୟନ୍ତ ଅର୍ଥବ୍ୟୟ ଓ ସ୍ୱୟଂ ଶାରୀରିକ କ୍ଳେଶ ଭୋଗ କରିବାକୁ ଅନ୍ୟ କୌଣସି ନରପତିଙ୍କି ଦେଖି ନାହୁଁ । ମାତ୍ର ସବୁ ବିଫଳ ହେଲା ଦୁର୍ଭା-ଗ୍ୟ ବଶତଃ ପାଟମହାରାଣୀ ଗତ ସେପ୍ଟେମ୍ବର ମାସ ତା ୨୯ ରଖ ଅର୍ଥାତ୍ ସପ୍ତମୀ ପୂଜାଦିନ ରାତ୍ରି ନଅଘଣ୍ଟିକା ବେଳେ ମାନବ ଲୀଳା ସମ୍ବରଣ କ-ଲେ ପ୍ରିୟବତୀ, ସୁଶୀଳା ଓ ଗୁଣବତୀ ରାଣୀଙ୍କ ବିରହ ରଜାଙ୍କର ଅନ୍ତଃପ୍ରାଣ ଦଳାଯ ଆରମ୍ଭ କଲେ ଏବଂ ସମସ୍ତ ସୁଖଭୋଗକୁ ଭୁଲିଗଲେ କରି ରାଜପ୍ରାସାଦ ଛାଡ଼ି ଜଙ୍ଗଲର ଯାତ୍ରା କରି ସେ-ଠାରେ ଅପଣାର ଏକ ବଙ୍ଗଳାରେ ମହା ଶୋ-କରେ ରହିଲେ ସେଠାରେ ମଧ୍ୟ ଅତିଶୟ ଶୋକାକୁଳ ହେବା ହେତୁ ଅବାଧ ନଦ୍ରାର କୌଣସି ନିୟମ ନ ରହିବାରୁ କଷ୍ଟଦାୟକ ପରେ ସ୍ୱୟଂ ପୀଡ଼ିତ ହୋଇପଡ଼ିଲେ ମାତ୍ର ଦୟାଳୁ ପରମେଶ୍ୱରଙ୍କ କୃପାରୁ ଏବଂ ସୁଶିକ୍ଷିତ ଡାକ୍ତର ସାହେବାନ ମାନଙ୍କ ଚିକିତ୍ସାଦ୍ୱାରା ଆରୋଗ୍ୟ ଲାଭ କରି ଅଛନ୍ତି ଜଳାଧାନ ପରେ ରାଜକାର୍ଯ୍ୟ କରିବା ନିମନ୍ତେ ଆପଣା ଇଲାକାର ବୋଇରାଣି ନାମକ ସ୍ଥାନର ରାଜଭବନରେ ବର୍ତ୍ତମାନ ଉପସ୍ଥିତ ରାଜ୍ୟର ସାଲ୍‌ଆନା ବନ୍ଦୋବସ୍ତ ଜମାବନ୍ଦି କାର୍ଯ୍ୟ ନିର୍ବାହ କରୁଅଛନ୍ତି । ଏ ଗଡ଼ବାସିମା-ନେ ରଜାଙ୍କୁ ଦେଖିବାକୁ ନିତାନ୍ତ ଆଗ୍ରହ ପ୍ରକାଶ କରିବାରୁ ଉକ୍ତ ବୋଇରାଣିଠାରୁ ଆସନ୍ତା ଡିସେମ୍ବର ମାସ ପ୍ରଥମ ତାରିଖରେ ଏ ଗଡ଼କୁ ପ୍ରତ୍ୟାଗମନ କରିବେ ଇତି । ୨୨।୧୧।୯୫

ଲେ: ଶ୍ରୀରାମଲାଲ ମୁଖର୍ଜ୍ୟା
ମୁ: ଖଲିକୋଟ ଗଡ଼ ।

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ପଦ୍ମନାଭ ନନ୍ଦ | କଟକ | ଟ ୧ ୧ |
| " ବାସୁଦେବ ମହାନ୍ତି | ବୌଦ | ଟ ୨ ୧ |
| " ଗୋପୀନାଥ ପଟ୍ଟନାୟକ କେଉଁଝର | | ଟ ୩ |
| " ଦୁର୍ଗାଚରଣ ଗୋପାୟକ ଅଠମଲ୍ଲିକ | | ଟ ୩ ୧ |
| " ଶ୍ୟାମବନ୍ଧୁ ଦାସ | | ଟ ୨ ୧ |
| " ଗୋପବନ୍ଧୁ ପଟ୍ଟନାୟକ | ନୟାଗଡ଼ | ଟ ୩ ୧ |

---

# ବିଜ୍ଞାପନ ।

ଓଡ଼ିଶା କମିଶନର ମହୋଦୟ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଦତ୍ତଙ୍କ ପ୍ରଣୀତ ନିମ୍ନଲିଖିତ ସର୍ବଜନ ପ୍ରଶଂସିତ ପୁସ୍ତକମାନ କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ଓ ତାଙ୍କର ଅନ୍ୟ କେତେକ ପୁସ୍ତକ ଶୀଘ୍ର ଆସି ପହଞ୍ଚିବ ।

| | | |
|---|---|---|
| ଶତବର୍ଷ ବଙ୍ଗଳା ଉପନ୍ୟାସ | | ଟ ୩ ୧ |
| ସଂସାର | " | ଟ ୧। |
| ସମାଜ | " | ଟ ୧। |

---

KEY TO LETHBRIDGE'S
EASY SELECTIONS
( Minor course for 1896 )
*IS OUT*
*Price Re. 1.*
To be had of the Secretary
Printing Company Cuttack.

---

## ଚଉପଦି ଚନ୍ଦ୍ରୋଦୟ ।

ମୂଲ୍ୟ ଟ ୦ ।

କଟକ ପ୍ରିଣ୍ଟିଂ କୋମ୍ପାନୀ ମହାଶୟଙ୍କ ଠାରେ ବିକ୍ରୟ ହେଉଅଛି ।

Digitized by srujanika@gmail.com

# NOTICE.

Wanted for the District Board's Temporary work's establishment for employment under the Kendrapara Local Board, an experienced Sirkar on a salary of Rs. 20 per month A good man would find permanent employment. None need apply who does not possess a thorough knowledge of Surveying, levelling, and road-making with English qualifications.

Selected candidates will be examined and preference will be given to the candidate who obtains the highest mark.

Applications with copies of testimonials will be received by the undersigned on or before the 30 instant.

This notice cancels the one advertised in this paper of the 16th instant.

T. P. ACHARYE.

Kendrapara Local Bd. Office } *Chairman.*
The 17th November 1895 } *Local Board*

## ବିଜ୍ଞାପନ ।

ମାଇନର, ଭର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ଲୋୟର ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତାହାର ବ୍ୟାଖ୍ୟା, ଓ ଆଟ୍‌ଲସ, ଓ ସ୍ଲେଟ ପ୍ରଭୃତି ସୁଲଭମୂଲ୍ୟରେ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅନ୍ବେଷଣରେ ପାଇପାରିବେ ।

## ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ବିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ଶିକ୍ଷା ପ୍ରାୟ ଦେଉଅଛ ।

ଅ ତ ସୁ ଲ ଭ ମୂ ଲ୍ୟ ଟ ୦ ।୰ ମା ତ୍ର ।

ଏଥିରେ ବରିଣୀ, ଭୁଲି, ଗୋମଟା, ଟପା, ଦେଶପ୍ରଚଳିତ ପ୍ରାୟଅଧିକ-ସ୍ୱରର ଅନେକଶ୍ରେଷ୍ଠ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଅବରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଜମାଦାର ବାବୁ ରାମଚନ୍ଦ୍ରଙ୍କ ମୂର୍ତ୍ତିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ବିଜ୍ଞାପନ ।

ନୂତନ ପୁସ୍ତକ ।

ଚିତ୍ରାଙ୍ଗିନୀ ।

( ଉପନ୍ୟାସ )

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ଏକଟଙ୍କା ମୋଫସଲକୁ ଡାକମାସୁଲ ଏକଅଣା ମାତ୍ର ।

## ବିଜ୍ଞାପନ ।

ନୂତନ ନୂତନ ନୂତନ

କବି କର୍ତ୍ତୃକ ବିରଚିତ

| | | |
|---|---|---|
| ସତ୍ୟନାରାୟଣ କଥାପାଲା | ମୂଲ୍ୟ | ଟ ୦ ।୵ ଏକଅଣା |
| ପଦ୍ମଲୋଚନ ପାଲା | ମୂଲ୍ୟ | ଟ ୦ ।୵ |
| ମର୍ଦ୍ଦରାଜୀ ଜନ୍ମପାଲା | ମୂଲ୍ୟ | ଟ ୦ ।୰ |
| ଦରଅର୍କୁଳ ପାଲା | ମୂଲ୍ୟ | ଟ ୦ ।୰ |
| ଭିସ୍ତାରୀ ପାଲା | ,, | ଟ ୦ ।୵ |
| ଭ୍ରମରବର ,, | ,, | ଟ ୦ ।୵୬ |
| ମର୍ଦ୍ଦରାଜୀଚରିତ୍ର ପାଲା | ,, | ଟ ୦ ।୰ |
| ମଣ୍ଡୋଦରି ପାଶିଅନ୍ତ ପାଲା ,, | | ଟ ୦ ।୰ |

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ଅନ୍ୟାନ୍ୟପାଲାମାନ ପ୍ରସ୍ତୁତ ଅଛି

## CHEAP ! CHEAP ! CHEAP !

**SCHOOL BOOKS.**

Prescribed for the Collegiate school and H. E. schools.

**JUST TO HAND.**

To be had of the Printing Company, Cuttack.

କଲେଜିଏଟ ସ୍କୁଲ ଓ ଇଂରାଜୀ ହାଇସ୍କୁଲର ପାଠ୍ୟପୁସ୍ତକମାନ ନୂତନ ଆମଦାନୀ ହୋଇ ଆସିଅଛି ।

ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ ।

## ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

ଦାର୍ଢ୍ୟଭାଭକ୍ତି ରସାମୃତ ।

ସମ୍ପୂର୍ଣ୍ଣ ୫୨ ଅଧ୍ୟାୟ

ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଟ ୧ ଙ୍କା ମୋଫସଲନିମନ୍ତେ ଡାକମାସୁଲ ଟ ୦।୵

## NOTICE

THE

# DWIBHASI.

*SECOND EDITION IS OUT AND AVAILABLE FOR SALE.*

To be had of the Printing Company Cuttack.

*Price four annas.*

## ଦ୍ୱିଭାଷୀ ।

୨ୟ ସଂସ୍କରଣ ଛପାହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ମୂଲ୍ୟ ଚାରିଅଣା ।

## ଶୁଭସଂବାଦ ।

ଅସୁରେନ୍ଦ୍ରର ମେଡିକଲ୍ ମ୍ୟାନୁଫାକ୍‌ଚରିଂ

କୋମ୍ପାନୀ ଅଫ ଇଣ୍ଡିଆ, ଲିମିଟେଡ୍ ।

କାଲନା, ବେଙ୍ଗଲ ।

ଔଷଧର ମୂଲ୍ୟ ଶତକରା ଟ ୨୫ ଙ୍କା ଊଣା ହେଲା ।

କୋମ୍ପାନୀର ପ୍ରସ୍ତୁତ ଅସୁରେନ୍ଦ୍ରଙ୍କ ଚିକିତ୍ସା ମୋଡ଼ କର ଔଷଧ ସମୂହ ଯେପରି ବିଶୁଦ୍ଧ ଏବଂ କାର୍ଯ୍ୟକାରୀ ଓ ସୁଲଭ ମୂଲ୍ୟରେ ବିକ୍ରୟ ହୁଏ ସେପରି ଆଉ କୌଣସିଠାରେ ପ୍ରାପ୍ତ ହୁଏ ନାହିଁ । ଔଷଧର ଲାଭ ନିମିତ୍ତ କୋମ୍ପାନୀ ଦାୟୀ । ଏତେ ସୁଲଭ ମୂଲ୍ୟରେ ଯାହାର ବିଶୁଦ୍ଧ ଔଷଧର ପ୍ରୟୋଜନ କୋମ୍ପାନୀ ନିକଟକୁ ଲେଖିବେ ଠକିବାର ଭୟ ନାହିଁ । କେବଳ ଅଗ୍ରିମ ରକମ ପଠାଇଲେ ବାଞ୍ଛା ପୂର୍ଣ୍ଣ ହେବ ।

ଔଷଧର ମୂଲ୍ୟ ଅଗ୍ରିମ ଦେୟ—

ଯାହାର ଭେଲୁପେବଲରେ ଔଷଧ ନେବାର ପ୍ରୟୋଜନ ତାହାକୁ ଅନ୍ତତଃ ଚତୁର୍ଥାଂଶ ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ, ନତୁବା ଅନେକ ସ୍ଥଳରେ ଔଷଧ ପ୍ରେରିତ ହେବ ନାହିଁ ।

ବୈଦ୍ୟନାଥ ବଟି—ନିୟମିତ ବ୍ୟବହାର କଲେ ବହୁସାଧ ପ୍ରମେହ ରୋଗ ନିଶ୍ଚୟ ନିରାକୃତ ହୁଏ । ଅନୁପାନ ବିଶେଷରେ ସେବନ କଲେ ଶୁକ୍ର ତାରଲ୍ୟ ସ୍ୱପ୍ନଦୋଷ ସ୍ମୃତିକ୍ଷୟ ପ୍ରଭୃତି ଏକାବେଳକେ ପ୍ରଶମିତ ହୁଏ । ଏହାର ଫଳ ଅବ୍ୟର୍ଥ ।

୨ ବଟି ୧୮ ଟଙ୍କା ଡାକମାସୁଲ ।୰ ଅଣା ।

ମକରଧ୍ବଜ—ସ୍ୱର୍ଣ୍ଣଘଟିତ ଦୌର୍ବଲ୍ୟନାଶକ ଅବ୍ୟର୍ଥ ମହୌଷଧ । ଚିକିତ୍ସକମାନଙ୍କର ବାଞ୍ଛନୀୟ ହୋଇଥିବା ଏହା ପ୍ରୟୋଗ । ଏହାର ଗୁଣ ଅନନ୍ତ, ଅନୁପାନ ବିଶେଷରେ ଏହା ସବୁ ରୋଗରେ ମଧ୍ୟ ବ୍ୟବହାର ହୁଏ ।

(୧ମ ଶ୍ରେଣୀ) ୨ ମାତ୍ରା ବା ୨ ତୋଳା ଟ ୧୮ ଙ୍କା

(୨ୟ ଶ୍ରେଣୀ) .     .     ୩ ଅଣା

ଜ୍ୱରକୁଳାନ୍ତ ବଟି—ସେବନରେ ସର୍ବପ୍ରକାର ଜ୍ୱର, ଏକାହ୍ନିକ, ମ୍ୟାଲେରିଆ ଜ୍ୱର ପ୍ରଭୃତି ଅତ୍ୟଳ୍ପ କାଳ ମଧ୍ୟରେ ଏକାବେଳକେ ଆରୋଗ୍ୟ ହୁଏ । ଏଥିରେ ପ୍ଳୀହା

Digitized by srujanika@gmail.com
Split by PDF Splitter

ସବୁଠ ଓ ପ୍ରକୋପ ସମସ୍ତ ପ୍ରକାରରେ ଦମନ ଏବଂ ଶରୀର ପୁଷ୍ଟ ସବଳ ସୁସ୍ଥ ଓ କାନ୍ତିଯୁକ୍ତ କରେ ଏବଂ ବେଶ ପ୍ରସ୍ତୁତ ହୁଏ ।

୧ ଶିଶି (୨୦ ବଟି) ୧ ଟଙ୍କା ଡାକମାସୁଲ ।୵ ଅଣା

**ଅଶୋକଘୃତ**—ସେବନରେ ସର୍ବପ୍ରକାର ପ୍ରଦର ରୋଗ ପ୍ରଭୃତି ରୋଗ ନିବୃତ୍ତି ହୋଇ ଶରୀର ପୁଷ୍ଟ ସୁସ୍ଥ ଏବଂ କାନ୍ତିଯୁକ୍ତା ହୁଏ ।

୧ ସେର ୧ ଟଙ୍କା ।

କୋମ୍ପାନି ବର୍ତ୍ତମାନ ମୂଲଧନ ୨୦୦୦୦ ଟଙ୍କା ୨୦୦ ଅଂଶରେ ବିଭକ୍ତ । ପ୍ରତି ଅଂଶର ମୂଲ୍ୟ ୧୦୦ ଟଙ୍କା ଅଂଶଗ୍ରହଣ ବର୍ତ୍ତମାନ ୫ ୨୫ ଟା ହେଉ । ଶୀଘ୍ର ୧୦୦୦୦ ଲକ୍ଷ ଟଙ୍କା ମୂଲଧନ ହୋଇ ୧୦୦୦୦ ଅଂଶରେ ବିଭକ୍ତ ହେବ ଏବଂ ପ୍ରତି ଅଂଶର ମୂଲ୍ୟ ୧୦ ଟଙ୍କା ହେବ ଏବଂ ଅଂଶପ୍ରତି ୨୫ ଟଙ୍କା ଦେବାକୁ ହେବ । ଯେଉଁମାନେ ଟଙ୍କାର ଅଂଶ କିଣି କରିବାକୁ ଇଚ୍ଛୁକ ସେମାନେ ନାମ ଧାମ ଲେଖି ପଠାଇବେ ।

**ସହାନୁ ଏଜେଣ୍ଟର ପ୍ରୟୋଜନ**—ଏଜେଣ୍ଟ ବ ଶତକରେ ୨୦ ଟଙ୍କା କମିଶନ ବାଦ ମୂଲ୍ୟ ଅଗ୍ରିମ ଦେବାକୁ ହେବ ।

ଔଷଧ ଜିନିଷ ବେଶ ଭଲବ୍ୟ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ ।

ସେକ୍ରେଟେରି ଓ ଟ୍ରେଜରର

---

ବିଜ୍ଞାପନ ।

## ନୂତନପୁସ୍ତକ ।

ନିମ୍ନଲିଖିତ ପୁସ୍ତକମାନ କଟକ ପ୍ରିଣ୍ଟିଙ୍ଗ୍ କମ୍ପାନୀର ପୁସ୍ତକାଳୟରେ ବିକ୍ରୟ କରାଯାଉଅଛି ।

| | |
|---|---|
| ଭୂଗୋଳସୂତ୍ରବଳ (ଦ୍ୱିତୀୟ ସଂସ୍କରଣ) | ଟ ୦ ୵ |
| ପଣ୍ଡିତଅଭିଧାନିକା (୬ମ ସଂସ୍କରଣ) | ଟ ୦ ୵ |
| ମାଳା (ସରଳ ସଟୀକ ଟୀକା) | ଟ ୦ ୵ |
| ବସ୍ତ୍ରହରଣ ଚିତ୍ରା ୬ଷ୍ଠ ସଂସ୍କରଣ | ଟ ୦ ୵ |
| ବସନ୍ତପ୍ରେମ ଚମ୍ପୂ ୧ମ ସଂସ୍କରଣ | ଟ ୦ ୧୧ |
| ଦେଶ ଚନ୍ଦ୍ରା ୧ମ ସଂସ୍କରଣ | ଟ ୦ ୵ |
| କବିତାବଳୀ (ମହେଶ୍ୱରବାବୁଙ୍କ ପ୍ରଣୀତ) | ଟ ୦ ୶ |
| ଅଭିଧାନ ଅର୍ଥପୁସ୍ତକ (୨ୟ ସ) | ଟ ୦ ୬୧ |
| ଲାବଣ୍ୟବତୀର କବିତା | ଟ ୦ ୵ |
| ଦୁର୍ଗାଲୀଳା (କାବ୍ୟ) | ଟ ୦ ୵ |
| ପଦ୍ମଲୀଳା ଟ ୦ । ସୁନ୍ଦର | ଟ ୦ ୶ |
| ଧର୍ମମାଳା (ସଂସ୍କୃତ) | ଟ ୦ ୧୧ |

---

ବିଜ୍ଞାପନ ।

## ପଦ୍ୟ ଭଗବଦ୍‌ଗୀତା ।

(ଭକ୍ତକବି ମହାପୁରୁଷ ଜଗନ୍ନାଥଙ୍କ ଅନୁବାଦିତ ପଦ୍ୟ) ମୁଦ୍ରିତ ହୋଇ ବିକ୍ରୟ ହେଉଅଛି । ମୂଲ୍ୟ ଏଣ ୧ ଟ ୦ । ଡାକମାସୁଲ ଟ ୦ ୬ ।

## ଆଶ୍ଚର୍ଯ୍ୟ ଚିକିତ୍ସା !

ଗବର୍ଣ୍ଣମେଣ୍ଟ ଉତ୍କଳ ଦେଶେର ପରୀକ୍ଷୋତ୍ତୀର୍ଣ୍ଣ ଉପାଧି ପ୍ରାପ୍ତ ରାଜବୈଦ୍ୟ ଶ୍ରୀ ନନ୍ଦଲାଲ ଭଟ୍ଟାଚାର୍ଯ୍ୟ କବିରଞ୍ଜନ କବିରାଜଙ୍କର ଆୟୁର୍ବେଦୀୟ ଚିକିତ୍ସାଳୟ ଓ ଔଷଧାଳୟ ନଂ ୩୮ ମୁକ୍ତାରାମବାବୁ ଷ୍ଟ୍ରିଟ ଚୋରବାଗାନ କଲିକତା ।

---

ଭାରତବର୍ଷ ମଧ୍ୟରେ ଅଦ୍ୱିତୀୟ ମହୌଷଧାଳୟରେ ସବୁ ପ୍ରକାର ରୋଗ ପାଇଁ ଅପୂର୍ବ୍ୟ ଶକ୍ତି ସମ୍ପନ୍ନ, ଗୁଣଯୁକ୍ତ ଫଳ ପ୍ରଦାନକାରୀ କେବଳ ଅମୋଘ ମହୌଷଧ ସକଳ ସୁଲଭ ମୂଲ୍ୟରେ ପ୍ରାପ୍ତ ହୁଏ ।

ଯେଉଁ ସକଳ ରୋଗୀ ଚିକିତ୍ସା ନିମନ୍ତେ ଆସିବାରେ ଅକ୍ଷମ ହେବାକୁ ଇଚ୍ଛା କରନ୍ତି, ସେମାନେ ରୋଗ ଓ ରୋଗର ଅବସ୍ଥା ଅନୁକୂଳ ଲେଖି ଅଗ୍ରିମ ମୂଲ୍ୟ ପଠାଇଲେ ଡାକଯୋଗରେ ବୈଦ୍ୟ ଏବଂ ସୁଲଭ ମୂଲ୍ୟରେ ଔଷଧ ଓ ଔଷଧ ସେବନର ପଥ୍ୟ ପଠାଇ ଥାଉଁ । ସେବନପତ୍ର ବୁଝିବା ନିମିତ୍ତ ଟିକଟ ପ୍ରାପ୍ତିରେ ଅର୍ଦ୍ଧଆଣା ଟିକଟ ପତ୍ର ମଧ୍ୟରେ ପଠାଇବେ ।

## ଚମତ୍କାରଜନକ

## ମହୌଷଧ ।

ଏରୂପ ଔଷଧ ଅଦ୍ୟାପି ଆବିଷ୍କୃତ ହୋଇ ନାହିଁ ।

୧ । କୈଷ୍ଣ୍ଣଭ ଗାଲିକା—ସ୍ନାୟୁଦୌର୍ବଲ୍ୟ ଶୋଧନକ ଏବଂ ଶରୀର ପୁଷ୍ଟ ଓ ବଳବାନ କରିବାର ଅଦ୍ୱିତୀୟ ଔଷଧ ମୂଲ୍ୟ ପ୍ରତି ଶିଶି ୧୧ ଡାଃ ମାଃ ୶

୨ । ମହାମାନସ୍ନେହପ୍ରଦ ଓ ବୃକ୍ଷମାତୃକା ବଟିକା ଏହା ଧାତୁ ଦୌର୍ବଲ୍ୟ ପ୍ରସନ୍ନମାନ, ଧାରଣା ଶକ୍ତି ଅଭାବ, ବଂଶରେ ପ୍ରମେହ ମେହ, ମଧୁମେହ, ମୂତ୍ରକୃଚ୍ଛ୍ର, ପ୍ରଭୃତି ରୋଗର ଅବ୍ୟର୍ଥ ଔଷଧ ଏକ ଶିଶିର ମୂଲ୍ୟ ୨୧ ଡାଃ ମାଃ ୬

୩ । ପ୍ରମେହ ଗଜକେଶରୀ—ଏହା ଔପସର୍ଗିକ ମେହ (ଗନୋରିଆ) ମହୌଷଧ ୫ ଦିନ ମଧ୍ୟରେ ଆରୋଗ୍ୟ ହେବ ।

୪ । ଘାର୍ଣ୍ଣ ତୈଳ—ଅର୍ଦ୍ଧାବଭେଦ, ଶିରଃପୀଡ଼ା, ଶିରୋଘୂର୍ଣ୍ଣନ ଅବ୍ୟର୍ଥ ଔଷଧ, ମୂଲ୍ୟ ପ୍ରତିଶିଶି ୧। ଡାଃ ମାଃ ।୶

୫ । ସର୍ବଜ୍ୱରାନ୍ତକ ବଟି—ଏହା ନୂତନ ଜ୍ୱର, ପାଳି ଜ୍ୱର, ଜୀର୍ଣ୍ଣ ଜ୍ୱର, ପ୍ଲୀହାଯୁକ୍ତ ଯକୃତଯୁକ୍ତ ଜ୍ୱର, ପାଣ୍ଡୁର ଜ୍ୱର, ସୁଲଭ ସର୍ବପ୍ରକାର ଜ୍ୱରର ଅବ୍ୟର୍ଥ ଔଷଧ ୨ ଘଣ୍ଟା ମଧ୍ୟରେ ବ୍ୟବହାର କଲେ ଆରୋଗ୍ୟ ହେବ ।

୬ । ମୃତ୍ୟୁଞ୍ଜୟ ଯୋଗ—ଏହା ସେବନ କଲେ ରକ୍ତ ବିକାର, ମୂତ୍ରକୃଚ୍ଛ୍ର ଶକ୍ତି ପରିହାର, ଦାଦ, ରକ୍ତ ଅମାଶୟ, ରକ୍ତସ୍ରାବ ହେବ, ୩ ଦିବସ ମଧ୍ୟରେ ଆରୋଗ୍ୟ ହୁଏ ମୂଲ୍ୟ ୨ ଡାଃ ମାଃ ।୶

Wanted a Sub-Overseer for the Puri Municipality on a salary of Rs. 25 and Rs. 12 as pony allowance per month. None need apply who has not passed the examination of a Sub-Overseer of the P. W. Department or is not a passed student of the Government Survey School. A knowledge of the Oryah language is necessary. A security of Rs. 200 in cash is required.

Application will be received by the undersigned up to 7th December 1895

Puri Municipal office The 15th November | Jagabandhu Patnaik *Vice-Chairman* *Puri Municipality.*

---

ବିଜ୍ଞାପନ ।

## ଚନ୍ଦ୍ରଭାଗା ।

ଦ୍ୱିତୀୟ ସଂସ୍କରଣ ।

କବିବର ଶ୍ରୀ ରାଧାନାଥ ରାୟଙ୍କ ପ୍ରଣୀତ ଚ.ନ୍ଦ୍ରଭାଗା ଉତ୍କଳ ସାହିତ୍ୟ-ଭଣ୍ଡାରର କୋହିନୁର ଗୋଟିଏ ମହାମୂଲ୍ୟ ରତ୍ନବିଶେଷ । ସେହି ରତ୍ନମାଳା ମଧ୍ୟରେ "ଚନ୍ଦ୍ରଭାଗା" ପୁଣି କୋହିନୁର ସଦୃଶ । ଏହି ବାହାର ପ୍ରତିଖଣ୍ଡର ମୂଲ୍ୟ ଟ ୦ ୵ ; ଯେଉଁମାନଙ୍କର ଏ ଅମୂଲ୍ୟରତ୍ନ ସଂଗ୍ରହ କରିବାର ଇଚ୍ଛା ଥାଏ, ସେମାନେ କଟକ ପ୍ରିଣ୍ଟିଂ କୋମ୍ପାନୀ ବା ଉତ୍କଳ ସମସ୍ତ ପୁସ୍ତକ ଦୋକାନରୁ ଅବିଳମ୍ବେ କ୍ରୟ କରନ୍ତୁ । ଇତି

ଶ୍ରୀ ଅର୍ଜୁନ ପ୍ରଧାନ କଟକ ।

---

ଉତ୍କଳଦୀପିକାର ବିଜ୍ଞାପନ, ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରଥମଥର ସବାତେ

| | |
|---|---|
| ଧାଡ଼ିପ୍ରତି | ଟ ୦ ।୶ |
| ଅଧସ୍ତମ୍ଭ | ଟ ୬୧ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ହେଉ ପଛକେ ଛପିବ ଟଙ୍କା ୦ ୧ ରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସବାତେ ଦର ପ୍ରଥମ ଥର ଦେଲା ଓ ମୂଲ୍ୟର ଯଥାକ୍ରମେ ହେବ ।

ଅଧିକ ଥରର ସବାତେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା କଟକ ପ୍ରିଣ୍ଟିଂ କମ୍ପାନୀ ଯନ୍ତ୍ରରେ ଛାପାଯାଇ ପ୍ରକାଶିତ ୩୦ ନଭେମ୍ବର ୧୮୯୫ ।

Split by PDF Splitter
Digitized by srujanika@gmail.com

Split by PDF Splitter


# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଖଣ୍ଡ ୩୦ ଶ । ସଂ ୪୭ ସଂଖ୍ୟା । ତା ୭ ଦଶ ମାହେ ଡିସେମ୍ବର ସନ ୧୮୯୫ ମସିହା । ମୂ । ଙ୍କ ୨୩ ନ ମାର୍ଗଶିର ଶକ ୧୮୦୩ ସାଲ ଶନିବାର । ଅଗ୍ରିମ ଟ ୩ ୧ । ପଶ୍ଚାଦେୟ ଟ ୬୯


## ବିଜ୍ଞାପନ ।

ସନ ୧୮୯୬।୯୭ ମସିହାର

ନୂତନ ପଞ୍ଜିକା

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଅନ୍ୟାନ୍ୟବର୍ଷ ପ୍ରାୟ ଛପା ହୋଇ ନିମ୍ନଲିଖିତ ମୂଲ୍ୟରେ ବିକ୍ରୟ ହେଉଅଛି ।

ବଡ଼ପାଞ୍ଜି ଟ ୦ ।✓

ସାନପାଞ୍ଜି ଟ ୦ ୯ ୬

ବଡ଼ପାଞ୍ଜିର ଡାକମାସୁଲ ଟ ୦ / ଓ ସାନ ପାଞ୍ଜିର ଡାକମାସୁଲ ଟ ୦ ୯ ୬ କେତେ ମାନଙ୍କ ସ୍ୱତନ୍ତ୍ର କର ଦିଆଯାଉଅଛି ଓ କମ୍ପାନୀଙ୍କ ମୁଦ୍ରିତ ପାଞ୍ଜିର ଆଦର ଦେଖି ଏବର୍ଷ ଏ ନଗରର ଅନ୍ୟଏକ ଯନ୍ତ୍ରାଳୟରୁ ଅତି ଖଣ୍ଡିଏ ନୂତନ ଉତ୍କଳ ପାଞ୍ଜି ବାହାର ଛଅଅଣା ମୂଲ୍ୟରେ ବିକ୍ରୟ ହେଉଅଛି । ତାହା କମ୍ପାନୀଙ୍କ ପାଞ୍ଜିଠାରୁ ଅନେକ ସାନ ଅର୍ଥାତ୍ ଅର୍ଦ୍ଧପାଞ୍ଜି ଅଟେ ଏବଂ ମୂଲ୍ୟ ଅପେକ୍ଷାକୃତ ଅଧିକ ଅଥଚ ଇହାର ଗଣନା ବିଶୁଦ୍ଧ ସିଦ୍ଧାନ୍ତାନୁସାରେ ନୁହେ । ତାହାକୁ ଯେମନ୍ତ କେହି ଭ୍ରମରେ କମ୍ପାନୀର ପାଞ୍ଜି ବୋଲି କ୍ରୟ କରନ୍ତେ ନାହିଁ । କମ୍ପାନୀର ପାଞ୍ଜିର ପ୍ରଣେତା ଉତ୍କଳର ବିଖ୍ୟାତ ଜ୍ୟୋତିଷ ମହାମହୋପାଧ୍ୟାୟ ଶ୍ରୀ ଚନ୍ଦ୍ରଶେଖର ସିଂହ ସାମନ୍ତ ଅଟନ୍ତି । ପାଞ୍ଜି ଉପରେ ତାହାଙ୍କ ନାମ ପଢ଼ି ପାଞ୍ଜି କ୍ରୟ କଲେ ଭ୍ରମରେ ପଡ଼ିବେ ନାହିଁ ।

---

...ଗୋଅରୁ ଅସିଥିବା ତାରସମ୍ବାଦରୁ ଜଣାଯାଏ ଯେ ସେଠାର ରାଜବିଦ୍ରୋହ ଶାନ୍ତ ହୋଇଅଛି । ବିଦ୍ରୋହୀ ସିପାହୀମାନେ ବନ୍ଧୁକାଦ ଅସ୍ତ୍ରମାନ ପରିତ୍ୟାଗ ଏବଂ ବନ୍ଦୀମାନଙ୍କୁ ମୁକ୍ତ କରି ଜଙ୍ଗଲକୁ ପଳାଇ ଯାଇଅଛନ୍ତି ।

---

ମହାମାନ୍ୟା ଶ୍ରୀମତୀ ଭାରତେଶ୍ୱରୀଙ୍କ ଅନୁମୋଦନପୂର୍ବକ ଭାରତବର୍ଷର ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁରଙ୍କଦ୍ୱାରା ମାନ୍ୟବର ସର୍ ଅଲେକ୍ଜାଣ୍ଡର ମାକେଞ୍ଜି କେ, ସି, ଏସ୍, ଆଇ, ବଙ୍ଗଦେଶର ଲେଫ୍ଟନାଣ୍ଟ ଗବର୍ଣ୍ଣର ପଦରେ ନିଯୁକ୍ତ ହେବାର ବିଜ୍ଞାପନ ସରକାରୀ ଗେଜେଟରେ ବାହାରଅଛି ।

---

ଭାରତବର୍ଷର ଅଧୁନା ବ୍ୟୟ ପରୀକ୍ଷା କମନ୍ତେ କଲିକତାରେ ଯେଉଁ ରୟାଲ୍ କମିଶନ ଅର୍ଥାତ୍ ରାଜକୀୟ ସମିତି ବସିଅଛି ଇହାର ଅଧିବେଶନ ଗତମାସ ତା ୫ ରିଖରୁ ଆରମ୍ଭ ହୋଇଅଛି । ଇଣ୍ଡିଆ ଅଫିସର ଅର୍ଥପରୀକ୍ଷକ ଏବଂ ଅନ୍ୟାନ୍ୟ କେତେକ ସରକାରୀ କର୍ମଚାରୀଙ୍କ ସାକ୍ଷି ଗୃହୀତ ହୋଇଅଛି । ବେସରକାରୀ ସାକ୍ଷ ଗୃହୀତ ହେବ କି ନାହିଁ ଅଦ୍ୟାପି ଜଣାଯାଇ ନାହିଁ ।

---

ଏନଗରର ପୁଲିସ ବାବୁ ବଳଭଦ୍ର ଓ ଅର୍ କେତେଜଣ ନାମରେ ଯେଉଁ ଫଉଜଦାରୀ ମୋକଦ୍ଦମା କରଥିଲେ ଏବଂ ଯହିଁରେ ଅଭିଯୋଗ ହୋଇଥିଲା ଗତ ଶନିବାର ତାହା ନିଷ୍ପତ୍ତି ହେଲା । ସଫାଇସାକ୍ଷ ଗ୍ରହଣ କରି ମାଜିଷ୍ଟ୍ରେଟଙ୍କ ମନରେ ସନ୍ଦେହ ହେବାରୁ ଆସାମିମାନଙ୍କୁ ସନ୍ଦେହର ଫଳ ପ୍ରଦାନ ପୂର୍ବକ ଖଲାସ ଦେଲେ । ଏବିଗ୍ଭରରେ ସର୍ବସାଧାରଣ ସନ୍ତୁଷ୍ଟ ହେବାର ଜଣାଯାଏ ।

---

ଜାତୀୟ ମହାସମିତିର ମଣ୍ଡପରେ ସାମାଜିକ ସମିତିର ଅଧିବେଶନ ହେବା ସମ୍ବନ୍ଧରେ ଯେଉଁ ଗୋଳମାଳ ଉଠିଥିଲା ତାହା ଭାଙ୍ଗିଯାଇଅଛି । ସାମାଜିକ ସମିତିର ସମ୍ପାଦକ ଶ୍ରୀଯୁକ୍ତ ରାନାଡ଼େ ପ୍ରକାଶ କରଅଛନ୍ତି ଯେ ଜାତୀୟ ମହାସମିତିର ମଣ୍ଡପରେ ସାମାଜିକ ସମିତିର ଅଧିବେଶନ ସକାଶେ ସେ ଅନୁମତି ପ୍ରାର୍ଥନା କରିବେ ନାହିଁ । ଶ୍ରୀଯୁକ୍ତ ରାନାଡ଼େ ବମ୍ବେଇ ହାଇକୋର୍ଟର ଜଣେ ବିଚାରପତି । ସେ ଏ ବିଷୟରେ ପ୍ରକୃତ ବିଚାରକର କାର୍ଯ୍ୟ କରି ସମସ୍ତଙ୍କର ପ୍ରୀତିଭାଜନ ହୋଇଅଛନ୍ତି । ପୁନାର ହିନ୍ଦୁମାନେ ମଧ୍ୟ ଉଚିତ ଆପତ୍ତି ଉଠାଇ କରିବାଦ୍ୱାରା ଆପଣା ମହତ୍ତ୍ୱ ଦେଖାଇ ଅଛନ୍ତି ।

---

ଇଣ୍ଡିଆଗେଜେଟରେ ବିଜ୍ଞାପନ ପ୍ରକାଶ ହୋଇଅଛି କି ମାନ୍ୟବର ସର୍ ଚାର୍ଲସ୍ ଇଲିୟଟ୍ ବଙ୍ଗଳାର ଲେଫ୍ଟନାଣ୍ଟ ଗବର୍ଣ୍ଣରୀ ପଦ ସନ୧୮୯୫

Digitized by srujanika@gmail.com

ମସିହା ଡିସେମ୍ବରମାସ ତା ୧୨ ରିଖରେ ପଦତ୍ୟାଗ କରିବା ନିମନ୍ତେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁରଙ୍କଠାରୁ ଅନୁମତି ପାଇଅଛନ୍ତି । ତାହାଙ୍କର ପ୍ରଶଂସନୀୟ କାର୍ଯ୍ୟର ସମ୍ମାନ ନିମନ୍ତେ ମହାମାନ୍ୟ ମହୋଦୟ ଆଦେଶ କରିଅଛନ୍ତି ଯେ ଲେଫ୍ଟେନାଣ୍ଟ ଗବର୍ଣ୍ଣର ପଦ ଉପଲକ୍ଷରେ ଯେ ସମସ୍ତ ସମ୍ମାନ ବର୍ତ୍ତମାନ ପାଉଅଛନ୍ତି ଏବଂ ପାଇବାର ଅଧିକାରୀ ତା୧୨ରିଖ ଡିସେମ୍ବରଠାରୁ ଇଉରୋପକୁ ଯିବା ନିମନ୍ତେ ଜାହାଜରେ ଚଢ଼ିବା ଦିନ ପର୍ଯ୍ୟନ୍ତ ସେହି ସମସ୍ତ ସମ୍ମାନ ପ୍ରାପ୍ତ ହେବେ ।

---

ଭାରତବର୍ଷରେ ଗୋଟିଏ ପ୍ରୁଫ୍ ଡିପାର୍ଟମେଣ୍ଟ ଅର୍ଥାତ୍ ପରୀକ୍ଷା ମହକୁମା ସଂସ୍ଥାପନ ନିମନ୍ତେ ଇଣ୍ଡିଆଗବର୍ଣ୍ଣମେଣ୍ଟ ବିଲାତସ୍ଥ ଭାରତୀୟ ସେକ୍ରେଟରୀଙ୍କ ମଞ୍ଜୁରୀପ୍ରାପ୍ତ ହୋଇଅଛନ୍ତି । ଏହି ମହକୁମାର ସଦର ମୁକାମ ପୂର୍ବ ଉପକୂଳରେ ବାଲେଶ୍ୱରଠାରେ ବସିବ ଏବଂ ଏଥିପାଇଁ ସମୁଦ୍ରକୂଳରେ ଗୋଟିଏ ସ୍ଥାନ ସରକାରୀ ଖରିଦ ହେବ । ତୋପ ଓ ଗୁଳି ଇତ୍ୟାଦିର ବଳାବଳ ଓ ଦୌଡ଼ ପରୀକ୍ଷା କରିବା ଏ ମହକୁମାର କାର୍ଯ୍ୟ ଅପାତତଃ ଏକଲକ୍ଷ ଟଙ୍କାର ତୋପ ଏବଂ ଅନ୍ୟାନ୍ୟ ଅସ୍ତ୍ର ବିଲାତରୁ ଆସିବ ଏବଂ ଏଦେଶରେ ମଧ୍ୟ ଏ-[illegible] ୮୪ ହଜାର ଟଙ୍କା ବ୍ୟୟ ହେବ । ମାସିକ ୪ ଶତ ଟଙ୍କା ବେତନରେ ଜଣେ ପରୀକ୍ଷକ ନିଯୁକ୍ତ ହେବେ ଏବଂ ତାହାଙ୍କ ଅଧୀନରେ କେତେଜଣ ଇଉରୋପୀୟ ଏବଂ ଦେଶୀୟ କର୍ମଚାରୀ ରହିବେ । ମହକୁମାଟି ସରକାରୀ ଗୁଳି ବାରୁଦ ଏବଂ ଇନ୍ସପେକ୍ଟର ଜେନେରଲଙ୍କ ଅଧୀନରେ ରହିବ ।

---

ଗତ ପୂର୍ବ ଶୁକ୍ରବାର ବଙ୍ଗୀୟ ଲାଟବାହାଦୁରଙ୍କ ବେଲଭେଡିୟର ନାମକ ରାଜପ୍ରାସାଦରେ ଉପାଧି ବିତରଣର ଦରବାର ହୋଇଥିଲା । ଅର୍ଥାତ୍ ବଙ୍ଗଦେଶ ନିବାସିଙ୍କ ମଧ୍ୟରୁ ଯେଉଁମାନେ ମହାମାନ୍ୟ ଗବର୍ଣ୍ଣରଜେନେରଲଙ୍କଠାରୁ ଗତ ଭାରତେଶ୍ୱରୀଙ୍କ ଜନ୍ମଦିନ ଉପଲକ୍ଷରେ ନାନା ଉପାଧି ପାଇଥିଲେ ସେମାନଙ୍କ ତହିଁର ସନନ୍ଦ ଓ ଖିଲତ ଏହି ଦରବାରରେ ଦିଆଗଲା । ଦରବାର ଗୃହଟି ଦେଶୀୟ ଓ ଇଉରୋପୀୟ ସମ୍ଭ୍ରାନ୍ତ ବ୍ୟକ୍ତିବର୍ଗଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଥିଲା ଏବଂ ସକଳ କର୍ମ୍ମ ଯଥାବିଧି ସମାରୋହ ସହିତ ସମ୍ପାଦିତ ହୋଇଥିଲା । ପ୍ରଥମେ ଗିଧୌରର ମହାରାଜା ମାନ୍ୟବର ସର ରାବଣେଶ୍ୱର ପ୍ରସାଦ ସିଂହ 'ନାଇଟକମାଣ୍ଡର ଇଣ୍ଡିୟାନ୍ ଏମ୍ପାୟାର୍' ଉପାଧି ଏବଂ ତହିଁଉତ୍ତାରୁ ପେନସନ ପ୍ରାପ୍ତ ମାଜିଷ୍ଟ୍ରେଟ ଖାନବାହାଦୁର ମୌଲବୀ ଅବଦୁଲ ଜବର 'କମ୍ପାନିୟନ ଇଣ୍ଡିଆନ୍ ଏମ୍ପାୟର୍' ଉପାଧି ପାଇଲେ । କଲିକତାର ରାଜା ବିନୟକୃଷ୍ଣ ଦେବ ଓ ନେଦିଆପୁରର ରାଜା ନରେନ୍ଦ୍ରଲାଲ ଖାନ୍ ରାଜା ଉପାଧିରେ ଭୂଷିତ ହେଲେ । ତହିଁଉତ୍ତାରୁ ଏକଜଣଙ୍କୁ ସମସୁଲଉଲମା ଏବଂ କେତେ ଜଣଙ୍କୁ ରାୟବାହାଦୁର ଏବଂ ଖାନ୍‌ବାହାଦୁର ପଦମାନଙ୍କର ସନନ୍ଦ ଦିଆଗଲା । ଏହି ଦରବାର ସର୍ ଇଲିୟଟ୍ ବାହାଦୁରଙ୍କର ଶେଷ ଦରବାର ଅଟେ ଏବଂ ଦରବାର ଶେଷରେ ସେ ଯେଉଁ ବକ୍ତୃତା କରିଥିଲେ ତାହା ବଡ଼ ସୁନ୍ଦର ହୋଇଥିଲା । ଦରବାର ଉତ୍ତାରୁ ଏକ ଉଦ୍ୟାନସମ୍ମିଳନ ହୋଇଥିଲା ଏବଂ ମାନ୍ୟବର ଲେଟିଲାଟ ବାହାଦୁର ଏବଂ ତାହାଙ୍କ ସହଧର୍ମିଣୀ ଆମନ୍ତ୍ରିତ ବ୍ୟକ୍ତିଙ୍କୁ ଯଥୋଚିତ ସମାଦର କରିଥିଲେ ।

---

ଏଠା ରେଭେନସାକଲେଜର ୩ୟ ବର୍ଷୀୟ ଶ୍ରେଣୀର ଏକଜଣ ଛାତ୍ର ୨ୟ ବର୍ଷୀୟ ଶ୍ରେଣୀର ଦୁଇଜଣ ଏବଂ ତୃତୀୟ ବର୍ଷୀୟ ଶ୍ରେଣୀର ଏକଜଣ ଏରୂପ ଚାରିଜଣ ଛାତ୍ରମଧ୍ୟରୁ ପ୍ରଥମ ଓ ଶେଷୋକ୍ତ ଶ୍ରେଣୀର ଛାତ୍ରମାନେ ତିନିମାସ ଓ ଅନ୍ୟ ଦୁଇଜଣ ଏକମାସ ନିମନ୍ତେ ବହିଷ୍କୃତ ହୋଇଅଛନ୍ତି ଓ ଶେଷ ଦୁଇଜଣ ମଧ୍ୟ ପ୍ରତ୍ୟେକ ୫୦ ଟଙ୍କା ଜରିମାନା ଦଣ୍ଡ ଲଭିଅଛନ୍ତି । ଏଥିର କାରଣ ଏହି ଯେ ଏହି ଚାରିଜଣ ଛାତ୍ର ଓ କଲିକତା କଲେଜର ଦୁଇଜଣ ଛାତ୍ର କଲିକତାରୁ ଆସିଥିବା ଦୁଇଜଣ ଛାତ୍ର ସଙ୍ଗେ ଏକଦିନ ସନ୍ଧ୍ୟା ସମୟରେ କାଠଯୋଡି ନଦୀକୂଳରେ ଗୀତବାଦ୍ୟ ଆମୋଦ କରୁଥିଲେ । ରେଭେନସା କଲେଜର ହେଡ଼ମାଷ୍ଟର ବାବୁ ସନ୍ତୁଲାଲ ବାନାର୍ଜ୍ଜୀ ସେହି କାଳରେ ସେମାନଙ୍କର ନିକଟସ୍ଥ ହେବାରୁ ସେମାନଙ୍କ ମଧ୍ୟରୁ କେହି ହେଡ଼ମାଷ୍ଟରଙ୍କ ଅସୁଣିବାର ସଙ୍କେତ କରି ଦେଇଥିଲେ ଅପର ଜଣେ ସେକେଣ୍ଡ ମାଷ୍ଟର ଓ କମନରୁମ ମାଷ୍ଟର ଅସୁଥିବା କହିଥିଲେ । ଗତିକେ ବାବୁ ଛାତ୍ରମାନଙ୍କର ଏରୂପ କଥା ଶୁଣି ସେମାନଙ୍କର ଆଚରଣ କଲେଜର ପ୍ରିନ୍ସିପାଲଙ୍କୁ ଜଣାଇବାରେ ସେ ତହିଁର ଅନୁସନ୍ଧାନ କଲେ ଏବଂ ଛାତ୍ରମାନଙ୍କର ଜବାବ [illegible] ହେବାରେ ଦୁଇଜଣ ନିମନ୍ତେ ବୃଦ୍ଧିଜଣ ଉପରଲିଖିତ ମତେ ଦଣ୍ଡ ହୋଇଗଲେ ଛାତ୍ରମାନଙ୍କ ଆଚରଣ ସଂଶୋଧନ ନିମନ୍ତେ ଶାସ୍ତିର ପ୍ରୟୋଜନ । ଏବଂ ଉପସ୍ଥିତ ସ୍ଥଳେ ଛାତ୍ରମାନେ ଦଣ୍ଡର ଯୋଗ୍ୟ ହୋଇଅଛନ୍ତି ସନ୍ଦେହ ନାହିଁ ମାତ୍ର ଆମ୍ଭମାନଙ୍କ ବିବେଚନାରେ ଅତ୍ୟନ୍ତ ଗୁରୁତର କାରଣ ତହିଁରେ ପଢ଼ିବାର ବ୍ୟାଘାତ ଘଟେ । ପ୍ରଥମେ ଜରିମାନା ଅବା ବୃତ୍ତିବନ୍ଦ ନିମନ୍ତେ ବୃତ୍ତି ବନ୍ଦ କରି ପୁନଃ ୨ ଦୋଷ କଲେ ଲଘୁ ବହିଷ୍କାର ଦଣ୍ଡବିଧାନ ହେବା ଉଚିତ ।

---

## TELEGRAM.

Parlakemedi 5th Decr. 1895.

A public meeting held here on the fourth instant elected 13 deligates to Poona Congress and 14 to conference recommended lending congrress pavilion for the conference as usual the important feature of the meeting was its being presided over by the second prince and his election as one of the delegates both to the congress and the conference half of the deligates are Uriyas.

ଉପରଲିଖିତ ତାରସମ୍ବାଦର ମର୍ମ ଏହି ଯେ ପାରଳାଖେମଣ୍ଡିବାସିମାନେ ଗତ ବୁଧବାର ଏକ ସାଧାରଣ ସଭା କରି ଭାରତୀୟ ମହାସମିତିର ପୁନାରେ ଯେଉଁ ଅଧିବେଶନ ହେବ ତହିଁନିମନ୍ତେ ୧୩ ଜଣ ପ୍ରତିନିଧି ଏବଂ ସାମାଜିକ ସମ୍ମିଳନୀ ନିମନ୍ତେ ୧୪ ଜଣ ପ୍ରତିନିଧି ମନୋନୀତ କଲେ ଏବଂ ମହାସମିତିର ମଣ୍ଡପରେ ସାମାଜିକ ସମିତି କରିବା ସପକ୍ଷରେ ମତ ଦେଲେ । ସେଠାର ୨ୟ ରାଜକୁମାର ଏହି ସଭାର ସଭାପତି ହୋଇଥିଲେ ଏବଂ ସେ ଉଭୟ ସମିତିର ଜଣେ ପ୍ରତିନିଧି ମନୋନୀତ ହୋଇଅଛନ୍ତି । ପ୍ରତିନିଧିମାନଙ୍କ ଅର୍ଦ୍ଧାଂଶ ଓଡ଼ିଆ ଅଟନ୍ତି ।

ପାରଳାଖେମଣ୍ଡିର ଉତ୍କଳ ହିତୈଷିଣୀ ସମାଜର ଉଦ୍ୟମରେ ଏ ସଭା ବସିବାର ଜଣା-

Split by PDF Splitter

Digitized by srujanika@gmail.com

ଯାଏ ଏବଂ ୨ୟ ରାଜକୁମାରଙ୍କର ସାଧାରଣ ବିଷୟରେ ଏତାଦୃଶ ଉତ୍ସାହ ବଡ଼ ପ୍ରଶଂସାର ବିଷୟ ଅଟେ ।

———

### ସର୍ ଚାର୍ଲସ ଇଲିୟଟ ।

ବଙ୍ଗଳାର ବର୍ତ୍ତମାନ ଲେଫ୍ଟେନାଣ୍ଟ ଗବର୍ଣ୍ଣର ସର ଚାର୍ଲସ ଇଲିଅଟ ବାହାଦୁରଙ୍କ କାର୍ଯ୍ୟକାଳ ପ୍ରାୟ ଶେଷ ହେଲା । ଆଉ ଏକ ସପ୍ତାହ ଉତ୍ତାରୁ ସେ ବିଲାତ ଯାତ୍ରା କରିବେ । ସେ ପୂର୍ଣ୍ଣ ପାଞ୍ଚ ବର୍ଷକାଳ ଅତ୍ୟନ୍ତ ଦକ୍ଷ ଓ ଉତ୍ସାହ ସହିତ ବଙ୍ଗଦେଶ ଶାସନ କଲେ ମାତ୍ର ସେପରିମାଣ ଲୋକଙ୍କର ସହାନୁଭୂତି ଓ ଭକ୍ତିଭାଜନ ହୋଇ ପାରିବାର ଜଣାଯାଉ ନାହିଁ । ଯାହା ହେଉ ସେ ବଡ଼ ଚତୁର ଲୋକ । କାଳେ ଲୋକେ ତାହାଙ୍କର କାର୍ଯ୍ୟମାନ ପାସୋରିଯାଇ ତାହାଙ୍କ ପ୍ରଶଂସା କରିବାରୁ ବିରତ ହେବେ ଏଥିପାଇଁ ସେ ବଙ୍ଗପ୍ରଦେଶର ଗତ ବର୍ଷର ବଜେଟ ସଂକ୍ରାନ୍ତ ଆୟ ବ୍ୟୟର ସମାଲୋଚନା ନିର୍ଦ୍ଧାରଣରେ ଆପଣା ଶାସନକାଳ ପାଞ୍ଚବର୍ଷର ଆର୍ଥିକ ଅବସ୍ଥା ଓ ପ୍ରଧାନ କାର୍ଯ୍ୟମାନ ବିସ୍ତାରିତ ରୂପେ ପ୍ରକାଶ କରାଇ ଦେଇଅଛନ୍ତି । ସେ ଦେଖାଇ ଅଛନ୍ତି ଯେ ସନ ୧୮୯୧।୯୨ ଆରମ୍ଭରେ ତହବିଲ ବାକି ୨୪ ଲକ୍ଷ ୨୭ ହଜାର ଥିଲା ଏବଂ ସେ ବର୍ଷର ଆୟ ୫କୋଟି ୭୮ ଲକ୍ଷ ଏବଂ ବ୍ୟୟ ୫କୋଟି ୭୯ଲକ୍ଷ ହୋଇଥିଲା । ମାତ୍ର ସନ୧୮୯୫।୯୬ ସାଲର ଆୟ ୪ଲକ୍ଷ ୪୯ହଜାର ଓ ବ୍ୟୟ ୪ଲକ୍ଷ ୫୦ହଜାର ଟଙ୍କା ଇଷ୍ଟିମେଟ ହୋଇ ସୁଦ୍ଧା ପୂର୍ବର ତହବିଲ ବାକି ମଧ୍ୟେ ୪୦ଲକ୍ଷ ୭୦ ହଜାର ଟଙ୍କା ତହବିଲରେ ରହିବାର ଆଶା ଅଛି । ପ୍ରଥମ ବର୍ଷ ନର୍ଦ୍ଦର୍ଣ୍ଣବେଙ୍ଗଲ ରେଲୱେର ଆୟ ବ୍ୟୟ ବଙ୍ଗଳାର ଖାତାରେ ଲେଖା ହୋଇ ଥିଲା । ଇଣ୍ଡିଆସରକାର ସେ ସମସ୍ତ ଭାରତୀୟ ଖାତାକୁ ଉଠେଇବାରୁ ଆୟ ବ୍ୟୟର ପରିବର୍ତ୍ତନ ଘଟିଲା । ନୋହିଲେ ସକଳପ୍ରକାର ରାଜସ୍ୱର ଆୟ କ୍ରମାଗତ ବଢ଼ିଅଛି ଏବଂ ବ୍ୟୟ ଉଚିତ ସୀମାମଧ୍ୟରେ ରହି ଅଛି । କଲିକତା ସରକାରୀ କର୍ମଚାରୀମାନଙ୍କ ବେତନ ଉପରେ ବଟାର କ୍ଷତିପୂରଣ ଦିଆଯାଉ ନ ଥିଲେ ଅଧିକ ବ୍ୟୟ ଊଣା ହୋଇ ଥାନ୍ତା ।

ଗତ ପାଞ୍ଚବର୍ଷରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ପ୍ରାପ୍ୟ ରାଜସ୍ୱର ଅତିରିକ୍ତ ୭୭ଲକ୍ଷ ଟଙ୍କା ଦେଇ ସୁଦ୍ଧା ମାନ୍ୟବର ମହୋଦୟ ଶାସନକାର୍ଯ୍ୟର ବିଶେଷ ଉନ୍ନତିମାନ ସାଧନ କରିବାକୁ ସମର୍ଥ ହୋଇ ଅଛନ୍ତି ଯଥା— ଉକଣ୍ଠା ନୂତନ ଜଜ ସ୍ଥାପିତ ଓ ସବ ଜଜ ମୁନସଫ ଓ ସବ୍ ରେଜିଷ୍ଟ୍ରାରଙ୍କ ସଂଖ୍ୟା ବୃଦ୍ଧି ହୋଇ ଅଛି । ବାର୍ଷିକ ପାଞ୍ଚଲକ୍ଷ ଟଙ୍କା ବ୍ୟୟରେ ପୁଲିସର ସଂସ୍କାର ହୋଇଅଛି ଏବଂ ଭାଗଲପୁର ବକସାର ପ୍ରଭୃତି ଜେଲଖାନା ପରିବର୍ତ୍ତିତ ଏବଂ ପାନୀୟ ଜଳର ଉନ୍ନତି ହୋଇ ଅଛି । ମେଡିକାଲକଲେଜ ଓ କାମ୍ବେଲ ଚିକିତ୍ସାଳୟରେ ନୂତନ ଘରମାନ ଯୋଗ ହୋଇଅଛି । କଲିକତାର ଦକ୍ଷିଣରେ ଗୋଟାଏ ନୂତନ ଚିକିତ୍ସାଳୟ ନିର୍ମାଣ ହେଉଅଛି ଏବଂ ଟୀକା ଓ ସ୍ୱାସ୍ଥ୍ୟ ବିଭାଗ ପୁନର୍ଗଠିତ ହୋଇ ଅଛି । ଗରିବ ଲୋକଙ୍କ ନିମନ୍ତେ ଡାକଘର ମାନଙ୍କରେ କୁଇନାଇନ ବିକ୍ରୟର ବନ୍ଦୋବସ୍ତ ହୋଇ ଅଛି । ଏବଂ ଦାରଜିଲିଂ ନିକଟରେ ଆଉ ଗୋଟିଏ କୁଇନାଇନ କାରଖାନା ଖରିଦ ହୋଇ ଅଛି । ସରକାରୀ ଅନେକ ୨ କଚେରିଗୃହମାନ ବହୁ ବ୍ୟୟରେ ନିର୍ମିତ ହୋଇଅଛି ଏବଂ ଅନେକ ରେଲବାଟକୁ ସଡ଼କମାନ ପ୍ରସ୍ତୁତ ହୋଇଅଛି । ଓଡ଼ିଶା କାନାଲ ବିସ୍ତୃତ, ହିଜଲିକାନାଲ ପୁନର୍ଗଠିତ ଏବଂ ବାକିରଗଞ୍ଜକୁ ଯିବା କାରଣ ଗୋଟିଏ ଜଳପଥ ପ୍ରସ୍ତୁତ ହୋଇଅଛି । ଶିକ୍ଷାବିଭାଗରେ ଶିବପୁର କଲେଜର ଅନେକ ବ୍ୟୟ ସାଧ୍ୟ ଉନ୍ନତି ହୋଇଅଛି, ଢାକାରେ ଗୋଟିଏ ଶିଳ୍ପ ବିଦ୍ୟାଳୟ ସ୍ଥାପିତ ହୋଇଅଛି, ସାହେବ ପିଲାଙ୍କ ନିମନ୍ତେ କେରସିଅଙ୍ଗଠାରେ ଗୋଟିଏ ନୂଆସ୍କୁଲ ନିର୍ମିତ ହେଉଅଛି ଏବଂ ପ୍ରେସିଡେନ୍ସି କଲେଜରେ ରସାୟନ ଶିକ୍ଷାର ସୁବ୍ୟବସ୍ଥା ହୋଇଅଛି, କଲିକତା ଶିଳ୍ପ ବିଦ୍ୟାଳୟ ନିମନ୍ତେ ନୂତନଘର ପ୍ରସ୍ତୁତ ଏବଂ ହିନ୍ଦୁ ଓ ମୁସଲମାନଙ୍କ ନିମନ୍ତେ ଛାତ୍ରାବାସମାନ ନିର୍ମାଣ ହୋଇଅଛି । ଏତଦ୍ଦ୍ୱାରେ ବଙ୍ଗଳାର ଅଭାବମାନ ଘୁଞ୍ଚିଯାଇଅଛି ଏମନ୍ତ ନୁହେ । ମାତ୍ର ସର ଇଲିୟଟ ବାହାଦୁର ଏତେକାର୍ଯ୍ୟ କରିବାହେତୁ ସୁଦ୍ଧା ବଙ୍ଗଳାର ଅର୍ଥ ବିଭାଗକୁ ବିଶେଷ ସୌଭାଗ୍ୟଶାଳୀ ଅବସ୍ଥାରେ ରଖି ଯାଉଅଛନ୍ତି ଏବଂ ସେ ଆଶା କରନ୍ତି କି ତାହାଙ୍କର ପଶ୍ଚାତବର୍ତ୍ତୀ ଶାସନକର୍ତ୍ତା ସେ ଛାଡ଼ି ଯିବା ତହବିଲ ବାକି ସାହାଯ୍ୟରେ ଅନ୍ୟାନ୍ୟ ଉନ୍ନତ କାର୍ଯ୍ୟମାନ କରିବାକୁ ସକ୍ଷମ ହେବେ ।

ଆମ୍ଭମାନଙ୍କର ଏତିକି ଦୁଃଖ ଯେ ବଙ୍ଗଳାର ଆର୍ଥିକ ଅବସ୍ଥା ଏତେ ଭଲ ଥିବା ପ୍ରତ୍ୟକ୍ଷେ ସର ଇଲିୟଟ ବାହାଦୁର ପ୍ରଜାଙ୍କର କରଭାର ଊଣା କରିବା କିମ୍ବା ଆଉ ସଙ୍ଗଇନାଳ ପ୍ରଭୃତି ପର ସ୍ୱାସ୍ଥ୍ୟରକ୍ଷାର ସନ୍ତୋଷଜନକ ଉପାୟ ନିମନ୍ତେ ନୂତନ କର ବସାଇବାକୁ ଟିକିଏ ଦ୍ୱିଧା କଲେ ନାହିଁ ।

—•○✻○•—

### ଓଡ଼ିଶାର ଗତ ବାର୍ଷିକ ବିବରଣ ୪

ବିଭାଗୀୟ କମିଶନର ଏବଂ ପ୍ରତ୍ୟେକ ଜିଲ୍ଲା ଓ ମହକୁମାର ଭାରପ୍ରାପ୍ତ କର୍ମଚାରୀମାନେ ସନ ୧୮୯୪।୯୫ ସାଲରେ ଛମାସର ଊର୍ଦ୍ଧ୍ୱକାଳ ମୋଫସଲ ଭ୍ରମଣ କରିଥିଲେ । କେବଳ କଟକ କଲେକ୍ଟରଙ୍କର ମୋଫସଲ ଗସ୍ତ ଦିନ ଊଣା ପଡ଼ିଥିଲା । ଏହି ଗସ୍ତ ଖରା ବର୍ଷା ଶୀତ ସବୁ ଋତୁରେ ହୋଇଥିଲା ଏବଂ ସରକାରୀ ଓ ସାଧାରଣ କାର୍ଯ୍ୟାଳୟ ସମସ୍ତ ପୁନଃ ୨ ତଦାରଖ ହୋଇଥିଲା ଏବଂ ଯାହାଙ୍କ ଏଲାକାରେ ବିଶେଷ ଜଳାବଢି ଦେଖା ଦେଇ ହୋଇଥିଲା ସେ ତହିଁର ଅନୁସନ୍ଧାନ କରି ଆବଶ୍ୟକମତେ ପ୍ରଜାଙ୍କ ସାହାଯ୍ୟର ବ୍ୟବସ୍ଥା ମଧ୍ୟ କରିଥିଲେ । କିନ୍ତୁ ଏମାନଙ୍କ ମଧ୍ୟରେ ଏକା ଖୋର୍ଦ୍ଧା ମହକୁମାର ହାକିମ ଶ୍ରୀଯୁକ୍ତ ମାକଫରସନସାହେବଙ୍କୁ ବିଶେଷ ପ୍ରଶଂସା ଶ୍ରୀଯୁକ୍ତ କମିଶନରସାହେବ ପ୍ରଦାନ କରିଅଛନ୍ତି । ଅନ୍ୟାନ୍ୟ ହାକିମଙ୍କପରି ସେ କେବଳ କଚେରି, ଥାନା, ଫାଣ୍ଡି, କାଞ୍ଜିହାଉସ, ସ୍କୁଲ ପାଠଶାଳା ଇତ୍ୟାଦି ଦେଖିବାରେ ତୃପ୍ତ ନ ହୋଇ ଲୋକଙ୍କର ଅବସ୍ଥା ଅନୁସନ୍ଧାନ କରିବାରେ ମନୋଯୋଗୀ ଥିଲେ ଏବଂ ତହିଁର ପରିଚୟ ତାହାଙ୍କ ଲିଖିତ ଲୋକଙ୍କ ଅବସ୍ଥା ଘଟିତ ବିବରଣରୁ ପ୍ରକାଶ । ଅନ୍ୟାନ୍ୟ ହାକିମମାନେ ସେହିପରି ମନୋଯୋଗୀ ହୋଇଥିଲେ ଲୋକଙ୍କର ପ୍ରକୃତ ସାଧାରଣ ଅବସ୍ଥା ଗବର୍ଣ୍ଣମେଣ୍ଟଙ୍କ ଜ୍ଞାତସାରରେ ଆସି ପାରନ୍ତା ।

ଲୋକଙ୍କର ସାଧାରଣ ଅବସ୍ଥା ବାର୍ଷିକ ରିପୋର୍ଟର ଗୋଟିଏ ମୁଖ୍ୟ ପରିଚ୍ଛେଦ ଅଟେ । ସମାଲୋଚିତ ରିପୋର୍ଟରେ ସେ ସମ୍ବନ୍ଧରେ ଲେଖାଅଛି କି ଫସଲ ଆରମ୍ଭ ସମୟରେ ବୃଷ୍ଟିର ଅଭାବରୁ ବଡ଼ ଆଶଙ୍କା ହୋଇଥିଲେ ହେଁ ସୁଖାଲିକହାଣ୍ଡି ପଛରୁ ଫସଲ ଭଲ ହେଲା ଏବଂ ଠାବେ ୨ ନଷ୍ଟବୃଦ୍ଧିଯୋଗ୍ୟ ଯୋଗ ହୋଇ ନ ଥିଲେ ପ୍ରଚୁର ଫସଲ ହୋଇଥାନ୍ତା । ତଥାପି ବର୍ଷାରମ୍ଭର କିଛିଦିନ ଉତ୍ତାରୁ ଅର୍ଥାତ ଭାଦ୍ରମାସରେ ଟଙ୍କାକୁ ସେ ୯ ର ଚାଉଳ ହୋଇଥିବା ପ୍ରତ୍ୟକ୍ଷେ ବର୍ଷଶେଷ ଅର୍ଥାତ ଚୈତ୍ରମାସରେ ସେ ୧୬ ର ବିକ୍ରୟ ହେଲା । ଏଥିରେ ବଣି-

Digitized by srujanika@gmail.com

Split by PDF Splitter



କୃଷିଅଙ୍କର ବିଶେଷ ସୁବିଧା ହୋଇଥିଲା ଏବଂ କୃଷିମାନେ ମହାଜନର ଦେଣ ଅଦାୟ ନିମନ୍ତେ ଅଳପଟଙ୍କାରେ ବହୁତ ଶସ୍ୟ ବିକ୍ରୟ କରିବାକୁ ବାଧ୍ୟ ହୋଇଥିଲେ ମଧ୍ୟ ଆପଣାର ପ୍ରୟୋଜନୀୟ ଦ୍ରବ୍ୟମାନ ସୁଲଭ ମୂଲ୍ୟରେ କିଣିବାକୁ ସକ୍ଷମ ହୋଇଥିଲେ । କଟକର କଲେକ୍ଟର ଆପଣା ରିପୋର୍ଟରେ ଲେଖିଅଛନ୍ତି କି କୃଷିମାନେ ଜମିଦାର ଓ ମହାଜନର ପାଉଣା ଆଦାୟ ନିମନ୍ତେ ପ୍ରାୟ ସମସ୍ତ ଫସଲ ବିକ୍ରୟ କରନ୍ତି । ଅଥଚ ସେହି ରିପୋର୍ଟର ଅନ୍ୟ ଏକସ୍ଥାନରେ ଲେଖାଅଛି କି ଜ୍ୟେଷ୍ଠମାସର ପ୍ରବଳ ଝଡବତାସର କ୍ଷଣିରେ ପାଣିପଶି ଅନେକ ଧାନ ନଷ୍ଟ ହେଲା । ଏଥିରୁ କମିଶନର ସାହେବ କହନ୍ତି କି ଯଦ୍ୟପି କୃଷିଙ୍କ ହାତରେ ଧାନ ନ ଥିଲା ତେବେ ନଷ୍ଟ ହେଲା କପରି ? ସାହେବ ମହୋଦୟ ଯେବେ ମନୋଯୋଗ ପୂର୍ବକ ଅନୁସନ୍ଧାନ କରିଥାନ୍ତେ ତେବେ ଜାଣିଥାନ୍ତେ ଯେ ଅଧିକାଂଶ ଧାନକ୍ଷଣିର ମାଲିକ ଜମିଦାର ବା ଅନ୍ୟ ମହାଜନ ଅଟନ୍ତି । ଏକବର୍ଷର ନିର୍ବାହର ଯୋଗ୍ୟ ଧାନ ହାତରେ ରଖିବା ଅତି ଅଳ୍ପ ଲୋକଙ୍କ ଭାଗ୍ୟରେ ଘଟେ । ସାହେବ ମହୋଦୟ ଶୁଣିଅଛନ୍ତି ଯେ କୃଷିଙ୍କର ଅର୍ଦ୍ଧଭାଗ ବର୍ଷକୁ ବର୍ଷ ଦେଢ଼ି ନେଇ ନିର୍ବାହ କରନ୍ତି । ମାତ୍ର ତାହାଙ୍କ ବିଶ୍ୱାସ ଯେ ଏପରି କୃଷିର ସଂଖ୍ୟା ବହୁତ ହେଲେ ମଧ୍ୟ ମୋଟସଂଖ୍ୟାର ଅର୍ଦ୍ଧରୁ ଉଣା ହେବ । ଏ ବିଷୟଟି ମଧ୍ୟ ଗୁରୁତର ଅଟେ ଏବଂ ସାହେବ ମହୋଦୟ କେବଳ ଶୁଣା କଥା ଅଥବା ଆପଣା ବିଶ୍ୱାସ ଉପରେ ନିର୍ଭର ନ କରି ସ୍ୱୟଂ ଅଥବା ଜିଲା ହାକିମଙ୍କ ଦ୍ୱାରା ଅନୁସନ୍ଧାନ ପୂର୍ବକ ପ୍ରକୃତ କଥା ଜାଣିବାକୁ ଚେଷ୍ଟା କରିବା ଉଚିତ ଥିଲା । ସାହେବ ମହୋଦୟ ଦେଢ଼ି ପ୍ରଥାର ଅନୁକୂଳ ନୁହନ୍ତି । ସେ କହୁଅଛନ୍ତି କି ଏହା କୃଷିଙ୍କର ଦରିଦ୍ରତା ବୃଦ୍ଧିର କାରଣ ଅଟେ । କାରଣ ସୁଧର ପରିମାଣ ଅତ୍ୟନ୍ତ ଅଧିକ ଅର୍ଥାତ୍ ଶତକଡ଼ା ୨୫ ଏବଂ ଅସାବଧାନୀ ଲୋକମାନେ ଋଣ କରିବାକୁ ଉତ୍ସାହିତ ହୁଅନ୍ତି । ଏସ୍ଥଳେ ମଧ୍ୟ ସାହେବ ମହୋଦୟଙ୍କର ଭ୍ରମ ଦେଖାଯାଏ । ଯେଉଁ ସମୟରେ ଧାନର ଦର ଉଚ୍ଚ ସେହି ସମୟରେ କୃଷିମାନେ ଋଣ କରନ୍ତି ଏବଂ ଯେଉଁ ସମୟରେ ନରମ ସେହି ସମୟରେ ପରିଶୋଧ କରନ୍ତି । ସୁତରାଂ ନଗଦ ଟଙ୍କା ଋଣ କଲେ ଯେତେ ସୁଧ ପଡ଼ନ୍ତା ଧାନଋଣରେ ତହିଁରୁ ଅଧିକ ନ ହୋଇ ବରଂ ଉଣା ପଡେ । ଏବଂ ନଷ୍ଟ ସମୟରେ ଧାନଦେଢ଼ି ନେଇ ସବଳ ସମୟରେ ଅଦାୟ କରିବା ସୁବିଧାଜନକ ହୁଏ । ଏପରି ଏହି ଦେଢ଼ିପ୍ରଥା ହେତୁ ଜମିଦାର ଓ ମହାଜନମାନେ ଅନେକ ଧାନ ସଞ୍ଚୟ ରଖନ୍ତି କି ଯଦ୍ଦ୍ୱାରା ଅସମୟରେ ପ୍ରଜାଙ୍କର ଉପକାର ହୁଏ ।

ଖୋରଧାର ଭାରପ୍ରାପ୍ତ କର୍ମଚାରୀ ଶ୍ରୀଯୁକ୍ତ ମାକଫରସନସାହେବ ଗତବର୍ଷୀୟ ଏଥର ରିପୋର୍ଟରେ ମଧ୍ୟ ଲେଖିଅଛନ୍ତି କି ମହାଜନ ଓ କୃଷିମାନେ ସୁଖରେ ଅଛନ୍ତି ଓ ଶିଳ୍ପୀଙ୍କର ମୂଲ ବଢିଅଛି ମାତ୍ର ଜଣ ମୂଲିଆର ମୂଲ ବଢ଼ିବାର ଲକ୍ଷଣ ଥାଉ ବରଂ ଲୋକସଂଖ୍ୟା ବୃଦ୍ଧି ଏବଂ ସାମାନ୍ୟ କୃଷିଙ୍କର ଜମି ବିକ୍ରୟ ହେତୁ ମୂଲିଆଙ୍କ ସଂଖ୍ୟା କ୍ରମାଗତ ବୃଦ୍ଧି ହେଉଅଛି । ପୁରୀର ମାଜିଷ୍ଟ୍ରେଟ ସେନସାହେବ ମଧ୍ୟ ଏହିମତ ସମର୍ଥନ କରି କହୁଅଛନ୍ତି, କି ମହାଜନମାନେ ସାମାନ୍ୟ ଯୋତମାନ ନିଲାମ କରାଇବାରୁ ମୂଲିଆଙ୍କ ସଂଖ୍ୟା ବୃଦ୍ଧି ହେଉଅଛି । କମିଶନରସାହେବ ଏମାନଙ୍କ ସଙ୍ଗେ ଐକ୍ୟହୋଇ ବିବେଚନା କରନ୍ତି କି ସ୍ଥାନୀୟ କାର୍ଯ୍ୟ ନିମନ୍ତେ ଯେତେ ମୂଲିଆର ପ୍ରୟୋଜନ ମୂଲିଆ ଶ୍ରେଣୀର ଲୋକ ତହୁଁ ଅଧିକ ବୃଦ୍ଧିହେବା ବିଷୟରେ ସନ୍ଦେହ ନାହିଁ । ପୁଣି ଦୟାକରି ଏକଣ ଯେ ରେଲବାଟରେ ଏବଂ କଲିକତା ଓ ତହିଁର ଆଖପାଖରେ ମଜୁରିର ଅଭାବ ନାହିଁ । ଏକ କଲିକତା ଲକ୍ଷାଧିକ ଓଡ଼ିଆ ପୋଷୁଅଛି । ଗଡ଼ଜାତର ବିସ୍ତୀର୍ଣ୍ଣ ପତିତ ଭୂମି ମଧ୍ୟ ଅନେକଙ୍କୁ ସ୍ଥାନ ଯୋଗାଇ ଅଛି ଏବଂ ମୋଗଲବନ୍ଦୀର ଜଙ୍ଗଲାଟ ଅଞ୍ଚଳରେ ମଧ୍ୟ କୃଷି ଯୋଗ୍ୟ ଭୂମି ଅବଧି ନିଃଶେଷ ହୋଇ ନାହିଁ । ମାତ୍ର ଏ ସମସ୍ତ ପତିତ ଜମିର ଆବାଦ ନିମନ୍ତେ ଜଙ୍ଗଲରକ୍ଷାର ଆଇନର ସଙ୍କୋଚ କରିବା ଆବଶ୍ୟକ । କାରଣ ସାହେବ ପ୍ରଶଂସିତଙ୍କର ବିବେଚନାରେ ଜଙ୍ଗଲ ମାଫର କୌଣସି ବର୍ଗର ମୂଲିଆ ଶ୍ରେଣୀର ଅବସ୍ଥା କ ଯାହା ଅବନତ ହେବାର ସ୍ୱୀକାର କରିବାକୁ ହେଉଅଛି ତାହା ସଂଶୋଧନ ପଥ ବାଧାଜନକ ହେବା ଉଚିତ ନୁହେ । ସାହେବ ମହୋଦୟଙ୍କର ଏହି ସଦାଶୟ ଦୂରଦର୍ଶିତାରେ ଉତ୍କଳବାସିମାନେ ପ୍ରୀତହେବେ ସନ୍ଦେହ ନାହିଁ ।

## ସାପ୍ତାହିକ ସମ୍ବାଦ ।

### କଲିକତା-ଗେଜେଟ ।

କୃଷ୍ଣନଗର ପୋଲିସ ଅଶିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ମିଃ ଏଚ,ବି ବ୍ରେଣ୍ଡ ଲେଜର ବାଲେଶ୍ୱରର ପୋଲିସ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ପଦରେ ଅସ୍ଥାୟୀ ରୂପେ ନିଯୁକ୍ତ ହେଲେ ।

ବାଲେଶ୍ୱର କଷ୍ଟମ ଅଫିସର ମିଃ ଜବଲସ, ଜ ମେଣ୍ଟର ତାଙ୍କର କାର୍ଯ୍ୟ ଅଧିକା ସ୍ୱରୂପେ ସ୍ମଳ ବାଲେଶ୍ୱର ପୋର୍ଟ ଅଫିସର ପଦରେ ନିଯୁକ୍ତ ହୋଇଅଛନ୍ତି ।

ମାନ୍ୟବର ସର ଗ୍ରିଲିଓ ଅଲଫ୍ରେଡ କ୍ରଫ୍ଟଙ୍କ ଛୁଟି ମଞ୍ଜୁର ହୋଇଅଛି ଓ ମାହାରାଣୀଙ୍କ ସମ୍ମତି କ୍ରମେ ମାନ୍ୟବର ସର ଅଲେକଜଣ୍ଡର ମେକେଞ୍ଜି କେ, ସି, ଏସ୍ ଆଇ, ଲାଟସାହେବ ପଦରେ ନିଯୁକ୍ତ ହୋଇଅଛନ୍ତି ।

---

ଏସ୍ଥାନରେ ଶୀତ ଆରମ୍ଭ ହୋଇଅଛି । ବିଶେଷ ଶୀତ ଅଦ୍ୟାପି ହୋଇ ନାହିଁ ।

କଟକ ମେଦିନୀପୁର କେନାଲ କୂଳରେ ଉତ୍ତମ ଶଗଡ଼ଘର ଏବଂ ଜମି ଦର୍ଶିତ ଓ କମଲାଗଡ଼ିରେ କଲେଜ୍ ଉଠାଇଦେବାରୁ ଅଧିକ ଲୋକ ବେକାର ହୋଇ ପଡ଼ିଛନ୍ତି ।

ଏହି ଉପଲକ୍ଷରେ ଲାଟସାହେବ ଶ୍ରୀଯୁକ୍ତ ଏଫ, ଇ, ଗ୍ରୋଗ ଏହି ଜଲରେ ପଚିଶ ଶତ ଟଙ୍କାର ଭାର୍ଯ୍ୟଭାର ଗ୍ରହଣ କଲେ । ଏମହାଶୟ ଶାନ୍ତ ପ୍ରକୃତିର ଲୋକ ବୋଲି ଜଣାଯାଏ ।

ବାମଣ୍ଡାର ରାଜମାତା କ ୫୫ ବର୍ଷ ବୟସରେ ସ୍ୱର୍ଗାରୋହଣ କରିବାର ସମ୍ବାଦ ପାଇ ଆମ୍ଭେ ଦୁଃଖିତ ହେଲୁ ।

ଓଡ଼ିଶା ଓ ଛୋଟନାଗପୁରରେ ଅବଗତ ହେଲୁ ଯେ ଶ୍ରୀଯୁକ୍ତ ସୁବଳ ରାୟ ... ଦେବାରୁ ତାଙ୍କୁ ... ସ୍ଥାନରେ ଏକବକ୍ତୃତା କରି ସେଠାରୁ ବାଲେଶ୍ୱରକୁ ଆସି ବାଲେଶ୍ୱରରୁ ମୟୂରଭଞ୍ଜକୁ ଯାଇଥିଲେ ।

ଢାକେଶ୍ୱର ସମ୍ବାଦବାହକରେ ପ୍ରକାଶ ଯେ ସେ ନଗରର ଅବଷ୍ଟିଲସାହିରେ ଓଲା ଉଠା ହେବାରେ ... ଜଣ ମୃତ୍ୟୁ ହୋଇଅଛି ।

ବମ୍ବେର ଜଣେ ଧନୀ ମୁସଲମାନ ଅନାଥ ମୁସଲମାନ ପିଲାଙ୍କ ନିମନ୍ତେ ଏକ ଅନାଥ ଆଶ୍ରମ ସ୍ଥାପନ କରିବା ପାଇଁ ... ଦାନ କରିବାର ଇଚ୍ଛା କରିଅଛନ୍ତି । ସେ ଏହି ସତ୍କାର୍ଯ୍ୟ ବମ୍ବେର ଧନୀମାନେ ଜାଣନ୍ତି ।

ଜଣେ ମୁସଲମାନ ଆପଣା ଭାର୍ଯ୍ୟା ... ଏକ ... ଅପଣାକୁ ଫକିର ଏବଂ ... ବୋଲି ... ଦେଇ ତାହାଠାରୁ ଅଳଙ୍କାର ଓ ନଗଦ ଟଙ୍କା ଠକି ନେଇ ପାଳିଥିବା ଅପରାଧରେ ହାକିମ ... ତାକୁ ... ମାସ ... ସଶ୍ରମ କାରାବାସ ଦଣ୍ଡ ପ୍ରାପ୍ତ ହୋଇଅଛି ।—ଅବଧ ... ପତ୍ରିକାର ସମ୍ବାଦ ଏହିପରି ।

... ସମ୍ବାଦ ମିଳିଛି ... ମଧ୍ୟରେ ... ୧୪ ଜଣ ... ୯ ଜଣ ... ବାଳକ ... ।

... ଠାରୁ ... ଜ ୫୦୦୦ ଏ ... ମିଳିଛି ।

... କୋଲମାନ ... ଇତ୍ୟାଦି ... ମାସର ଏହି ... ମୁସଲମାନମାନେ ... । ... ୨୦୦ ଏବଂ ... ୫୦୦୦ ଜଣ ... । ... ଶାସନ କର୍ତ୍ତାମାନଙ୍କ ... ରଖିବା କାରଣ ... ଅଛନ୍ତି ।

... ମାରିବା ... ଏକଖଣ୍ଡି ... ଦେଉଥିବାର ସମ୍ବାଦ ମିଳିଛି । ... ।

Digitized by srujanika@gmail.com

## ଯାଜପୁର ସମ୍ବାଦ ।

ଗମନ ଓ ସୁଭଦ୍ରାଷ୍ଟମୀ ଯୋଗ ଦେଖିବାକୁ ଜଣେ ଡେପୁଟି ମାଜିଷ୍ଟ୍ରେଟ କଟକ ଲୁଣାଝୁଣା ହେବା ଅନ୍ଧକାରରେ ଦଶ୍ଵଧାମରେ ଥିଲେ ସବଡିଭିଜନ ମାଜିଷ୍ଟ୍ରେଟ ସେ ପ୍ରତ୍ୟେକ ଦିନମାସ ବାସବାସ ବସ୍ତ୍ର ଦେଉଅଛନ୍ତି ।

ସ୍କୁଲେର ସବଡେପୁଟି ବାବୁ ଗୋପୀନାଥ ଲୋକ ଜଣାନ୍ତ ପଡ଼ିଥାଇ ସୁବା ଛୁଟି ନ ନେଇ କେତେଦିନ ଅନୁପସ୍ଥିତ ରହିବାରେ ଓ ତାହାଙ୍କ ଉପରୁ ଅପମାନରେ କାର୍ଯ୍ୟ କରିବାରେ ତିନିଦିନର ବାଷରି ବହଲ ଗୋଚର କେଳେଞ୍ଚର ହୋଇ ନ ପାଇବା ହେତୁ ସେବେ ତୁଳ ସ୍ଥରଦନ ପଢ଼ାଇ କରନ୍ତି ପାଇଲେ ଏବଂ ଏବେ କ୍ଷତି ତତ୍ତେ ସମର୍ପଣ ପତ୍ର ଦାଖଲ କରି ହୁଇଦନ ପଡ଼ଲ ତୁ ନଥିଲା । ଏହାର ଦାୟୀ କିଏ ? ଯାହା ହେଉ ସବ ରେଜିଷ୍ଟ୍ରାର ବାବୁଙ୍କ ଲୁଟ ନେବାକୁ ନୂତନପଙ୍କ ରେଜିଷ୍ଟର ଦରବାର ଅର୍ପିତ ହୋଇଅଛି ।

ଗତମାସ ତା ୨୪ ଋଷରେ ସବଡିଭିଜନ ତାଲୀମ ଲଷ୍ଟ ଉପଲକ୍ଷେ କଉଡ଼ଣା ଗ୍ରାମ ଦେଖିବାକୁ ଅମର ମୁକ୍ତାଭମାନେ ବାଉ୍ କୋଟରେ ସେଠାରୁ ଟିକା ନମନ୍ତେ ଯାଗସ୍ଥ କାଇକମାସ୍ତର ନକେତ୍ରେ ଵତଭଣାର ଟିକଟ ପ୍ରାର୍ଥନା କଲେ । ମାତ୍ର କଉଡ଼ଣାର ଟିକଟ ଅଫିସରେ ନ ଥିବାରୁ କେଉଲପୁର ପର୍ଯ୍ୟନ୍ତ ଟିକଟ ନେଇ ସେଠାରେ ପହଞ୍ଚି ବୋଟରେ ଥିବ ସରକାରଙ୍କୁ କଉଡ଼ଣା ପର୍ଯ୍ୟନ୍ତ ଟିକଟ ମାଗିବାରେ ସେ ପଇସା ନେଇ ଟିକଟ ନ ଦେବା ଓ ଟିକଟ ମାଗିବାରେ ଗାଳି-ଦେବାର ଶୁଣାଯାଏ ବୋଟ ସରକାରଙ୍କ ନାମରେ ଏପରି ସ୍ଵଭାବ ଅର କେତେଥର ଶୁଣାଯାଇଅଛି । ଅଦ୍ୟର କଥା ଯେ ଅମର ଓ ମୁକ୍ତାଭମାନେ ସ୍ଵକୃତରେ ଅପମାନିତ ହୋଇ-ଥିଲେ ଯାଜପୁରର ଇଞ୍ଚିନିଅର ସାହେବଙ୍କ, ଜଣାଇ ସୁଦ୍ଧା ତାର ପ୍ରତିକାର ନାହିଁ । ଏପ୍ରକାର କ୍ରିୟା ହେ ଯେବେ ଘଟଣା କହିବେ ତେବେ ଅତ୍ୟାଚାର ନିବାରଣ ହେବ କାହାଦ୍ଵାରା ?

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ-ମାନେ ଦାୟୀ ନୋହୁଁ ।

---

ଶ୍ରୀଯୁତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହୋଦୟ ସମୀପେଷୁ—

ମହାଶୟ ?

ଅନତିଦୀର୍ଘ ଶ୍ରୀଯୁତ ଅଠମଲ୍ଲିକ ମହାରଜା ଅମ୍ଭମାନଙ୍କର ସ୍କୁଲ ପରିଦର୍ଶନ କରିବାକୁ ଶୁଭା-ଗମନ କରିଥିଲେ ଏବଂ ସ୍କୁଲ ଦେଖି ଅତ୍ୟନ୍ତ ପ୍ରୀତ ହୋଇ ଅମ୍ଭମାନଙ୍କର ଉତ୍ସାହ ବର୍ଦ୍ଧନାର୍ଥ ବଷ୍ଟେଟ ୧୦ ଟଙ୍କା ପ୍ରଦାନ କରିଥିବାରୁ ରଜା ବାହା-ଦୁରଙ୍କୁ ଧନ୍ୟବାଦ ନ ଦେଇ ରହି ପାରିଲୁଁ ନାହିଁ ।

ଶାଂ୧୨।୯୫    ବଶମ୍ବଦ<br>
କଟକ    ଓଡ଼ିଶା ମେଡିକାଲ ସ୍କୁଲର ଛାତ୍ରବୃନ୍ଦ ।

---

ମହାଶୟ !

ନିମ୍ନଲିଖିତ ବାକ୍ୟମାନଙ୍କୁ ଆପଣଙ୍କ ଜଗଦ୍-ବିଖ୍ୟାତ ପତ୍ରିକାରେ କିଞ୍ଚିତ ସ୍ଥାନ ପ୍ରଦାନ-ଦ୍ଵାରା ଚିରକାଳ ବାଧିତ କରିବା ହେବେ ।

ଗତମାସ ତା ୧୦ ରିଖରେ ଉତ୍ତମ ନିଷ୍ଠା ଅଠଗଡ଼ ରାଜ୍ୟାନ୍ତର୍ଗତ ବୋଇତ୍ତିଗ୍ରାମ ବାଳିକା ପାଠଶାଳାରେ ଖଲିକୋଟ ଓ ଅଠଗଡ଼ ରାଜ୍ୟାଧିପ ଶ୍ରୀ ଶ୍ରୀ ଶ୍ରୀ ହରିହର ମର୍ଦ୍ଦରାଜ ଦେବ ରଜା ବାହାଦୁର ମହୋଦୟ ପ୍ରଦାଶ କରିଥିବା ଔଦାର୍ଯ୍ୟ ପ୍ରଶଂସା ବିଷୟରେ କିଛି ପ୍ରସ୍ତାବ ଜଣାଇବା ବାଦ୍ ଏହି ପାଠଶାଳାର କ୍ରମଶଃ ଅଭିବୃଦ୍ଧି କଥା ଯିକ ବୋଲି ମଧ୍ୟ ଲେଖିଥିଲୁଁ ।

ଶ୍ରୀଯୁତ ଧୀରୋଦାତ୍ତ ଶ୍ରୀ ରଜା ବାହାଦୁର ସୁଗୁଣ ସୌଶୀଲ୍ୟ ବିଦ୍ୟା ବିବେକତ୍ଵାଦିଗୁଣ ଭୂଷିତ ଥିବା ମୟୂରଭଞ୍ଜ ମହାରାଜାଙ୍କ ଭଗିନୀ ଯେମାନଙ୍କର ପାଣିଗ୍ରହଣ କରିଥିଲେ ଉକ୍ତ ପଟ୍ଟମହିଷୀ ଶୀଘ୍ର-କାଳରେ ଇହଲୀଳା ତ୍ୟାଗ କଲେ । ଏହି ଯୁବତୀଜନଙ୍କ ନାମ ଚିରକାଳ ସ୍ମରଣୀୟ ହେଲା ପରି <u>ଖଲିକୋଟ ଅଣ୍ଡ ଅଠଗଡ଼ ରାଜ୍ୟର</u> <u>ସ୍ଵର୍ଗୀୟ ଶ୍ରୀ ମହାରାଣୀଙ୍କ ବାଳିକା ପାଠଶାଳ</u> ନାମ ପ୍ରସିଦ୍ଧ କରାଇ ଶିକ୍ଷକଙ୍କୁ ବେତନ ଏବଂ ବାଳିକାମାନଙ୍କୁ ସ୍କୁଲରେ ଉପସ୍ଥିତ କରାଇବା ସକାଶେ ଗୋଟିଏ ସ୍ତ୍ରୀ ଚୌକିଦାର ମଧ୍ୟ ଆଗାମୀ ମାସ ପ୍ରଥମ ତାରିଖଠାରୁ ବେତନ ଶ୍ରୀ ମହାରାଜାଙ୍କ ଭଣ୍ଡାରରୁ ଦିଆ ଯିବାକୁ ଆଦେଶ ପ୍ରଦାନ କରାଇଲେ ।

ବୈବାହିକ କାଳ୍ପନିକ ଡ୍ୟୁଲି ବଲେଇହିଁ ଯେଉଁ ବିଶ୍ଵବ୍ୟାପିନୀ ଜନ ମନୋହର୍ଷବର୍ଷିଣୀ କୀର୍ତ୍ତି କାଳ୍ପନିକ ଏହି ପ୍ରଜାପାଳକ ମହାଶୟଙ୍କ କୀର୍ତ୍ତିଭୂତ ଅତଏବ କାଳ୍ପନିକ ଆନନ୍ଦରାମ ବାଳକ ପାଠଶାଳା ବାଳିକାଙ୍କ ପ୍ରତି ଅବଶ୍ୟ ସେମାନ୍-ଙ୍କ କୌଶଳଦ୍ଵାର ଅବର୍ଣ୍ଣନରେ ପ୍ରଚଳିତ ହେବା ଆଶ୍ଚର୍ଯ୍ୟ ନୁହେ !

ଅତଏବ ଏହି ରାଜକୁଳ ମଣ୍ଡନ ହଉଥିବା ଅଭିମାନଯୁକ୍ତ ସ୍ଥିର କାର୍ଯ୍ୟ ପ୍ରଣାଳୀରେ ରଜାଙ୍କ ପ୍ରତି ଜଗଦୀଶ୍ଵର ପ୍ରଦାତା ହେଉନ୍ତୁ । ଇତି

୧୯।୧୧।୯୫    କାଳିଁ ଶ୍ରୀମନ୍ମହିତ<br>
ମସିହା    ନାରାୟଣ ସ୍ଵାମୀ<br>
ମୁକାମ ବୋଇତ୍ତି    ବାଳିକା ପାଠଶାଳା<br>
ମାନେଜର

---

ମହାଶୟ !

ଏହିକି ଯେ ଗତ ମାସ ଗତ ତା ୧୮ ଋକ ଦିନ ଅମ୍ଭମାନଙ୍କର ମାନନୀୟ ରଜ ଯେମା ମହୋଦୟାଙ୍କର ଶୁଭପରିଣୟ କାର୍ଯ୍ୟ ନୟାଗଡ଼ ରଜା ଶ୍ରୀଯୁକ୍ତ ଶ୍ରୀ ରଘୁନାଥସିଂହ ମାନଧାତାଙ୍କ ସହିତ ନିର୍ବାହ ହୋଇ ଯାଇଅଛି, ରଜା ମହୋ-ଦୟ ଯାନ, ବାହାନ, ସିବି ସନାତନ, ସମଭି-ବ୍ୟାହାରରେ ଆସି ଗଡ଼ସ୍ଥ ସର୍କିଟ ହାଉସରେ ଉପସ୍ଥିତ ହେଲେ, ଅମ୍ଭମାନଙ୍କର ନାବାଲଗ ରଜା ଶ୍ରୀ କିଶୋର ଖାରବେଳ ମଙ୍ଗରାଜ ରାଜ ମହାପାତ୍ର ଓ ମାନେଜର ଶ୍ରୀଯୁକ୍ତ ବାବୁ ମଦନ-ମୋହନ ପଟ୍ଟନାୟକ ମହାଶୟ ଯଥା ବିଧି ସିପାହୀମାନଙ୍କ ଏବଂ ପୁଲିସ ଦଳବଳ ସହିତ ଅର୍ଦ୍ଧପଥରୁ ପାଛୋଟି ଆଣିଥିଲେ ଓ ଉଭୟ ରଜାଙ୍କର ସାକ୍ଷାତ ହେବା ସମୟରେ ଏକ ଶତତୋପ ସଲାମି ଦିଆ ହୋଇଥିଲା, ରଜା ମହୋଦୟଙ୍କ ସହିତ ହାତୀ ଗୋ ୭ ଟି ଓ ଘୋଡ଼ା ଗୋ ୧୪ ଟା, ସୱାରୀ ଖ ୧୦ ଣ୍ଡ ପାଲିକ ଖ ୨ ଣ୍ଡ ଥିଲା ଏବଂ ମନୁଷ୍ୟ ମଧ୍ୟ ତିନି-ହଜାର ଥିଲେ, ରୋସନାଇ ଓ ବାଣଦ୍ଵାରା ସଦର ସଡ଼କ ପରିପୂରିତ ହୋଇ ଦର୍ଶକମାନଙ୍କର ପ୍ରମୋଦଦାୟକ ହୋଇ ଥିଲା, ପ୍ରାୟ ପନ୍ଦର ହଜାର ଲୋକ ସମବେତ ହୋଇ ଏଠାକାର ପୁଲିସ କର୍ମଚାରୀ ଓ ମାନେଜର ବାବୁଙ୍କ ଯତ୍ନରୁ ସୁବିଧାରେ ଦର୍ଶନ କରିଥିଲେ, ରାତ୍ରି ତା ୧୯ ଉକ୍ତଦିନ ଅନୁଷ୍ଠିତ କଥା ନାଚଖାନାରେ ଅନେକ ପ୍ରମୋଦ କର୍ମ ହୋଇଥିଲା, ନାଚ୍ୟମନ୍ଦିର ଏପରି ସଜ୍ଜୀଭୂତ ହୋଇଥିଲା ଯେ ଦର୍ଶକମଣ୍ଡଳ ଦେଖି ମୋହିତ ହୋଇ ଯାଉଥିଲେ, ଓ ଏହି-ଦିନ ପ୍ରଚୁର ପରିମାଣରେ ମିଷ୍ଟାନ୍ନ ଅଧ ଖାଦ୍ୟ ବରଯାତ୍ରିମାନଙ୍କୁ ପ୍ରଦତ୍ତ କରା ହୋଇଥିଲା ତା ୨୦ ରିଖ ଦିବା ଅପରାହ୍ନ ଘ ୪ ଘା ସମୟ-ରେ ରଜା ମହୋଦୟ ରାଜକନ୍ୟାମାନଙ୍କ ସହିତ ନିଜ ବାସାଭିମୁଖ ହେଲେ, ତୌକିକ ପ୍ରଥାନୁ-ସାରେ ଯୌତୁକାଦି ପ୍ରଦତ୍ତ ହୋଇଥିଲା, ।

ଏସବୁ କାର୍ଯ୍ୟ ଯେପରି ସୁଶୃଙ୍ଖଳା ସହିତ ଅମ୍ଭମାନଙ୍କ ମେନେଜର ମହୋଦୟଙ୍କଦ୍ଵାରା ହୋଇଯାଇ ଅଛି ସେଥିନିମନ୍ତେ ସେ ମହାଶୟଙ୍କୁ ଧନ୍ୟବାଦ ଦେଇ ପତ୍ର ଶେଷରେ ଜଗତ୍ପିତା ପରମେଶ୍ଵରଙ୍କ ଠାରେ ଅମ୍ଭେମାନେ ମୁକ୍ତକଣ୍ଠରେ ପ୍ରାର୍ଥନାକରୁ ଅଛୁଁ ଯେ ମାନେଜର ବାବୁଙ୍କର ଶ୍ରୀ ବୃଦ୍ଧିକର ବର କନ୍ୟା ଉଭୟଙ୍କୁ ଶାନ୍ତିସୁଖପ୍ରଦାନ କ-ରନ୍ତୁ ଓ ପୁତ୍ର ପୌତ୍ରାଦିରେ ପୂର୍ତ୍ତୀକୃତ ଅନୁଗ୍ରହ-କରନ୍ତୁ, ଇତି ।

ବଶମ୍ବଦ<br>
ଶ୍ରୀ ଗୁରୁ ଷୋଡ଼ଶୀମ ଶ୍ରୀମୂପଟ୍ଟନାୟକ<br>
ମହାଫିସମାନେଜରୀ ଅଫିସ ବଡ଼ାମ୍ବ

---

ମହାଶୟ !

ଉତ୍କଳର ଯୋଗ୍ୟପୁତ୍ର ଶ୍ରୀଯୁକ୍ତ ବାବୁ ଗୋପା-ଳବଲ୍ଲଭ ଦାସଙ୍କ, ଲିଖିତ ଉପହାର ସ୍ମୃତିରେ

Split by PDF Splitter



ପ୍ରତି "ଜନ୍ମଭୂମି"ଟି ତୁମ୍ଭଙ୍କ ଚକ୍ଷୁରେ ପ୍ରବଣ ଜଳ ଅମୂଳ ପାଠ କରିବାକୁ ମୋର ମନରେ ଯେଉଁ ଭାବ ଉଦୟ ହେଲା ତାହାହିଁ ଆପଣଙ୍କ ପତ୍ରିକାର ପାଠକମାନଙ୍କ ସମକ୍ଷରେ ଉପସ୍ଥିତ କରୁଅଛି । କବି ମହୋଦୟ ତାଙ୍କର ଭାରତ ଓ ସ୍ୱଦେଶ ଭକ୍ତିମାନଙ୍କରେ ଆପଣାକୁ ଉପଯୁକ୍ତ କରି ଲେଖନୀ ଧାରଣ କରିଅଛନ୍ତି । ମନ୍ତ୍ରଙ୍କର "ଲୀଳା" ପାଣ୍ଡୁଲିପି ଦଉଚିତ୍ର ହୋଇଅଛି । ଏହା ଦେଶ, କାଳ, ପାତ୍ର ଅପୂର୍ବ ମିଳନ ସମୂହ ଏଥିରେ ବୃନ୍ଦଯୋଗ୍ୟବାସ ସମଭାବ ବହୁଲ ପରିମାଣରେ ଅଛି । "ବାବୁବାର୍ଯ୍ୟଶୋକ" ବର୍ଣ୍ଣିତାଟି ପଢ଼ିଲାବେଳେ ଚକ୍ଷୁରେ " ଜଳକୁ ପାଷାଣ କୋଲ ହୁଏ ଜ୍ଞାନ " । କୋଣାର୍କୁ ଏ ବିଷୟର ଭୁବନେଶ୍ୱର ଓ ପୁରୀ ମନ୍ଦିରର ଚିତ୍ରପଟ ସମ୍ମୁଖରେ ରଖା ହୋଇଅଛି । ଉତ୍କଳର ପୁରାତନ ଗୌରବ କାହାଣୀ ପଢ଼ିଲାବେଳେ ହୃଦୟ କାଉଁରୀ [illegible] ହୁଏ । ମୋହର ପ୍ରିୟ ବନ୍ଧୁ କବି ମହୋଦୟଙ୍କର ଧାରଣା " ସମରର ଗୌରବହିଁ ପ୍ରକୃତ ଗୌରବ" ।

ନବ ଉତ୍କଳର ପୂର୍ବତନ ଗୌରବ ସ୍ମରଣ କରି ଯେପର ଅନ୍ତରରେ ନାନା ଭାବ ଉଠିଥିଲା ବର୍ତ୍ତମାନ ଦୁରବସ୍ଥା ଦେଖି ସେହିପରି ମ୍ରିୟମାଣ ହୋଇଅଛନ୍ତି । ଏପାର ଅଧ୍ଵର ଗୁଣ । ଏହା ନ ଥିଲେ ସଂସାର ଚଳନ୍ତା ନାହିଁ । "ଦୁର୍ଭିକ୍ଷ ଓଡ଼ିଶା" ତୁରୀକ ଶ୍ରବଣ ଦେଖି ପାରେ ଏହି ଅଂଶରେ କିଅଛୁ ଶୋକ ସମ୍ବରଣ କରିଅଛନ୍ତି । ମନ୍ତ୍ରଙ୍କୁ [illegible] ଅପଣଙ୍କ ପତ୍ରିକାର ପାଠକମାନଙ୍କ କରକମଳରେ ଅର୍ପଣ କରୁଅଛି ଆଶା କରେ ତାହା ମହାଶୟ ମୋହର ଏ ଅନଧିକାର ଚର୍ଚ୍ଚା ଦୋଷ ମାର୍ଜନା କରିବେ ।

"ଅଭିମାନ କର ମନୁ ଦୂର କର
ଅମ୍ଭ ଏହି ବିଶାଳୟ
ଭୁଷ ନଇବର ଦୁଇଦି କବାଟର
ପାଷାଣ ଅଧିକ ସ୍ଥାୟୀ"
"ଯାହାନାମ ଦୟାମୟ ହେଲେ ସେହି ଭଗବାନ
ଦୟାକୁ ନ ହେଲ ସେହି କେବେହେଁ ବନ୍ଧୁର
ଜଗତ ଉଦ୍ଦେଶ୍ୟ ତାଙ୍କ ଜଗରେ ଅଛି ବଡ"
"ବଡ଼ ମୋହିଁ କାର୍ଯ୍ୟ କରେ ସବାଙ୍କେ
ସୌନ୍ଦର୍ଯ୍ୟ ଧରେ
ଭଙ୍କ ଲୋକ ବଥା ଉଇଁ ଅତ ବଡ଼ଗୁଲିକା
ମନରେ ମାରବା ଭଲ ମଳକୁ ହେବହା"

"ଯାହା ଲାଗେ ଯେତେ ଦୁଃଖ ଘଟଇ
ତାହା ଭାବେ ତେତେ ମନ ଜଳଇ
ଏଣୁବର ଦୁଃଖ ନ ଭୁଅ ଦୁଃଖୀ
ଭୁମ୍ଭହନା କେହି ନୁହଇ ସୁଖୀ
ତୁମ୍ଭକୁ ଯେ ଜଳ ସୁଖ ମଣଇ
ଅନନ୍ତ ସୁଖର ଭାଗୀ ହୁଅଇ"
"ସ୍ୱାର୍ଥପର ଜଗତରେ ଅଦ୍ଭୁତ ସେ ଜନ
ପର ସ୍ୱାର୍ଥ କରୁଅଛି ଯେତୁ ବିସର୍ଜନ"

କଟକ ୨୭।୧୧।୯୫ } ଅପଣଙ୍କର ବଶମ୍ବଦ ଶ୍ରୀ———

### ମୂଲ୍ୟପ୍ରାପ୍ତି ।

| | |
|---|---|
| ବଣା ଚନ୍ଦ୍ର ଅଧିକାର | ୫ ॥ |
| ବାବୁ ଦୁକାନର ଗୋସ୍ୱାମୀ | ୫ ॥ |
| ଉପାଧ୍ୟାୟର ପ୍ରୀତୀକୃଷ୍ଣ ଶର୍ମା | ୫ ॥୯ |

## ବିଜ୍ଞାପନ ।

ଓଡ଼ିଶା କମିଶ୍ନର ମାନନୀୟ ଶ୍ରୀଯୁକ୍ତ ରମେଶଚନ୍ଦ୍ର ଦତ୍ତଙ୍କ ପ୍ରଣୀତ ନିମ୍ନଲିଖିତ ସର୍ବଜନ ପ୍ରଶଂସିତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ଓ ଭାଙ୍କର ଅନ୍ୟ କେତେକ ପୁସ୍ତକ ଶୀଘ୍ର ଅଣାଯିବ ।

| | | |
|---|---|---|
| ଶତବର୍ଷ ବଙ୍ଗଳା ଉପନ୍ୟାସ | ଟ ୩ ୧ | |
| ସଂସାର | „ | ଟ ୧ । |
| ସମାଜ | „ | ଟ ୧ । |

KEY TO LETHBRIDGE'S
EASY SELECTIONS
(Minor course for 1896)
*IS OUT*
*Price Re. 1.*

To be had of the Secretary Printing Company Cuttack.

### ତାରପଦି ଚନ୍ଦ୍ରୋଦୟ ।

ମୂଲ୍ୟ ଟ ୦ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ସବାଳୟରେ ବିକ୍ରୟ ହେଉଅଛି ।

### WANTED

A Head Clerk and Treasurer on salary Rs. 60 per mensem. Security Rs. 500. Applications will be received by the undersigned up to the 15th proximo.

Kanika Manager's office Ganja, The 28th Novmber 1895 } S. Hossein *Manager.*

### NOTICE

It is hereby notified that the Inspection Bunglow of Patamundai under the Cuttack District Board will remain closed for the month of December 1895 for repairs which will render it uninhabitable. Inspecting officers and travellers are informed accordingly.

Cuttack The 27th November 1895 } J. C. Chunder *Vice-Chairman*

### ଉତ୍କଳ ରଚନା ।

ନୂତନ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।
ମୂଲ୍ୟ ଟ ୦ ।/

### କବିତାମଞ୍ଜରୀ ।

ଶ୍ରୀ ଗୋପାଳବଲ୍ଲଭ ଦାସ ଏମ୍ ଏ ଙ୍କ କୃତ ।

ମୂଲ୍ୟ ୫ ୦ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ସବାଳୟରେ ପ୍ରାପ୍ତବ୍ୟ

### ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଟକ ଡିଷ୍ଟ୍ରିକ୍ଟ ବୋର୍ଡର ଅଧୀନସ୍ଥ ଯାଜପୁର ସବ୍‌ଡିଭିଜନ ଇଲାକା 'ରୁଚା' ଜଗାଟଠ ଅଗାମୀ [illegible] ତା ୧୭ ରିଖ [illegible] ଓଡ଼ିଶା [illegible] ହାଟରେ ଦିନ ୧୨ଟା ସମୟେ ଅତ ଡିଷ୍ଟ୍ରିକ୍ଟବୋର୍ଡ ଦପ୍ତରରେ ଡାକ ନିଲାମ କରାଯିବ, ଯେଉଁମାନେ ଉକ୍ତ ହାଟ ଇଜାରା ନେବାକୁ ଇଚ୍ଛା କରୁଥିବେ ସେମାନେ ଉକ୍ତ ତାରିଖେ ହାଜର ହୋଇ ନିଲାମ ଡାକ ପାରିବେ । ଯାହାର ଡାକ ସମସ୍ତଙ୍କଠାରୁ ଉଚ୍ଚ ହେବ ତାହାର ଡାକ ଅନ୍ୟ କୌଣସି ଆପତ୍ତି ନ ଥିଲେ ଗ୍ରହଣ କରାଯାଇ ପାରେ । ହାଟ ଇଜାରା ସମ୍ବନ୍ଧୀୟ ଅନ୍ୟ କୌଣସି ବିଷୟ ଡିଷ୍ଟ୍ରିକ୍ଟବୋର୍ଡ ଅଫିସରେ ବୁଝି ନେଇ ପାରିବ । ନିଲାମ ପରେ ନିଲାମି ଡାକମୂଲ୍ୟର ଅର୍ଦ୍ଧାଂଶ ଅର୍ଥାତ ½ ଅଂଶ ତତକ୍ଷଣାତ୍, ଓ ½ ଅଂଶ ଅଗ୍ରିମ ଦାଖଲ କରିବାକୁ ହେବ ।

କଟକ ଡିଷ୍ଟ୍ରିକ୍ଟବୋର୍ଡ ଅଫିସ ତା ୨୭ ଇଂ ନଭେମ୍ବର ସନ ୧୮୯୫ ସାଲ । } J. C. Chunder *Vice-Chairman*

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

କେ, ସି, ଦାସ କମ୍ପାନୀ କଲିକତାରୁ ଆସି କଟକ ବାଲୁବଜାର ଛକ ଶ୍ରୀ ବିନୋଦ ବିହାରୀ ଠାକୁରଙ୍କ ମନ୍ଦିର ନିକଟରେ ମିଠାଇର ଦୋକାନ କରୁଅଛନ୍ତି । ଦୋକାନ ଉପରେ ତାହାଙ୍କ ନାମର ପଟା ଝୁଲୁଅଛି । ସେମାନେ ଭଲ ଛେନାସ ଓ ସର୍ବଦା ଦେଶି ଘିଅରେ ଅତି ଉତ୍କୃଷ୍ଟ ମିଷ୍ଟାନ୍ନ ପ୍ରସ୍ତୁତ କରନ୍ତି ଯାହାକି ଏ ନଗରରେ ଅନ୍ୟ କୌଣସି ମିଠାଇ ଦୋକାନରେ ମିଳି ପାରିବ ନାହିଁ । ଭଦ୍ରବ୍ୟକ୍ତି ମାନଙ୍କୁ ପ୍ରାର୍ଥନା ଯେ ଥରେ ଫରମାସ ଦେଇ ଏ କମ୍ପାନୀର ମିଷ୍ଟାନ୍ନର ଗୁଣ ପରୀକ୍ଷା କରନ୍ତୁ । ନିମ୍ନଲିଖିତ ମିଷ୍ଟାନ୍ନ ପ୍ରାୟ ସର୍ବଦା ଦୋକାନରେ ପ୍ରସ୍ତୁତ ଥାଏ ଯଥା; ।—

ସନ୍ଦେଶ, ଖେଜୁରିଗୁଡ଼ ସନ୍ଦେଶ, ସରଭଜା, ସରପୁରିଆ, ସିତାଭୋଗ, ନିଖୁତି, ରସଗୋଲା, ମିହିଦାନା ମିଠାଇ, ମନୋହରା, ଚନ୍ଦ୍ରପୁଲି, କ୍ଷୀରମୋହନ, ସିଙ୍ଗଡ଼ା, କଚୁରି, ନିମକି, ଲେଡିକାନି, ବାଲୁସାହି, ଗଜା ଇତ୍ୟାଦି ।

## ବିଜ୍ଞାପନ ।

ମାଇନର, ଭର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ନିମ୍ନ ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଆଟଲାସ, ଓ୍ୟାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅନ୍ବେଷଣରେ ପାଇପାରିବେ ।

## ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ବିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।

ଅ ତି ସୁ ଲ ଭ ମୂ ଲ୍ୟ ଟ ୦ ।୵ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲି, ଖେମଟା, ଟପା, ଠୁମରୀପ୍ରଭୃତି ସୁମଧୁର-ସ୍ବରଯୁକ୍ତ ଉତ୍କୃଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବାମାଚରଣ ବାବୁ ରାମପ୍ରସନ୍ନ ମୁଖାର୍ଜିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ବିଜ୍ଞାପନ ।

ନୂତନ ପୁସ୍ତକ ।

### ବିଳାସିନୀ ।

( ଉପନ୍ୟାସ )

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ଏକଟଙ୍କା ମୋଫସଲକୁ ଡାକମାସୁଲ ଏକଅଣା ମାତ୍ର ।

## ବିଜ୍ଞାପନ ।

ନୂତନ ନୂତନ ନୂତନ

କବି କର୍ଣ୍ଣ ବିରଚିତ

ସତ୍ୟନାରାୟଣ ଜନ୍ମପାଲା ମୂଲ୍ୟ ଟ ୦/ ଏକଅଣା

| | | |
|---|---|---|
| ପଦ୍ମଲୋଚନ ପାଲା | ମୂଲ୍ୟ | ଟ ୦·/ |
| ମର୍ଦ୍ଦଗାଜୀ ଜନ୍ମପାଲା | ମୂଲ୍ୟ | ଟ ୦ ୵ |
| ହରଅର୍ଜ୍ଜୁନ ପାଲା | ମୂଲ୍ୟ | ଟ ୦ ୵ |
| ଉତ୍ତରାସ ପାଲା | ,, | ଟ ୦ / |
| ଭ୍ରମରବର ,, | ,, | ଟ ୦ /୨ |
| ମର୍ଦ୍ଦଗାଜୀବଡ଼ି ପାଲା | ,, | ଟ ୦ ୵ |
| ମନୋହର ଫାସିଆର ପାଲା ,, | | ଟ ୦ ୵ |

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ଅନ୍ୟାନ୍ୟପାଲମାନ ପ୍ରସ୍ତୁତ ଅଛି

## CHEAP ! CHEAP ! CHEAP !

### SCHOOL BOOKS.

Prescribed for the Collegiate school and H. E. schools.

**JUST TO HAND.**

To be had of the Printing Company, Cuttack.

କଲେଜିଏଟ ସ୍କୁଲ ଓ ଇଂରାଜୀ ହାଇସ୍କୁଲର ପାଠ୍ୟପୁସ୍ତକମାନ ନୂତନ ଆମଦାନୀ ହୋଇ ଆସିଅଛି ।

ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ ।

## ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

### ହାଟ୍ୟଚାଭକ୍ତି ରସାମୃତ ।

ସମ୍ପୂର୍ଣ୍ଣ ୫୨ ଅଧ୍ୟାୟ

ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଟ ୧ ଙ୍କା ମୋଫସଲକମନ୍ତେ ଡାକମାସୁଲ ଟ ୦/

## NOTICE

### THE DWIBHASI.

*SECOD EDITION IS OUT AND AVAILABLE FOR SALE.*

To be had of the Printing Company Cuttack.

*Price four annas,*

### ଦ୍ବିଭାଷୀ ।

୨ୟ ସଂସ୍କରଣ ଛପାହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ମୂଲ୍ୟ ଚାରିଅଣା ।

## ଶୁଭସଂବାଦ ।

ଆୟୁର୍ବେଦିକ ମେଡିସନ୍ ମ୍ୟାନୁଫ୍ୟାକ୍ଚରିଂ

କୋମ୍ପାନୀ ଅଫ୍ ଇଣ୍ଡିଆ, ଲିମିଟେଡ୍ ।

କାଲିକା, ବେଙ୍ଗଲ ।

ଔଷଧର ମୂଲ୍ୟ ଶତକରା ଟ ୨୫ ଙ୍କା ଊଣା ହେଲା ।

କୋମ୍ପାନୀର ପ୍ରସ୍ତୁତ ଆୟୁର୍ବେଦୋକ୍ତ ତୈଳଘୃତ ମୋଦକ ଔଷଧ ସମୂହ ଯେପରି ବିଶୁଦ୍ଧ ଏବଂ ଗାର୍ଯ୍ୟକାରୀ ଓ ସୁଲଭ ମୂଲ୍ୟରେ ବିକ୍ରୟ ହୁଏ ଏପରି ଆଉ କୌଣସିଠାରେ ପ୍ରାପ୍ତ ହୁଏ ନାହିଁ । ଔଷଧର ବିଶୁଦ୍ଧତାର ଜାମିନ୍ କୋମ୍ପାନୀ ଦାୟୀ । ଏତ ସୁଲଭ ମୂଲ୍ୟରେ ଯାହାର ବିଶୁଦ୍ଧ ଔଷଧର ପ୍ରୟୋଜନ କୋମ୍ପାନୀ ନିକଟରୁ ନେବେ ଠକିବାର ଭୟ ନାହିଁ । ରୋଗର ଅନୁପୂର୍ବିକ ବିବରଣ ପଠାଇଲେ ବ୍ୟବସ୍ଥା ନଥ ଦଅ ହୁଏ ।

ଔଷଧର ମୂଲ୍ୟ ଅଗ୍ରିମ ଦେୟ—

ଯାହାର ଭେଲୁପେବଲରେ ଔଷଧ ନେବାର ପ୍ରୟୋଜନ ତାହାକୁ ଅନ୍ତତଃ ଚତୁର୍ଥାଂଶ ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ, ନଚେତ୍ ଆଦେଶାନୁସାରେ ଔଷଧ ପ୍ରେରିତ ହେବ ନାହିଁ ।

ବୈଦ୍ୟନାଥ ବଟି—ନିୟମିତ ବ୍ୟବହାର କଲେ କଷ୍ଟସାଧ୍ୟ ପ୍ରମେହ ରୋଗ ମଧ୍ୟ ନିରାକୃତ ହୁଏ । ଅନୁପାନ ବିଶେଷରେ ସେବନ କଲେ ଶୁକ୍ର ତାରଲ୍ୟ ସ୍ବପ୍ନଦୋଷ ଶୁକ୍ରକ୍ଷୟ ପ୍ରଭୃତି ଏକାବେଳକେ ପ୍ରଶମିତ ହୁଏ । ଏହାର ଫଳ ଅବ୍ୟର୍ଥ ।

୨ ବଟି ୧୨ ଟଙ୍କା ଡାକମାଶୁଲ ।୵ ଅଣା ।

ମକରଧ୍ୱଜ—ସର୍ବପ୍ରକାର ଦୌର୍ବଲ୍ୟନାଶର ଅବ୍ୟର୍ଥ ମହୌଷଧ । ଶିଶୁମାନଙ୍କର ଡାଣଫୁଲା ବ୍ୟାଧିରେ ଏହା ପ୍ରଯୋଜ୍ୟ । ଏହାର ଗୁଣ ଅନନ୍ତ, ଅନୁପାନ ବିଶେଷରେ ଏହା ସବୁ ରୋଗରେ ମଧ୍ୟ ବ୍ୟବହାର ହୁଏ ।

(୧ମ ଶ୍ରେଣୀ) ୨ ମାତ୍ରା ବା ୨ ତୋଳ ଟ ୧୨ ଙ୍କା

(୨ୟ ଶ୍ରେଣୀ) „ „ ୩ ଅଣା

ଜ୍ବରକୁଳାନ୍ତ ବଟି—ସେବନରେ ସକଳପ୍ରକାର ପାଳିଜ୍ବର, କମ୍ପଜ୍ବର, ମ୍ୟାଲେରିଆ ଜ୍ବର ପ୍ରଭୃତି ଅତ୍ୟଳ୍ପ କାଳ ମଧ୍ୟରେ ଏକାବେଳକେ ବିନଷ୍ଟ ହୁଏ । ଏଥିରେ ପ୍ଲୀହ

Digitized by srujanika@gmail.com

Split by PDF Splitter



ସନ୍ତୁଳିକ ପ୍ରକୋପ ସମ୍ବନ୍ଧ ପ୍ରଭାବରେ ଦମନ ଏବ ଶରୀର ସୁସ୍ଥ ସବଳ ପୁଷ୍ଟ ଓ କାନ୍ତିଯୁକ୍ତ କରେ ଏବ କୋଷ୍ଠ ପରିଷ୍କାର କରେ ।

୧ ବାକ୍ସ (୨୦ ବଟି) ୧ ଟଙ୍କା ଡାକମାସୁଲ ।୵ ଅଣା

ଅଶୋକଘୃତ—ସେବନରେ ସର୍ବପ୍ରକାର ସ୍ତ୍ରୀ ରୋଗ ପ୍ରଦର ରୋଗ ବନ୍ଧ୍ୟତ ଦୋଷ ଶୀଘ୍ର ଦୂରୀଭୂତ ହୁଏ ଏବ କାନ୍ତିଯୁକ୍ତା ହୁଏ ।

୧ ସେର ୫ ଟଙ୍କା ।

କୋମ୍ପାନୀର ବର୍ତ୍ତମାନ ମୂଳଧନ ୨୦୦୦୦ ଟଙ୍କା ୨୦୦ ଅଂଶରେ ବିଭକ୍ତ । ପ୍ରତିଅଂଶର ମୂଲ୍ୟ ୧୦୦ ଟଙ୍କା ଅଂଶପ୍ରତି ବର୍ତ୍ତମାନ ଟ ୨୫ ଟା ଦେୟ । ଶୀଘ୍ର ୧୦୦୦୦୦ ଲକ୍ଷ ଟଙ୍କା ମୂଲ୍ୟ ବୃଦ୍ଧି ହୋଇ ୧୦୦୦୦ ଅଂଶରେ ବିଭକ୍ତ ହେବ ଏବ ପ୍ରତିଅଂଶର ମୂଲ୍ୟ ୧୦ ଟଙ୍କା ହେବ ଏବ ଅଂଶପ୍ରତି ୨୮ ଟଙ୍କା ଦେବାକୁ ହେବ । ଯେଉଁମାନେ ଟଙ୍କାର ଅଂଶ କ୍ରୟ କରିବାକୁ ଇଚ୍ଛୁକ ସତ୍ଵର ନାମ ଧାମ ଲେଖି ପଠାଇବେ ।

ସର୍ବତ୍ର ଏଜେଣ୍ଟର ପ୍ରୟୋଜନ—ଏଜେଣ୍ଟ କୁ ଶତକରା ୨୦ ଟଙ୍କା କମିଶନ ବାଦ ମୂଲ୍ୟ ଅଗ୍ରିମ ଦେବାକୁ ହେବ ।

ଉତ୍ତ୍ୟାଜଂ ଦଦଧ ବଷସ୍ଥ ଲଭତ୍ୟ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ ।

ସେକ୍ରେଟରୀ ଓ ଟ୍ରେଜରର ।

---

ବିଜ୍ଞାପନ ।

## ନୂତନପୁସ୍ତକ ।

ନିମ୍ନଲିଖିତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ କରା ଯାଉଅଛି ।

| | |
|---|---|
| ତୁଳସୀସ୍ତବକ (ବର୍ଦ୍ଧିତ ସଂସ୍କରଣ) | ଟ ୦ ।୵ |
| ଷଣ୍ଢଅମାଳକା (୫ମ ସଂସ୍କରଣ) | ଟ ୦ ।୵ |
| ମାଳା (ସରଳ ସୁମଧୁର କାବ୍ୟ) | ଟ ୦ ।୵ |
| ବସୁନ୍ଧରା ତତ୍ତ୍ଵ ୨ୟ ସଂସ୍କରଣ | ଟ ୦ ।୵ |
| ବସନ୍ତରୋଗ ଚିକିତ୍ସା ୧ମ ସଂସ୍କରଣ | ଟ ୦ ।୯ |
| ଗୋ ଚିକିତ୍ସା ୧ମ ସଂସ୍କରଣ | ଟ ୦ ।୵ |
| କଷବେଣୀ (ମଦ୍ୟବିରୁଦ୍ଧରେ ଲିଖିତ) | ଟ ୦ ।୶ |
| ଛନ୍ଦମାଳାର ଅର୍ଥପୁସ୍ତକ (୨ୟ ଖ) | ଟ ୦ ୬୯ |
| ନାଗସ୍ପ୍ରେହଳ ବର୍ଣ୍ଣଶିକ୍ଷା | ଟ ୦ ।୵ |
| ଦୁର୍ଗାବଣ (କାବ୍ୟ) | ଟ ୦ ।୵ |
| ପଦ୍ମାବତୀ ଟ ୦ । ସ୍ଥଳେ | ଟ ୦ ।୶ |
| ଧ୍ୟାନମାଳା (ସଂସ୍କ.) | ଟ ୦ ।୯ |

---

ବିଜ୍ଞାପନ ।

## ପଦ୍ୟ ଭଗବଦ୍‌ଗୀତା ।

(କୃଷ୍ଣସିଂହ ମହାଭାରତ ଶ୍ରୀଧରଙ୍କ ଅନୁବର୍ତ୍ତିତ ଛନ୍ଦ) ମୁଦ୍ରିତ ହୋଇ ବିକ୍ରୟ ହେଉଅଛି । ମୂଲ୍ୟ ଖ ୧ ଟ ୦ । ଡାକମାସୁଲଙ୍କ ଟ ୦ ୵୦

## ଶାସ୍ତ୍ରୀୟଚିକିତ୍ସା !

ଗବର୍ଣ୍ଣମେଣ୍ଟ କୁଇନ୍ସ କଲେଜର ପରୀକ୍ଷୋତ୍ତୀର୍ଣ୍ଣ ଉପାଧି ପ୍ରାପ୍ତ ରାଜବୈଦ୍ୟ ଶ୍ରୀ ନନ୍ଦଲାଲ ବିଦ୍ୟାନିଧି ଙ୍କ ନିରଞ୍ଜନ ଚିକିତ୍ସାଳୟର ଆୟୁର୍ବେଦୀୟ ବିଦ୍ୟାଳୟ ଓ ଔଷଧାଳୟ ନ ୬୮ ମୂର କେରୁଭଲ ବୌବଜାର କଲିକତା ।

ଭାରତବର୍ଷ ମଧ୍ୟରେ ଅଦ୍ୱିତୀୟ ଏହି ଔଷଧାଳୟରେ ସର୍ବଶାସ୍ତ୍ରର ଦୁର୍ଲ୍ଲଭ ଓ ଆଶ୍ଚର୍ଯ୍ୟ ଶକ୍ତି ସମ୍ପନ୍ନ, ପ୍ରତ୍ୟକ୍ଷ ଫଳପ୍ରଦ ସ୍ଵତନ୍ତ୍ରକାର କେବଳ ଅମୋଘ ମହୌଷଧ ସକଳ ସୁଲଭ ମୂଲ୍ୟରେ ପ୍ରାପ୍ତ ହୁଏ ।

ଯେଉଁ ସକଳ ବଦେଶସ୍ଥ ରୋଗୀ ଅସ୍ମାକଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କରନ୍ତି, ସେମାନେ ନିଜ ନିଜ ରୋଗର ଅବସ୍ଥା ଆନୁପୂର୍ବିକ ଲେଖି ଅର୍ଦ୍ଧ ଆଣାଟିକଟ ଦେଇ ଲେଖିଲେ ବିଜ୍ଞାପନରେ ବ୍ୟବସ୍ଥା ଏବ ସୁଲଭମୂଲ୍ୟରେ ଔଷଧ ଓ ଔଷଧ ସୁଚିପତ୍ର ପଠାଇ ଥାଉଁ । କେଉଁପତ୍ର ପୁସ୍ତକ ହୁଏ ନାହିଁ ଉକ୍ତ ପ୍ରାର୍ଥିଗଣ ଅର୍ଦ୍ଧଆଣାର ଟିକଟ ପତ୍ରମଧ୍ୟରେ ପଠାଇବେ ।

## ଚମତ୍କାରିଜନକ

## ମହୌଷଧ ।

ଏରୂପ ଔଷଧ ଅଦ୍ୟାପି ଆବିଷ୍କୃତ ହୋଇ ନାହିଁ ।

୧ । ସୌଭାଗ୍ୟ ଶାଳସା—ଦୁଷ୍ଟଶୋଣିତ ଶୋଧନର ଏବଂ ଶରୀର ପୁଷ୍ଟ ଓ ବଳବାନ ହେବାର ଅଦ୍ୱିତୀୟ ଔଷଧ ମୂଲ୍ୟ ପ୍ରତି ଶିଶି ୧୮ ଡାଃ ମାଃ ।୶

୨ । ମହାକାମେଶ୍ୱରସୂତ ଓ ଶୁକ୍ରମାତୃକା ବଟିକା ଏହା ଧାତୁ ଦୌର୍ବଲ୍ୟ ସ୍ୱପ୍ନଦୋଷ ଧାରଣା ଶକ୍ତିର ଅଭାବ, ବଂଶଜ ପ୍ରମେହ ମେହ, ବହୁମୂତ୍ର, ମୂତ୍ରକୃଚ୍ଛ୍ର, ସ୍ନାୟବୀୟ ରୋଗର ଅବ୍ୟର୍ଥ ଔଷଧ ଏକ ଡବାର ମୂଲ୍ୟ ୨୪ ଡାଃ ମାଃ ୬

୩ । ପ୍ରମେହ ଗଜକେଶରୀ—ଏହା ଔପସର୍ଗିକ ମେହର (ଗନୋରିଆର) ମହୌଷଧ ୪ ଦିନ ମଧ୍ୟରେ ଆରୋଗ୍ୟ ହେବ ।

୪ । ଶିରଶୂଳ—ଅର୍ଦ୍ଧକପାଳ, ଶୂଳବ୍ୟଥା, ମୁଣ୍ଡବୁଲା ଅବ୍ୟର୍ଥ ଔଷଧ, ମୂଲ୍ୟ ପ୍ରତିଶିଶି ୧। ଡାଃ ମାଃ ।୶

୫ । ସର୍ବକ୍ଷତାନ୍ତକ ଘୃତ—ଏହା କର୍ମର ଘା, ଉପଦଂଶ ଘା, ନାଲି ଘା, ପଞ୍ଚମାସା ଭଗନ୍ଦର ଘା, ପାଦର ଘା, ପ୍ରଭୃତି ସର୍ବପ୍ରକାର କ୍ଷତର ଅବ୍ୟର୍ଥ ଔଷଧ ୨ ଦିନ ମାତ୍ର ବ୍ୟବହାର କଲେ ଆରୋଗ୍ୟ ହେବ ।

୬ । ମୂତ୍ରକୃଚ୍ଛ୍ରଯୋଗ—ଏହା ସେବନ କଲେ ରକ୍ତ ସହ ମୂତ୍ରରୁ ରକ୍ତ ପଡ଼ିବା, ଜାଳ, ରକ୍ତ ଆମାଶୟ, ରକ୍ତସ୍ରାବ ହେବା, ୭ ଦିନ ମଧ୍ୟରେ ଆରୋଗ୍ୟ ହୁଏ ମୂଲ୍ୟ ୨ ଡାଃ ମାଃ ।୶

Wanted a Sub-Overseer for the Puri Municipality on a salary of Rs. 25 and Rs. 12 as pony allowance per month. None need apply who has not passed the examination of a Sub-Overseer of the P. W. Department or is not a passed student of the Government Survey School. A knowledge of the Oryah language is necessary. A security of Rs. 200 in cash is required.

Application will be received by the undersigned up to 7th December 1895

| | |
|---|---|
| Puri Municipal office The 15th November | Jagabandhu Patnaik *Vice-Chairman Puri Municipality.* |

---

ବିଜ୍ଞାପନ ।

## ଚନ୍ଦ୍ରଭାଗା ।

ଦ୍ୱିତୀୟ ସଂସ୍କରଣ ।

କବିବର ଶ୍ରୀ ରାଧାନାଥ ରାୟଙ୍କ ପ୍ରଣୀତ କାବ୍ୟଗ୍ରନ୍ଥ ଉତ୍କଳ ସାହିତ୍ୟଭଣ୍ଡାରର, ଗୋଟିଏ ଗୋଟିଏ ମହାମୂଲ୍ୟ ରତ୍ନବିଶେଷ । ସେହି ରତ୍ନମାନଙ୍କ ମଧ୍ୟରେ "ଚନ୍ଦ୍ରଭାଗା" ପୁଣି କୋହିନୂର ସଦୃଶ । କିନ୍ତୁ ତାହାର ପ୍ରତିଖଣ୍ଡର ମୂଲ୍ୟ ଟ ୦ ।୵ ; ଯେଉଁମାନଙ୍କର ଏ ଅମୂଲ୍ୟ-ମଣିକୁ ବ୍ୟବହାର କରିବାର ଇଚ୍ଛା ଥାଏ, ସେମାନେ କଟକ ପ୍ରିଣ୍ଟିଂକୋମ୍ପାନୀ କିମ୍ବା ବାବୁ ରାମପ୍ରସନ୍ନ ମୁଖର୍ଜିଙ୍କ ଦୋକାନରୁ ଅବିଳମ୍ବେ ଗ୍ରହଣ କରନ୍ତୁ । ଇତି

ଶ୍ରୀ ଅର୍ତ୍ତତ୍ରାଣ ମହାପାତ୍ର

କଟକ

---

ଉତ୍କଳଦୀପିକାର, ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରଥମଥର ଛପାଇବେ

| | |
|---|---|
| ଧାଡ଼ିପ୍ରତି | ଟ ୦ ।୶ |
| ଅଧସ୍ତମ୍ଭ | ଟ ୬୯ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩୯ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତହିଁର ଖର୍ଚ୍ଚା ଟ ୦ ୫ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ଛପାଇବା ଖର୍ଚ୍ଚା ପ୍ରଥମଙ୍କ ଅଧିକ ହେବା ଓ ଚତୁର୍ଥରୁ ଯଥାକ୍ରମେ ହେବ ।

ଅଧିକ ଥର ଛପାଇଲେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ !

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସହିତ ପଠାଇବାକୁ ହେବ

---

ଏହି ଉତ୍କଳଦୀପିକା ଶ୍ରୀଯୁତ ... କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ୧୦୦୫ ... ମୁଦ୍ରିତ ହେ...

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଖଣ୍ଡ ୩୦ ଶ ।
ସଂ ୪୮ ସଂଖ୍ୟା

ତା ୧୪ ଋଣ ମାହେ ଡ଼ିସମ୍ବର ସନ ୧୮୯୬ ମସିହା । ମୁ । ତା ୯ ନ ପୌଷ ଶୁକ୍ଳ ୧୩୦୩ ସାଲ ଶନିବାର ।

ଅଗ୍ରିମ ଟ ୩ ୧
ପଶ୍ଚାଦେୟ ଟ ୬୧

## ବିଜ୍ଞାପନ ।

ସନ ୧୮୯୬।୯୭ ମସିହାର
ନୂତନ ପଞ୍ଜିକା

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଲୟରେ ଅନ୍ୟାନ୍ୟବର୍ଷ ପ୍ରାୟ ଛପା ହୋଇ ନିମ୍ନଲିଖିତ ମୂଲ୍ୟରେ ବିକ୍ରୟ ହେଉଅଛି ।

ବଡ଼ପାଞ୍ଜି ଟ ୦ ।/
ସାନପାଞ୍ଜି ଟ ୦ ୧ ୬

ବଡ଼ପାଞ୍ଜିର ଡାକମାସୁଲ ଟ ୦ / ଓ ସାନ ପାଞ୍ଜିର ଡାକମାସୁଲ ଟ ୦ ୧ ୬ କ୍ରେତାମାନଙ୍କୁ ସତର୍କ କରା ଯାଉଅଛି ଯେ କମ୍ପାନୀଙ୍କ ମୁଦ୍ରିତ ପାଞ୍ଜିର ଆଦର ଦେଖି ଏବର୍ଷ ଏ ନଗରର ଅନ୍ୟଏକ ଯନ୍ତ୍ରାଲୟରୁ ଅତି ଶୀଘ୍ର ନୂତନ ଉତ୍କଳ ପାଞ୍ଜି ବାହାରି ଶସ୍ତାଅଣା ମୂଲ୍ୟରେ ବିକ୍ରୟ ହେଉଅଛି । ତାହା କମ୍ପାନୀଙ୍କ ପାଞ୍ଜିଠାରୁ ଅନେକ ସାନ ଅର୍ଥାତ୍ ଅର୍ଦ୍ଧପାଞ୍ଜି ଅଟେ ଏବଂ ମୂଲ୍ୟ ଅପେକ୍ଷାକୃତ ଅଧିକ ଅଥଚ ତହିଁର ଗଣନା ବିଶୁଦ୍ଧ ସିଦ୍ଧାନ୍ତାନୁସାରେ ନୁହେ । ତାହାକୁ ଯେମନ୍ତ କେହି ଭ୍ରମରେ କମ୍ପାନୀର ପାଞ୍ଜି ବୋଲି କ୍ରୟ କରିବେ ନାହିଁ । କମ୍ପାନୀର ପାଞ୍ଜିର ପ୍ରଣେତା ଉତ୍କଳର ଜ୍ୟୋତିଷ ଜ୍ୟୋତିଷ ମହାମହୋପାଧ୍ୟାୟ ଶ୍ରୀ ଚନ୍ଦ୍ରଶେଖର ସିଂହ ସାମନ୍ତ ଅଟନ୍ତି । ପାଞ୍ଜି ଉପରେ ତାହାଙ୍କ ନାମ ଅଛି ପାଞ୍ଜି କ୍ରୟ କଲେ ଭ୍ରମରେ ପଡ଼ିବେ ନାହିଁ ।

ଏଠା ଡିଷ୍ଟ୍ରିକ୍ଟ ବୋରଡ଼ ଗତ ଅଧିବେଶନରେ ଜଣେ ଯାଉଣ୍ଡ ଓ ଫେରି ଇନସ୍ପେକ୍ଟର ଅର୍ଥାତ୍ କାଞ୍ଜିହାଉସ ଓ ଘାଟମାନଙ୍କର ପରିଦର୍ଶକ ନିଯୁକ୍ତ କରିଅଛନ୍ତି । ଏହି ପଦର ବେତନ ମାସକୁ ଟ ୩୫ ଓ ଘୋଡ଼ାଖର୍ଚ୍ଚ ଟ ୧୫ଙ୍କା, ପ୍ରତି ଦୁଇବର୍ଷରେ ଟ ୫ ଙ୍କା ଲେଖାଏଁ ବଢ଼ିବାହାର ବେତନର ଊର୍ଦ୍ଧ୍ୱସୀମା ଟ ୫୦ ଧାର୍ଯ୍ୟ ହୋଇଅଛି ।

ଏକ ଧୂଆଁକଲ ନୌକାର ଖଳାସୀମାନଙ୍କ ଟଙ୍କା ମାରିବା ଅପରାଧରେ ସ୍ଥଳସାହିର ଜଣେ ଦେଶୀୟ ଗୃହ ଅଭିଯୁକ୍ତ ଥିଲେ । ଜଏଣ୍ଟ ମାଜିଷ୍ଟ୍ରେଟଙ୍କ ବିଚାରରେ ଦୁଇଜଣ ଖଲାସ ପାଇଲେ ଅବଶିଷ୍ଟ ଜ ୪ ଣ ଦଙ୍ଗା ଏବଂ ଭୟ ପ୍ରଦର୍ଶନ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେବାରୁ ଜଣପ୍ରତି ତିନି ସପ୍ତାହ ଏକବଦନ କାରବାସ ଏବଂ ଟ ୫୦ ୧ ଙ୍କା ଲେଖାଏଁ ଅର୍ଥଦଣ୍ଡ ହେଲା । ଦଣ୍ଡ ବିଧାନ ଭଲ ହୋଇଅଛି ।

ମଧ୍ୟପ୍ରଦେଶର ଚିଫ କମିଶନର ଶ୍ରୀଯୁକ୍ତ ଉଡ଼ବରନ ସାହେବ ଗତମାସ ତା ୨୮ ରିଖରେ ହୋମ ସେକ୍ରେଟରୀ ପଦର ଭାର ନେବେ ଏବଂ ତହିଁପୂର୍ବ ଅର୍ଥାତ୍ ଗତମାସର ପ୍ରାୟ ତା ୧୫ ରଖରେ ମଧ୍ୟପ୍ରଦେଶର ଭାର ଶ୍ରୀଯୁକ୍ତ ଲାଏଲ ସାହେବଙ୍କୁ ଦେବେ । ଶ୍ରୀଯୁକ୍ତ କଟନ ସାହେବ ମଧ୍ୟପ୍ରଦେଶର ଚିଫ୍‌କମିଶନର ହେବେ ବୋଲି ଯାହା ଶୁଣା ଯାଉଥିଲା ତାହା ଠିକ ହେଲ ନାହିଁ ।

ଲକ୍ଷଣନାଥରୁ ଏକବ୍ୟକ୍ତି ଲେଖିଅଛନ୍ତି କି ସେଠା ଏଣ୍ଟ୍ରେନସ ସ୍କୁଲର ହେଡ଼ ମାଷ୍ଟର ବାବୁ ଗୋବିନ୍ଦଚନ୍ଦ୍ର ସରକାର କରସିଂହପୁର ରାଜାଙ୍କର ଶିକ୍ଷକ ନିଯୁକ୍ତ ହୋଇ ଶୀଘ୍ର ଏନଗରକୁ ଆସିବାର ବନ୍ଦୋବସ୍ତ କରୁଅଛନ୍ତି । ବାବୁ ମହାଶୟଙ୍କ ସଦ୍‌ଗୁଣରେ ସେଠା ଲୋକେ ବଡ଼ ପ୍ରୀତ ହୋଇଥିଲେ ଓ ତାହାଙ୍କୁ ସମ୍ମାନ ପୂର୍ବକ ବିଦାୟ ଦେବା ପାଇଁ ଭଦ୍ରଲୋକମାନେ ପ୍ରତିଦିନ ନିମନ୍ତ୍ରଣ କରୁଅଛନ୍ତି ।

ଜାତୀୟ ମହାସଭାର ପୁନା ଅଧିବେଶନ ନିମନ୍ତେ ପ୍ରତିନିଧି ନିର୍ବାଚନ କରିବା କାରଣ ଗତ ପୂର୍ବ ଶନିବାର ଉତ୍କଳ ସଭାର ଏକ ଅଧିବେଶନ ହୋଇଥିଲା । ମାତ୍ର ଉପସ୍ଥିତ ସଭ୍ୟଙ୍କ ମଧ୍ୟରୁ କେହି ଯିବାକୁ ସମ୍ମତି ଦେଲେ ନାହିଁ । ପାର୍ଲିଆମେଣ୍ଟରୁ ଜ ୧୩ ଣ ପ୍ରତିନିଧି ବାହାରିବା ପ୍ରତ୍ୟକ୍ଷେ ଉତ୍କଳ ସଦରଧାଗରୁ ଜଣେ ଅଗ୍ରସର ନ ହେବା ଆଶ୍ଚର୍ଯ୍ୟର ବିଷୟ ଅଟେ । ଏଥିରୁ ବୁଝା ଯାଉଅଛି ଯେ ମହାସମିତି ପ୍ରତି

Digitized by srujanika@gmail.com

Split by PDF Splitter



ଏଠା ଲୋକଙ୍କର ଅଲ୍ପବିସ୍ତ ଅନୁରାଗ ଜନ୍ମି ନାହିଁ ।

---

ଏକ କୃଷିପତ୍ରିକାରେ ଲେଖାଅଛି ମିଷ୍ଟର ହୁପର ସାହେବ ଦକ୍ଷିଣ ନୀଲଗିରି ପ୍ରଦେଶର ଗଛରୁ ବହୁତ କର୍ପୂର ପ୍ରସ୍ତୁତ କରି ପାରିଅଛନ୍ତି । ଏଥିପୂର୍ବେ ଲୋକେ ବୁଝିଥିଲେ ଯେ କର୍ପୂର ବୃକ୍ଷର ପତ୍ରରୁ କେବଳ ତରଳ ତୈଳ ବାହାରୁଥିଲା । କର୍ପୂର ଚୀନରୁ ଆମଦାନି ହୁଏ । ମାତ୍ର ଗତ ଯୁଦ୍ଧ ହେତୁରୁ ଚୀନ କର୍ପୂରର ମୂଲ୍ୟ ଅନେକ ବୃଦ୍ଧି ହୋଇଅଛି । ଅତଏବ ଏସମୟରେ ହୁପର ସାହେବଙ୍କର ଆବିଷ୍କାର ବଡ଼ ମୂଲ୍ୟବାନ ଅଟେ କାରଣ ଭାରତର ଅନେକ ସ୍ଥାନରେ କର୍ପୂର ବୃକ୍ଷ ବଢ଼ିବାର ଦେଖାଯାଏ ।

---

ବିଜୟନଗରର ଅର୍ଥାତ ଭିଜାନଗରର ମହାରାଜା ସର ଚାର୍ଲସ ଇଲିୟଟଙ୍କ ସ୍ମରଣାର୍ଥ ପ୍ରସ୍ତର ମୂର୍ତ୍ତି ନିମନ୍ତେ ୨ ହଜାର ଟଙ୍କା ଦେବା ସ୍ୱୀକାର କରିଅଛନ୍ତି । ମହାରାଜାଙ୍କ ପକ୍ଷରେ ୨ହଜାର ଟଙ୍କା ଦାନ କରିବା ବଡ଼କଥା ନୁହେ । ମାତ୍ର ସେ ମାନ୍ଦ୍ରାଜ ପ୍ରଦେଶାନ୍ତର୍ଗତ ଏକ ରାଜ୍ୟର ଅଧିବାସୀ ହୋଇ କୌଣସି ସ୍ୱଜାତୀୟ ସମ୍ବନ୍ଧ ନ ଥିବା ବଙ୍ଗାଧିପଙ୍କ ସ୍ମରଣାର୍ଥେ ସାହାଯ୍ୟ କରିବାକୁ ପ୍ରସ୍ତୁତ ହୋଇଅଛନ୍ତି ଏଥିରୁ ଜଣାଯାଉଅଛି ଯେ ସର ଇଲିୟଟ ବାହାଦୁରଙ୍କ ପ୍ରତି ତାହାଙ୍କର ବିଶେଷ ଶ୍ରଦ୍ଧା ଓ ଭକ୍ତି ଅଛି । କେହି୨ କହନ୍ତି ବଙ୍ଗ ଦେଶର ମୁସଲମାନଙ୍କ ଅନୁରୋଧରେ ସେ ଦେବା ସ୍ୱୀକାର କରିଅଛନ୍ତି । କଂଗ୍ରେସର ମୁସଲମାନଙ୍କର ହିତସାଧନ ହେତୁ ସେମାନଙ୍କର ବିଶେଷ କୃତଜ୍ଞଭାଜନ ହୋଇଅଛନ୍ତି ସନ୍ଦେହ ନାହିଁ । ମାତ୍ର ତାହା ଦେଖାଇବା ନିମନ୍ତେ ମାନ୍ଦ୍ରାଜ ପ୍ରଦେଶର ମହାରାଜାଙ୍କଠାରୁ ଦେବା ମାଗି ଆଣିବା ଭଲ ଦିଶୁ ନାହିଁ ।

---

ଯାଜପୁରରେ କୃଷି ଓ ଶିଳ୍ପ ପ୍ରଦର୍ଶନୀର କାର୍ଯ୍ୟ କ୍ରମଶଃ ଅଗ୍ରସର ହେଉଅଛି । ଲୋକଙ୍କ ମନୋରଞ୍ଜନ ନିମନ୍ତେ କଲିକତା କୁମାରଟୁଲିରୁ ତିନିଜଣ କାରିଗର ଆସି ନାନା ଦେବ ଦେବୀର ମାଟିର ମୂର୍ତ୍ତିମାନ ଗଢ଼ୁଅଛନ୍ତି । ପ୍ରଧାନ କାରିଗରର ବେତନ ମାସିକ ଟ ୪୦୯ କା ଏବଂ ଦୁଇଜଣ ସହକାରୀଙ୍କ ବେତନ ଟ ୩୦୯ କା ଲେଖାଏ ଅଟେ । ଏପର୍ଯ୍ୟନ୍ତ ଟ ୩୦୦୦୯ କା ଚାନ୍ଦା ସ୍ୱୀକୃତ ଏବଂ ତହିଁମଧ୍ୟରୁ ପ୍ରାୟ ଟ ୨୦୦୦୯ କା ଆଦାୟ ହୋଇଅଛି । ମିଷ୍ଟର ଭର୍ଣ୍ଣସନ୍ଦ ସାହେବ ଆଗାମୀ ମାର୍ଚ୍ଚମାସ ପ୍ରଥମ ସପ୍ତାହରେ ଯାଜପୁରରେ ବସନ୍ତମାନ ହୋଇ ପ୍ରଦର୍ଶନୀ ଫିଟାଇବାର ସମସ୍ତ ସ୍ଥିର କରିଅଛନ୍ତି । ପ୍ରଦର୍ଶନୀରେ ଯେଉଁ ଦ୍ରବ୍ୟମାନ ଯେଉଁ ନିୟମରେ ଉପସ୍ଥିତ କରିବାକୁ ହେବ ତହିଁର ବିସ୍ତାରିତ ବିଜ୍ଞାପନ ଶୀଘ୍ର ପ୍ରକାଶ କରିବାପାଇଁ କମିଟୀ ଯତ୍ନବାନ୍ ହେଉନ୍ତୁ ଯେ ଲୋକେ ପ୍ରସ୍ତୁତ ହେବେ, କଲିକତା କାରିଗରଙ୍କପରି ଓଡ଼ିଶାର କାରିଗରଙ୍କ ଉତ୍ସାହ ନିମନ୍ତେ କମିଟୀ କିଛି ବ୍ୟବସ୍ଥା କଲେ ବଡ଼ ସୁଖର ବିଷୟ ହେବ ।

---

ଶିଳ୍ପଶିକ୍ଷାର ବିସ୍ତାର ଅଭିପ୍ରାୟରେ ଏ ଜିଲ୍ଲାର ଡିଷ୍ଟ୍ରିକ୍ଟ ବୋର୍ଡ଼ ଏଠା ଯୋବସ୍ତ କଲେଜରେ ଶିକ୍ଷାଲାଭ ନିମନ୍ତେ ତିନିଜଣ ଛାତ୍ରଙ୍କୁ ବୃତ୍ତି ଦେଉଥିଲେ । ବୃତ୍ତିର ସମୟ ଗତବର୍ଷରେ ଶେଷ ହେଲା ଏବଂ ତିନିଜଣ ଛାତ୍ର ମଧ୍ୟରୁ ଦୁଇଜଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ମାତ୍ର ସେମାନେ ଯାହା ବୃତ୍ତି ପାଉଥିଲେ ତହିଁରୁ ଅଧିକ ମୂଲ୍ୟର କାର୍ଯ୍ୟ ପାଇବାର ଯୋଗ୍ୟ ହେଲେ ନାହିଁ ଏବଂ ଇଞ୍ଜିନିୟର ସାହେବ ରିପୋର୍ଟ କଲେ କି ଆଉ ଦୁଇବର୍ଷ କାର୍ଯ୍ୟ ନ ଶିଖିଲେ ଶିକ୍ଷା ସମ୍ପୂର୍ଣ୍ଣ ହେବ ନାହିଁ । ଏଥିପାଇଁ ବୋର୍ଡ଼ ଭିନ୍ନ ନିୟମରେ ଆଉ ୪ ଜଣ ଛାତ୍ରଙ୍କୁ ଯୋବସ୍ତ କଲେଜଠାରେ ଶିକ୍ଷା ଦେବାର ଇଚ୍ଛା କରି ତହିଁର ବିଜ୍ଞାପନ ଦେଇଅଛନ୍ତି । ସେହି ବିଜ୍ଞାପନ ସ୍ଥାନାନ୍ତରେ ଇଂରାଜୀରେ ପ୍ରକାଶିତ ହୋଇଅଛି । ତହିଁର ମର୍ମ ଏହି କି ଯେଉଁ ଛାତ୍ରମାନେ ଯୋବସ୍ତ କଲେଜଠାରେ ଶିଳ୍ପକାର୍ଯ୍ୟ ଶିକ୍ଷା କରିବାକୁ ଇଚ୍ଛା କରିବେ ସେମାନେ ଡିଷ୍ଟ୍ରିକ୍ଟ ବୋର୍ଡ଼ଙ୍କ ଚେଅରମାନଙ୍କଠାରେ ଆବେଦନ କରିବେ । ଅନ୍ୟ ଛାତ୍ରାପେକ୍ଷା ଶିଳ୍ପିଶ୍ରେଣୀର ଦାବି ଅଗ୍ରଗଣ୍ୟ ହେବ । ଛାତ୍ରମାନେ ପ୍ରଥମ ଦୁଇବର୍ଷ ମାସିକ ୪ଟଙ୍କା ଲେଖାଏଁ ଏବଂ ତହିଁ ଉତ୍ତାରୁ ୩ ବର୍ଷ ପର୍ଯ୍ୟନ୍ତ ପ୍ରତିବର୍ଷ ଏକଟଙ୍କା ଲେଖାଏଁ ଅଧିକା ବୃତ୍ତି ପାଇବେ ।

---

କଲିକତାର ପଣ୍ଡିତସଭାର ଯତ୍ନରେ ବଙ୍ଗ ବିହାର ଏବଂ ଓଡ଼ିଶାର ସଂସ୍କୃତଚତୁଷ୍ପାଠୀ ସମୂହର ପ୍ରଧାନ ଅଧ୍ୟାପକମାନଙ୍କର କଲିକତା ନଗରରେ ଏକ ବୃହତ ସଭା ହୋଇଥିଲା ଏବଂ ମହାମହୋପାଧ୍ୟାୟ ମହେଶଚନ୍ଦ୍ର ନ୍ୟାୟରତ୍ନ ସଭାପତିର ଆସନ ଗ୍ରହଣ କରିଥିଲେ । ବଙ୍ଗଦେଶର ଲେଫ୍ଟେନାଣ୍ଟ ଗବର୍ଣ୍ଣର ସର ଚାର୍ଲସ ଇଲିୟଟ ବାହାଦୁର ବଙ୍ଗ ବିହାର ଏବଂ ଓଡ଼ିଶାର ଟୋଲମାନଙ୍କୁ ସାହାଯ୍ୟପ୍ରଦାନ ଏବଂ ଉପାଧି ଲାଭ ପରୀକ୍ଷାର ପୂର୍ବ ଯୋଗାଏ ପରୀକ୍ଷାର ନିୟମ କରିବାଦ୍ୱାରା ସଂସ୍କୃତ ଶିକ୍ଷା ବିସ୍ତାର ଏବଂ ଉନ୍ନତିର ଉପାୟ ସ୍ଥିର କରିଥିବାରୁ ତାହାଙ୍କୁ କୃତଜ୍ଞତାସୂଚକ ଅଭିନନ୍ଦନପତ୍ର ସେହି ଅଭିନନ୍ଦନପତ୍ର ସଂସ୍କୃତଭାଷାରେ ପ୍ରାଚୀନକାଳର ତମ୍ବାପଟ୍ଟା ସଦୃଶ ଏକ ରୂପାପଟ୍ଟାରେ ଖୋଦିତ ହୋଇ ପ୍ରଦାନ କରିବା ଏବଂ ଏଥିର ସମସ୍ତ ବ୍ୟୟ ରଜା ସର ସୌରେନ୍ଦ୍ରମୋହନ ଠାକୁର କେ, ସି, ଆଇ, ଇ ସ୍ୱେଚ୍ଛାପୂର୍ବକ ଦାନ କରିବାକୁ ପ୍ରତିଶ୍ରୁତ ହେବାରୁ ସଭା ତାହା ଗ୍ରହଣ କରି ତାହାଙ୍କୁ ବିଶେଷ ଧନ୍ୟବାଦ ଦେବାର ପ୍ରସ୍ତାବମାନ ଧାର୍ଯ୍ୟ ହେଲା । ସଂସ୍କୃତ ସମିତିମାନଙ୍କର କେତେଜଣ ପ୍ରତିନିଧି ଏବଂ ବଙ୍ଗଦେଶର କେତେଜଣ ପ୍ରଧାନ ପଣ୍ଡିତ ଏକତ୍ରିତ ହୋଇ ସେହି ଅଭିନନ୍ଦନପତ୍ର ମାନ୍ୟବର ମହୋଦୟଙ୍କୁ ଅର୍ପଣ କରିବେ । ସଂସ୍କୃତଶିକ୍ଷାର ଉନ୍ନତି ନିମନ୍ତେ ମାନ୍ୟବର ମହୋଦୟ ଯାହା କରିଅଛନ୍ତି ତହିଁପାଇଁ ପଣ୍ଡିତମଣ୍ଡଳର କୃତଜ୍ଞତା ପ୍ରକାଶ କରିବା ଯୁକ୍ତିସଙ୍ଗତ ହୋଇଅଛି ସନ୍ଦେହ ନାହିଁ । ଏଥିର ବ୍ୟୟ ନିର୍ବାହର ଉପାୟ ମଧ୍ୟ ପଣ୍ଡିତମାନଙ୍କର ଯୋଗ୍ୟ ହୋଇଅଛି ।

---

## ବଙ୍ଗୀୟବ୍ୟବସ୍ଥାପକସଭାର ସଭ୍ୟ ନିର୍ବାଚନ ।

ମାନ୍ୟବର ନାଟୋରର ମହାରାଜା ଜଗଦୀନ୍ଦ୍ରନାଥ ରାୟ ରାଜସାହୀବିଭାଗର ମିଉନିସିପାଲିଟୀମାନଙ୍କର ଅନୁରୋଧକ୍ରମେ ବଙ୍ଗୀୟ ବ୍ୟବସ୍ଥାପକସଭାର ଜଣେ ସଭ୍ୟ ନିଯୁକ୍ତ ହୋଇଥିଲେ । ଆସନ୍ତା ଜାନୁୟାରି ମାସ ତା ୨୩ ରିଖରେ ତାହାଙ୍କର କାର୍ଯ୍ୟକାଳ ଶେଷ ହେବ । ଗବର୍ଣ୍ଣମେଣ୍ଟଙ୍କର ପୂର୍ବ ବିଜ୍ଞପ୍ତି ଅନୁସାରେ ଓଡ଼ିଶା ଓ ଛୋଟନାଗପୁରର ମିଉନିସିପାଲିଟିମାନେ ଏକଜଣ ସଭ୍ୟ ନିର୍ବାଚନ କରିବାର ଅଧିକାର ପାଇଅଛନ୍ତି । ଅତଏବ ବଙ୍ଗୀୟଗବର୍ଣ୍ଣମେଣ୍ଟ ବିଜ୍ଞାପନ ଦେଇଅଛନ୍ତି ଯେ ଓଡ଼ିଶାବିଭାଗର କଟକ, କେନ୍ଦ୍ରାପଡ଼ା, ଜାଲେଶ୍ୱର ଓ ପୁରୀ ମିଉନିସିପାଲିଟିମାନେ ଏବଂ ଛୋଟନାଗପୁରବିଭାଗର ହଜାରିବାଗ, ରାଞ୍ଚି, ସୁଣ୍ଡ ଏବଂ ପୁରୁଲିଆ ମିଉନିସିପାଲିଟିମାନେ ମିଶି ଏକଜଣ ଯୋଗ୍ୟବ୍ୟକ୍ତି ପସନ୍ଦ କରି ତାହାଙ୍କୁ ବଙ୍ଗୀୟ ବ୍ୟବସ୍ଥାପକସଭାର ସଭ୍ୟ ନିଯୁକ୍ତ

Digitized by srujanika@gmail.com

ଲଢ଼ିବାକାରଣ ଅନୁରୋଧ କରିବେ । ବଙ୍ଗୀୟ କମିଶନରମାନଙ୍କ ପ୍ରତି ଆଦେଶ ହୋଇଅଛି କି ସେମାନେ ଆପଣା୨ ଏଲାକାର ମିଉନିସିପାଲିଟୀ ମଧ୍ୟରୁ ଯେଉଁ ସବୁକୁ ଅଧିକାର ଦିଆ ଗଲା ସେସବୁର ଚେୟାରମାନଙ୍କ ନିକଟକୁ ଏହିପ୍ରକାର ସମ୍ବାଦ ଦେବେ । ପ୍ରତ୍ୟେକ ମିଉନିସିପାଲିଟିର ଚେୟାରମାନ ସମ୍ବାଦ ପାଇବାର ଅବିଲମ୍ବେ କମିଶନରମାନଙ୍କର ବିଶେଷ ସଭା ଆହ୍ୱାନ କରି ସେମାନଙ୍କ ମଧ୍ୟରୁ ଏକଜଣ ପ୍ରତିନିଧି ନିଯୁକ୍ତ କରିବେ ଓ ଯେଉଁ ଲୋକ ସଭାରେ ସେ ମତ ଦେବେ ତାହାଙ୍କୁ ବୁଝାଇ ଦେବେ ଓ ପ୍ରତିନିଧିର ନାମ ବଙ୍ଗୀୟ କମିଶନରଙ୍କୁ ଜଣାଇବେ । କମିଶନର ସାହେବ ସମସ୍ତ ମିଉନିସିପାଲିଟୀର ପ୍ରତିନିଧି ନାମ ପାଇ ଗୋଟିଏ ଦିନ ଧାର୍ଯ୍ୟ କରିବେ ଯେ ସେହିଦିନ ସେମାନେ କଲିକତା ରାଇଟର ବିଲଡିଙ୍ଗ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ସେକ୍ରେଟାରୀଏଟ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ସଦସ୍ୟ ମନୋନୀତ କରିବେ । ଏବଂ ସେଠାକୁ ଯିବାର ଖର୍ଚ୍ଚା ପାଇବେ । ଯେଉଁ ବ୍ୟକ୍ତି ସପକ୍ଷରେ ମତ ଅଧିକ ହେବ ତାହାର ନାମ ନିୟୋଗ ନିମନ୍ତେ ଗବର୍ଣ୍ଣମେଣ୍ଟ ବଙ୍ଗଳାର ଚିଫ୍ ସେକ୍ରେଟାରୀଙ୍କ ନିକଟକୁ ପ୍ରେରିତ ହେବ । ବଙ୍ଗୀୟ କମିଶନରମାନେ ଯେଉଁ ତାରିଖରେ ମିଉନିସିପାଲିଟୀ ଚେୟାରମାନଙ୍କୁ ଉପରଲିଖିତ ମତେ ସମ୍ବାଦ ଦେବେ ସେହିଦିନଠାରୁ ଦୁଇମାସ ମଧ୍ୟରେ ସକଳକାର୍ଯ୍ୟ ଶେଷ କରିବାକୁ ହେବ ଯେଉଁ ବ୍ୟକ୍ତି ମନୋନୀତ ହେବେ ତାହାଙ୍କ ଯୋଗ୍ୟତା ବିଷୟରେ ଏତିକି ଆବଶ୍ୟକ ଯେ ଯେଉଁ ମିଉନିସିପାଲିଟିସମୂହଦ୍ୱାରା ସେ ମନୋନୀତ ହେବେ ତହିଁମଧ୍ୟରୁ କୌଣସି ମିଉନିସିପାଲିଟୀ କିମ୍ବା ସେହି ମିଉନିସିପାଲିଟିସ୍ଥିତ ଜିଲାର ସାଧାରଣ ଅଧିବାସୀ ହେବେ । ଇସ୍ୟମାନୁସାରେ ଯୋଗ୍ୟତାର ଅନ୍ୟ କୌଣସି ସୀମା ନିର୍ଦ୍ଧାରିତ ହୋଇ ନାହିଁ ।

ସଦସ୍ୟପଦ ପ୍ରାର୍ଥୀମାନେ କେଉଁଠାରେ କେଉଁରେ ଆବେଦନ କରିବେ ଗବର୍ଣ୍ଣମେଣ୍ଟଙ୍କ ଆଦେଶରେ ତାହା ସ୍ପଷ୍ଟ ଲେଖା ନ ଥିଲେହେଁ ଭାବକୁ ଜଣାଯାଉଅଛି କି ସେମାନେ ନିର୍ବାଚନ ଅଧିକାର ପ୍ରାପ୍ତ ସମସ୍ତ ମିଉନିସିପାଲିଟିକୁ ଅବିଲମ୍ବେ ଆପଣା୨ ଅଭିପ୍ରାୟ ଜଣାଇବେ ଅଥବା ପ୍ରତ୍ୟେକ ମିଉନିସିପାଲିଟୀ ଯେଉଁମାନଙ୍କୁ ଉପଯୁକ୍ତ ବିବେଚନା କରିବେ ସେମାନଙ୍କ ମତ୍ ନେଇ ଅଧିକାଂଶ କମିଶନରଙ୍କ ମତରେ ଏକଜଣ ବାଛି ନେବେ । ତାହା ହେଲେ ପ୍ରତ୍ୟେକ ମିଉନିସିପାଲିଟୀ ଯାହାକୁ ପସନ୍ଦ କରିବେ ତାହା ସଭାରେ ମତ ଦେବାକାରଣ ଆପଣା ପ୍ରତିନିଧିକ ଉପଦେଶ ଦେଇ ପାରିବେ । ସଦସ୍ୟ ପଦ କେବଳ ଗୌରବର ପଦ ନୁହେ, ତହିଁର ଦାୟିତ୍ୱ ଅତି ଗୁରୁତ୍ୱ । ଆମ୍ଭେମାନେ ଏକାନ୍ତ ଆଶା କରୁଁ ଯେ ଓଡ଼ିଶାର ମିଉନିସିପାଲିଟିମାନେ ଆପଣା୨ ଅଧିକାର ପ୍ରକୃତ ଗୁରୁତ୍ୱ ଅନୁଭବ କରି ନିରପେକ୍ଷଭାବରେ ସର୍ବାପେକ୍ଷ ଯୋଗ୍ୟବ୍ୟକ୍ତି ପସନ୍ଦ କରିବାକୁ ଯତ୍ନବାନ୍ ହେବେ । ପ୍ରାର୍ଥୀମାନଙ୍କ ନାମ ପ୍ରକାଶ ହେବା ପୂର୍ବେ କିଏ ଅଧିକ ଯୋଗ୍ୟ ବୋଲି ଯାଇ ନ ପାରେ । ମାତ୍ର ଆମ୍ଭେମାନେ ବିବେଚନା କରୁଁ କି ଯଦ୍ୟପି ବାବୁ ମଧୁସୂଦନଦାସ ଉକିଲ ଜଣେ ପ୍ରାର୍ଥୀ ହୁଅନ୍ତି ତେବେ ସେ ମନୋନୀତ ହେଲେ ସର୍ବାପେକ୍ଷା ଉତ୍ତମ ହେବ ।

———

## ମୋଫସଲର ଘାଟ ଅତ୍ୟାଚାର ।

ବର୍ତ୍ତମାନ ପ୍ରାୟ ସମସ୍ତ ମୋଫସଲର ଘାଟମାନ ସରକାରୀ ହୋଇ ବୋର୍ଡ଼ଙ୍କ ଅଧୀନରେ ଆସିଅଛି ବୋଲି ପୂର୍ବାପେକ୍ଷା ଜନସାଧାରଣଙ୍କର କିଛି ଉପକାର ଦେଖା ନ ଯାଏ । ପୂର୍ବେ ଯେପରି ନଉକାମାନ ଥିଲା ଓ ପାର ଉତ୍ତାର କର୍ମ ଯେପରି ହେଉଥିଲା ବର୍ତ୍ତମାନ ମଧ୍ୟ ସେହିପରି ନଉକାରେ ପାର ଉତ୍ତାର କର୍ମ ଚାଲୁଅଛି ଫଳମଧ୍ୟରେ ପୂର୍ବେ ଲୋକେ କେବେ୨ ମାସୁଲ ନ ଦେଇ ଓ କେବେ ଅଳ୍ପମାସୁଲ ଦେଇ ନଦୀ ପାର ହେଉଥିଲେ ବର୍ତ୍ତମାନ ଅଧିକ ମାସୁଲ ପଡ଼ୁଅଛି । ଏବେ ସରକାରୀ ମାସୁଲ ଦୁଃଖୀଲୋକଙ୍କ ପ୍ରତି ବାଧକ ତହିଁରେ ଦୁଇଗୁଣ ଦେବାକୁ ପଡ଼ିଲେ ଯେ କେତେ ବାଧକ ଏହା ସହଜରେ ଅନୁମାନ ହୋଇ ପାରେ । ମୋଫସଲର ଏକ ଘାଟରେ ଦୁଇଗୁଣମାସୁଲ ନିଆ ହେଉଥିବାର ଆମ୍ଭମାନଙ୍କ ଗୋଚରକୁ ଆସିଅଛି ତହିଁର ବୃତ୍ତାନ୍ତ ନିମ୍ନେ ଲେଖୁଅଛୁଁ ଯଥା;—

ଗତ ଦୁର୍ଗାପୂଜା ସମୟରେ ଦର୍ପଣର ମ୍ୟାନେଜର ଛୁଟିଅନ୍ତେ ମାହାଙ୍ଗା ଯିବା ସମୟେ ଜୟପୁର ନିକଟ ବେଙ୍ଗୁଟୀନଦୀର ଜଗନ୍ନାଥପୁର ଘାଟ ପାର ହୋଇ ଇଜାରଦାର ନ ଥିବାରୁ ଗତବର୍ଷ ଅନୁସାରେ ପାଲିଙ୍କି ବସ୍ତମ ଟ ୦ ।୵ ଓ ବକସିସ ମାଝିଙ୍କୁ ଦେଇ ପ୍ରସ୍ଥାନ କଲେ ଫେରିବାସମୟେ ଇଜାରଦାର ଗୁମାସ୍ତା ଉପସ୍ଥିତ ଥାଇ ମାନେଜରଙ୍କୁ କହିଲା କି ଆପଣ ଯିବାସମୟେ ମୁଁ ନ ଥିବାରୁ ଅର୍ଦ୍ଧେକ ମାସୁଲ ମାଝିକୁ ଦେଇ ଠକି ଦେଲ ଏଥର ତାକୁ ବାକୀ ଯ ୨ ଭୁ ଟ ୦ ।/ ଦେବାକୁ ହେବ । ତହୁଁ ବାବୁ କହିଲେକି ଏ ତୃତୀୟଶ୍ରେଣୀ ଘାଟଥିବାରୁ ଠିକ ଦେଇଅଛୁଁ ଠକି ଦେଇ ନାହୁଁ । ତହୁଁ ଗୁମାସ୍ତା ନିଜ ଟିକ୍ତା ଦେଖାଇବାରେ ସେଥିରେ ପାଲିଙ୍କିର ମାସୁଲ ଟ ୦ ।୵ ଓଡ଼ିଆ ଓ ବଙ୍ଗଳାରେ ଲେଖାଥିବାର ବାବୁ ଦେଖି ଲଜ୍ଜିତ ହୋଇ ଟ ୦ ।/ ଦେଲେ ମାତ୍ର ପାରଶିରେ ଟ ୦ ।୵ ଲେଖା ଥିବାରୁ ତାହା ଭୁଲ ମନେ କଲେହେଁ ସନ୍ଦେହ ଜାତ ହେଲା ଏଣୁକରି ସେ କଟକ ଅସିଥିବା ସମୟେ ନଭେମ୍ବର ତା ୧୨ ରିଖରେ ବୋର୍ଡ଼ ଅଫିସରେ ତଦନ୍ତ କରିବାରେ ଉକ୍ତ ଘାଟ ତୃତୀୟଶ୍ରେଣୀ ଥିବାର ନିଶ୍ଚୟ ଜାଣିଲେ । ତହିଁ ଆରଦିନ କଟକରୁ ଯାଇ ତା ୧୨ ରାତ୍ରରେ ଉକ୍ତଘାଟବାଟେ ଯିବାର ଥିବାରୁ ଉତ୍ତମରୂପେ ନିରେଖ ଟିକ୍ତା ଦେଖି ତଦନ୍ତ କରି ବୋର୍ଡ଼କୁ ଜଣାଇବାର ବସୁରନ୍ତେ । ସେ ଉକ୍ତ ତାରିଖରେ ଘାଟରେ ଉପସ୍ଥିତ ହୋଇ ଦେଖିଲେ ଯେ ଟିକ୍ତା ର ଦ୍ୱିତୀୟଶ୍ରେଣୀର ସକଳ ନିରିଖମାନ ଓଡ଼ିଆ ଓ ବଙ୍ଗଳାରେ ଓ ତୃତୀୟଶ୍ରେଣୀର ସକଳ ନିରିଖ ପାରସିରେ ଲେଖା ଅଛି । ଇଜାରଦାରର କବୁଲିୟତରେ ନିରଖମାନ ଯେପରି ଲେଖାଯାଏ ସେହିପରି ତାକୁ ଦଅଯିବା ପଟ୍ଟା କିମ୍ବା ପରୱାନାରେ ନିରିଖମାନ ଲେଖାଯିବାର ବିଧି ଥିବାରୁ ମ୍ୟାନେଜର ବାବୁ ଟିକ୍ତା ଭୁଲ ଥିବାର ଜାଣି ପଟ୍ଟା କିମ୍ବା ପରୱାନା ଦେଖିବାକୁ ଚାହିଁବାରୁ ଗୁମାସ୍ତା କହିଲା କି ପଟ୍ଟା କିମ୍ବା ପରୱାନା କିଛି ମୋର ନାହିଁ ଏହି ଟିକ୍ତା ସରକାରରୁ ମିଳିଥିବାରୁ ଓ ପାରସି ତାକୁ ଜଣା ନ ଥିବାରୁ ଓଡ଼ିଆ ଲେଖାନୁସାରେ ସେ ମାସୁଲ ନେଉଅଛି । ଏଥିକୁ ଦ୍ୱିତୀୟଶ୍ରେଣୀ ଘାଟରେ ବୋଝାଇଗାଡ଼ିର ମାସୁଲ ଟ ୦ ।୵ ଓ ପାଲିଙ୍କିର ମାସୁଲ ଟ ୦ ।୵ ଓ ଖାଲିଗାଡ଼ି ଓ ପାଲିଙ୍କିର ମାସୁଲ ଯଥାକ୍ରମେ ଟ ୦ ।୬ ଓ ଟ ୦ ।୵ ଅଟେ ମାତ୍ର ତୃତୀୟଶ୍ରେଣୀ ଘାଟରେ ବୋଝାଇ ଗାଡ଼ିର ମାସୁଲ ଟ ୦ ।୬ ଓ ପାଲିଙ୍କିର ଟ ୦ ।୵ ଖାଲିଗାଡ଼ି ଓ ପାଲିଙ୍କିର ମାସୁଲ ଯଥାକ୍ରମେ ଟ ୦ ୧୫ ଓ ଟ ୦ ।୬ ଅଟଇ । ଏ ତିନି ବାବଦର ମାସୁଲ

Split by PDF Splitter
Digitized by srujanika@gmail.com

ତଥା ବାବୁ ମହୋଦୟ ଗୁମାସ୍ତାଙ୍କୁ ବିଶେଷରୂପେ ପଚାରିବାରେ ସେ ସ୍ପଷ୍ଟ କହିଲେ କି ବୋଝାଇ ଗାଡ଼ିର ମାସୁଲ ଟ° ।୵ ଓ ପାଲଙ୍କିର ଟ° ।୵ ଖାଲିଗାଡ଼ି ଓ ପାଲଙ୍କିର ଟ° ୵୬ ଓ ଟ° ।୵ ଯଥାକ୍ରମେ ବରାବର ନେଇ ଆସୁଅଛି । ଉକ୍ତ ବାବୁ ତାଙ୍କୁ ଜୋର୍ କରିବାରେ ତାଙ୍କ ଉପରୁ ତଥା କହିବାରେ ସେ କହିଲେ କି ମୁଁ ସରକାରରୁ ମିଳିଥିବା ତାଲିକାନୁସାରେ ନେଉଅଛି ଏଥିରେ ମୋହର କି ଦୋଷ ବର୍ତ୍ତମାନ ଆପଣ ଟ° ।୵ ଦେଉନ୍ତୁ ମୁଁ ନେବି ଯୁକ୍ତ ତାଲିକା ଭୁଲଥିବାର ଜାଣିଲେ ପଛ ଓ ହାଲର ଅଧିକାମାସୁଲ ଫେରି ଦେବି । ଉକ୍ତ ବାବୁ ତାଙ୍କୁ ଟ° ।୵ ଦେଲେ । ତା ୧୯ ଇଣ୍ଟ ରାତିରେ ଫେରିବା ସମୟରେ ଗୁମାସ୍ତା କହିଲା କି ତାଲିକା ବାସ୍ତବରେ ଭୁଲଥିବାର ବୁଝିଲି ସଂଶୋଧିତ ତାଲିକା କଟକରୁ ଆଣାଇବା ଆପଣ ଦେଇଥିବା ଓଜନର ଅଧିକା ମାସୁଲ ଟ° ।୵ ବର୍ତ୍ତମାନ ମାସୁଲ ନ ଦେଲେ ଟ°।୵ ତହିଁ ଯିବ ବାକୀ ଟ° ।୵ ରହିଲା ଏଠାରୁ ନିକଟ ଥିବାରୁ ସେଠାରୁ ଫେରି ପଠାଇଦେବି । କିନ୍ତୁ ଏପର୍ଯ୍ୟନ୍ତ ଫେରି ଦେଇ ନାହିଁ ।

ମାନେଜର ବାବୁ ଏବଂ ଲକ୍ଷିଣ୍ଟନ୍ଦ୍ର ଅବେଦନ ବୋର୍ଡ଼କୁ ରିପୋର୍ଟରେ ପଠାଇ ଉଦନନ୍ତର ପ୍ରାର୍ଥନା କରୁଅଛନ୍ତି । ନିରକ୍ଷର ଲୋକ ଏହାଦ୍ୱାରା ଭୁଲ କପଟ ହେଲା ଓ ଇଜାରଦାରକୁ ନିକଷ ଲୁଣ୍ଠନ ପନ୍ଥା ଦେବାର କଥିଥିବା ପ୍ରତ୍ୟକ୍ଷ ତାଙ୍କୁ ତାହିଁ କି ପନ୍ଥା ଦଣ୍ଡ ନ ସକ ଓ ଦଅଯାଉଥିଲେ ଜାଣି ଶୁଣି କପଟ ଅଧିକା ମାସୁଲ ବସାଇଲେ ନେଲେ ଏଥିରୁ ବଡ଼ ଭୁଲ ଦୋଷୀବ୍ୟକ୍ତିଙ୍କୁ ଉଚିତ ଦଣ୍ଡ ଦେବାର ଅତି ଆବଶ୍ୟକ । ମାନେଜର ମହୋଦୟ ବିଶେଷରେ ଅନୁଚିତ ଲେଖିଅଛନ୍ତି କି ଓଡ଼ିଆଷ୍ଟା ଘାଟ ନିୟମାବଳୀରେ ଦ୍ୱିତୀୟ ଓ ତୃତୀୟ ଉଭୟ ଶ୍ରେଣୀର ନିରିଖମାନ ଲେଖା ଅଛି ଏ ନିୟମାବଳୀ ଘାଟ ଇଜାରଦାରମାନେ ପାଇଅଛନ୍ତି ଏଥିରୁ ବଲୁପାଳଘାଟ ଓ ଅପାଲ ଘାଟ ତୃତୀୟଶ୍ରେଣୀ ଅଟେ ଏଥିପୂର୍ବେ ଅ ଇ ସେପ୍ଟେମ୍ବର ତାରିଖ ।ର ଗୁମାସ୍ତା ଉକ୍ତ ନିୟମାବଳୀ ଦେଖାଇ ଓ ଦ୍ୱିତୀୟ ଶ୍ରେଣୀର କହି ତାଙ୍କଠାରୁ ପାଲଙ୍କିର ଉଚିତ ଟ° ।୵ ଠାରୁ ନେଇଥିଲା ପଶ୍ଚାତ୍ ଜଣାଯିବାରୁ ଇଜାରଦାର ସମାଧା କରି ଟ° ।୵ ଫେରି ଦେଲା । ଏ ଜିଲାର ମୋଫସଲ ଘାଟମାନ ପ୍ରାୟ ସବୁ ତୃତୀୟଶ୍ରେଣୀ ଅଟଇ । ଯେସ୍ଥଳେ ମାନେଜର ବାବୁଙ୍କ ଅର ଲୋକଙ୍କୁ ଘାଟ ଇଜାରଦାର ମାନେ ଠକି ଦେଇ ଅଛନ୍ତି ସେସ୍ଥଳେ ଅନ୍ୟମାନଙ୍କୁ ଯେ କେତେ ଠକୁଥିବେ ଅନାୟାସେ ବୋଧଗମ୍ୟ ହୋଇ ପାରେ । ମହାନଦୀ ଓ କାଠଯୋଡ଼ି ଘାଟମାନ ଓ ମୋଫସଲରେ ଟେଙ୍ଗୁଡ଼ି ଲଡ଼ାର ବାଇଶ ମଉଜା ଘାଟ ଦ୍ୱିତୀୟ ଶ୍ରେଣୀ ଅଟଇ । ଲୋକେ ଏସବୁ ଘାଟରେ ପରମ୍ପରାଗତ ୨ୟ ଶ୍ରେଣୀ ମାସୁଲ ଦେଇ ଆସୁଅଛନ୍ତି ଏବଂ ୨ୟ ଓ ୩ୟ ଉଭୟ ଶ୍ରେଣୀରେ ମନୁଷ୍ୟ ଓ ବୋଝର ଏକ ମାସୁଲ ଅର୍ଥାତ୍ ଏକପଇସା ଅଟଇ ପୁଣି ୩ୟ ଶ୍ରେଣୀ ଘାଟରେ ଇଜାରଦାରମାନେ ଗାଡ଼ି ପାଲଙ୍କିର ମାସୁଲ ୨ୟ ଶ୍ରେଣୀ ନିରଖ ଅନୁସାରେ ଚଳାଇଲେ ଲୋକ ଜଳା ଆପତ୍ତିରେ ଦେବାର ସମ୍ଭବ ହେଉଅଛି । ପାଲଙ୍କିଚଢ଼ା ବଦ୍ଧିମାନେ ସ୍ୱଚ୍ଛଳ ଅବସ୍ଥାର ଅଟନ୍ତି ମାତ୍ର ଗରିବ ଗାଡ଼ିବାଲାମାନଙ୍କଠାରୁ ଦୁଇଗୁଣ ମାସୁଲ ନେବା ବଡ଼ କଷ୍ଟକର । ଅତଏବ ସକଳ ତୃତୀୟଶ୍ରେଣୀ ଘାଟରେ କପଟ ନିରଖ ତାଲିକା ମାନ ଅଛି ଓ କପଟ ମାସୁଲ ନିଆଯାଉଅଛି ଓ କପଟ ଉପାୟରେ ପାର ହେବାର ଧର୍ମ କର୍ମର ଚଳୁଅଛି ଏଥିର ଉଦନ୍ତ ହେବା ଓ ଏଥି ପ୍ରତି ସର୍ବଦା ଦୃଷ୍ଟି ରହିବାର ଆବଶ୍ୟକ । କାନୁଗୋଇ ଓ ପୁଲିସ କର୍ମଚାରୀମାନେ ଘାଟରେ ଏଥିପ୍ରତି ଦୃଷ୍ଟି ରଖି ଓ ଉଦନ୍ତ କରି ସମୟେ ରିପୋର୍ଟ କରୁଥିଲେ ଫଳଦାୟକ ହୋଇ ପାରେ ଅମ୍ଭେମାନେ ଆଶା କରୁଁ ଯେ କଲେକ୍ଟର ବାହାଦୁର ଏଥିର ସୁବିଚାର ଓ ସୁବନ୍ଦୋବସ୍ତ କରିବେ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ଅଜଗରର ଡେପୁଟୀ କମିସନର ବିଶପଦ ବହାର ମୋହଂଗମା ସମ୍ପର୍କରେ ଅବୈତନିକ ମାଜିଷ୍ଟ୍ରେଟଙ୍କ କ୍ଷମତା ପ୍ରାପ୍ତ ହେଲେ ।

ତ୍ରାହ୍ମଣୀ ବୈତରଣୀ ବିଭାଗରେ ଅର୍ଦ୍ଧବେତନ ୭ଃ ଇଞ୍ଜିନିୟର ମିଃ ଏଚ୍, ଡି, ଗ୍ରିଫିନ୍ ମହାନଦୀ ବିଭାଗକୁ ବଦଳି ହେଲେ ।

ରେଭେନ୍ସା କଲେଜର ଅଧ୍ୟାପକ ବାବୁ ମୁରଲୀଧର ବାନାର୍ଜୀ ଗତ ନଭେମ୍ବର ତା ୨ ଦିନରେ କାର୍ଯ୍ୟରେ ଉପସ୍ଥିତ ହେବାରୁ ନଭେମ୍ବର ତା ୨୨ ଦିନ ପର୍ଯ୍ୟନ୍ତ ପ୍ରିଭିଲେଜ ଛୁଟୀର ଅବଶିଷ୍ଟାଂଶ ଉଚିତ କରାଗଲା ।

ମୃତ ବାବୁ ଗୋପୀନାଥ ଘୋଷଙ୍କ ପରିବର୍ତ୍ତରେ ବାବୁ ହରିବନ୍ଧୁ ବୋଷ ବାଲେଶ୍ୱର ମିଉନିସିପାଲିଟୀର କମିଶନର ପଦରେ ନିଯୁକ୍ତ ହୋଇଅଛନ୍ତି ।

---

ଗତ ବର୍ଷର ଠାରୁ ମୃତଜନ ବାଳ ଅଭାବ ମେଘାଛନ୍ନ ଏବଂ ପ୍ରବଳ ବାୟୁ ବହୁବା ଯୋଗ କୌଣସି ସ୍ଥାନରେ ତୋଫାନ ହେବାର ସମ୍ଭବ ହେଉ ଥିଲା । ଏଠାରେ ବୃଷ୍ଟି ହୋଇ ନାହିଁ ମାତ୍ର ସେହି ସମୟରୁ ଶୀତ ଅତ୍ୟନ୍ତ ପ୍ରବଳ ହୋଇ ଅଛି ।

ଅସ୍ମମାନଙ୍କର ଶ୍ରୀଯୁକ୍ତ କଲେକ୍ଟର ସାହେବ ବୁଲନ୍ତ ଦଉଡ଼ ପକ୍ଷ ସମ୍ପୃକ୍ତ ଯାଇ ଅଛନ୍ତି ଚଳିତ ମାସ ତା ୨୦ ଦିନକୁ ଫେରି ଆସିବେ ।

ଏ ଖବର ଜାଣିବା ଉଚିତ ଗତ କାର ସହର ପଞ୍ଚଘଣ୍ଟା ଜମଘାଟ ଅନୁସାରେ ପ୍ରାୟ ତିନି ବର୍ଷର ପର ହେଉ ଯାଇ ଅଛି ।

ମହାମାନ୍ୟ ଉଦ୍ଧର୍ଣ୍ଣର ଜେନେରାଲ ବାହାଦୁର ମାନ୍ଦ୍ରାଜ ପର୍ଯ୍ୟନ୍ତ ପରିଭ୍ରମଣ ସମ୍ପନ୍ନ କରି ଚାଲି କଲିକତା ରାଜଧାନୀରେ ପ୍ରବେଶ ହୋଇ ଅଛନ୍ତି ।

ତୁରକର ସୁଲତାନଙ୍କର ଉଦ୍ବେଗ କ୍ରମାନ୍ୱୟ ଭଣା କି ହୋଇ ବଢ଼ି ବଢ଼ିବାର ଜଣାଯାଏ । ୟୁରୋପୀୟ ଶକ୍ତିମାନେ ଏକ ଦଳ ହୋଇ ସ୍ଥାନ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା କାରଣ ତାହାକୁ ଚାପ କରୁ ଅଛନ୍ତି । ମତ ସେ ବଳରେ କରିବାରେ ତାହାର ପ୍ରଧାନ ମନ୍ତ୍ରୀ ଅତି ବଶିଅଛନ୍ତି ।

କୋଟିଏ ଧର୍ମ ଦଳ ତାହାର କାଡ଼ିବାର ସମୟରେ ତଳାରେ ଚଢ଼ି ଯାଇଥିବାରୁ ସମ୍ଭବ ମିଳଇ । ଏଥିରେ ତାହାର କୌଣସି କ୍ଷତି ହୋଇ ନ ଥିବାର କହୁଅଛନ୍ତି ।

ଜର୍ମାନ ଗବର୍ଣ୍ଣମେଣ୍ଟ ବର୍ଲିନ ନଗରର ସମସ୍ତ ସମାଜର ଏବଂ ପ୍ରଜାତନ୍ତ୍ରବାଦୀଙ୍କ ସଭାମାନ ଭଙ୍ଗ ହେବାର ଆଦେଶ ପ୍ରଚାର କରିଅଛନ୍ତି । ବର୍ତ୍ତମାନ ସେହି ଆଦେଶ ଅନୁସାରେ କାର୍ଯ୍ୟ ହେଉ ଥିବାରୁ ଅନେକ ଲୋକେ ଅସ୍ଥିର ହୋଇ ଦଣ୍ଡ ପାଇଥିବା ଏବଂ ସମ୍ବାଦପତ୍ରର ଅପବାଦ ବୃଦ୍ଧି ହେଉଥିବାର କଥା ଶୁଣା ।

କଲିକତାରୁ ଶୁଣାଯାଏ ଅତ୍ରିଭ ଉଦବହନ୍ତ ହେଲା । ଆଗାମୀ ଜାନୁଆରୀ ମାସରେ ପ୍ରେରିତ ହେବାର ସମ୍ଭାବ ମିଳଇ ।

ଅହମଦାବାଦଠାରେ ଶିଖର ମୁଷ୍ଟିରଦଳ ଆଗାମୀ ଫେବ୍ରୁଆରୀ ରେ ତା ୧୫ ଏ ଫର୍ଦ୍ଦଶାର୍ଥୀ ଉପସ୍ଥିତ ହେବାର ସମ୍ଭାବ ମିଳଇ ।

ସ୍ୱରାଜ ଉତ୍ସବମାନଙ୍କରେ ସର୍ବସୁଦ୍ଧା ୫ ୧୫୫୦୦୦ ଟଙ୍କା ଉଯୁକ୍ତ ସ୍ୱୀକାର କରିଛନ୍ତି ।

## ଦର୍ପଣ ସମ୍ବାଦ ।

ଆଜକୁ ୩ ବର୍ଷ ହେଲା ସଦାଗର ଏକ ଧାନବିକ୍ରୀ ସମୟରେ କଟକ ଜିଲ୍ଲାମାନେ ଏ ଅଞ୍ଚଳକୁ ଆସି ଲୋକ ମାନଙ୍କରେ ଦଣ୍ଡ ପାଠର ଧାନ ଓ ଚଣା ମାନଙ୍କ ଉ ସର୍ଗକୁ ଇତ କରିଥିବ ଧାନସବୁ ଗାଁଠାରୁ ଦବାଇ କୃଷକମାନେ ସେମାନଙ୍କ ଘୌଜାରେ ଏକ ପ୍ରକାର ଅସୁବିଧା ହୋଇ ଯାଇ ଅଛି । ଯାହାର କ୍ଷେତ ନଷ୍ଟ କରୁ ଅଛନ୍ତି ତାହାର ଜଳର ବାଉଳ ଅନ୍ୟ ଉପାୟ ନାହିଁ ।

କଟକ ମାଜିଷ୍ଟ୍ରେଟ ମେଃ କେଲ ମହୋଦୟ ବର୍ତ୍ତମାନ ଏହି କଟକଣା କରିବା ନିମନ୍ତେ ଅଞ୍ଚଳ ଜଗ କାନ୍ଥ-ଖାନ ପ୍ରଜା ମାନଙ୍କର ଏଭଳି ଅଦାୟ ପରେ ବହୁ ସବୁ ବନ୍ଦ କଲେ ।

ଗତ ବହାଦୁର ହେବାକୁ କୋଟମାନ ହେଲେ ସେହି ମୋକଦ୍ଦମା ଆମମାନଙ୍କର ମାନ୍ୟବର ଘାଟପୁର ସବ୍‌ଡିଭିଜନ ମାଜିଷ୍ଟ୍ରେଟଙ୍କ କଚେରୀରେ ଥିଲା । ତହିଁରେ ମହାସଭା

ମନ୍ତ୍ରୀ ଓ ପଣ୍ଡାମାନଙ୍କର ସାକ୍ଷୀ ଅବ ନଥ ହୋଇଅଛି । ଫଳ ଅଦ୍ୟ ପ୍ରକାଶ ପାଇ ନାହିଁ ।

ଏ ଜିଲ୍ଲାର କଣ୍ଡକ୍ଟୀୟ ପ୍ରସ୍ତର କେତେକ କୌଣସିରେ ଓମ୍ଫ ଦେଖାଙ୍କର ଅଦର୍ଶନ ହୋଇଅଛି । କଲ ବେଗୀର ସଂଖ୍ୟା ମଧ୍ୟ କମ ନୁହେ ।

## ଯାଜପୁର ସମ୍ବାଦ ।

ଚେଉଣୀଅଁ ପ୍ରଗନା ଶଙ୍କରସାହ ମୌଜାର ନାରଦିଶ ମିଶ୍ରର ଏକ କଳସରୁ ସହିତ ସୁନା ଓ ଅପର ଦୁଇଜଣ ଗାଣ କାରିଗ ପଡିଲେ ଶଙ୍ଖ ଅ ମାଣ୍ଡି ଶୁଅଇଥିଲେ, ସେହି ସମୟରେ ଏକ ଭଦ୍ରଲ ସିଙ୍ଗ ପହୁଞ୍ଚିବାରୁ ସେମାନେ ପଳାଇ ଗଲେ । ଉକ୍ତ ଅଞ୍ଚଳ ନାରୁପୁଣ ମଣ୍ଡଳ ଜଣାଇବାରେ ପ୍ରକୃତ ଅବସ୍ଥା ପୁଲିସରେ ସମ୍ବାଦ ଦେଲ ଏବଂ ଦେଇ ନଃ ବିଲ ସରଜମିନ ତଦନ୍ତ ପୂର୍ବକ ସନ୍ଦେହ ଯେଉଁକୁ ଚଣ୍ଡନଥ ଅଇନର ଦ ୪୬୯ ଧା ଅନୁସାରେ ଗ୍ରେପ୍ତାର କରିଅଛନ୍ତି । ମାଜିଷ୍ଟ୍ରେଟଙ୍କ ପରୀକ୍ଷାରେ ଶଙ୍କାକୁ କଲଦର ଉଚିତ ବୋଲି ପ୍ରକାଶ ହୋଇଅଛି । ମକଦ୍ଦମା ଶେଷ ହୋଇ ନାହିଁ ।

ହାଇକୋର୍ଟର ଜେଲାଲର ଇସମାଇଲ ନାମକ ଯେଉଁ ଚୋର ସରକାର ଇସମାଇଲର ତଦନ୍ତ ନିମନ୍ତେ ଗତ ସପ୍ତାହ ସଫିକାରେ ଉପସ୍ଥିତ ହୋଇଥିଲେ । ଅମଳ ମୋକ୍ତାରମାନେ ସେ ବିଷୟ ଅଶ୍ୱଅଦ ଓ ଯାଜପୁର ଷବଜଜର ଶ୍ରୀଯୁକ୍ତ ଏବର୍ଷ ବ୍ୟିଟ ଲଷ୍ଟିସର ସାହେବଙ୍କଠାରୁ ଦରଖାସ୍ତ ପଠାଇବାରୁ ସାହେବ ବାହାଦୁର ବୋର୍ଡ ବରଖାସ୍ତ ବନ୍ଦ ଓ ଅବର ତା ୨୩।୧୨।୯୫ ରୁ କୋର୍ଟରୁ ଚଳବ କଚେରୀ ଶୁଣ ଯାଏ । ଉକ୍ତ ସାହେବ ବାହାଦୁର ଏ ବିଷୟ ଲକ୍ଷ୍ୟ ରଖି ତନ୍ଦ୍ର ଉଚିତ ପ୍ରତିବିଧାନ କରିବେ ।

ଗତ ପ୍ରଥମାଷ୍ଟମୀ ଦିନ ବରୁଆଁ ପ୍ରଗନା ପୁରୁଷୋତ୍ତମପୁର ଗ୍ରାମ ନିବାସୀ ଦୁଇଜଣ ସ୍ତ୍ରୀ ହାତରେ ବହୁ ଖାଦ୍ୟ ପଦାର୍ଥ ଓ ଲୁଗାପଟା ଦେଇ ଅନନ୍ତପୁର ଗ୍ରାମରେ ତାଙ୍କର କନ୍ୟା ମାନଙ୍କ ଘରକୁ ପଠାଇଥିଲେ । ସ୍ତ୍ରୀ ଦୁଇ ସନ୍ଧ୍ୟାପରେ ଦିବେଶ୍ୱର ଗ୍ରାମ ନିକଟ ଦେଇ ଯାଉଥିବା ସମୟରେ ସେ ଗ୍ରାମରେ କେତେକ ଦୁର୍ବୃତ୍ତ ସେମାନଙ୍କ ମାରପିଟ କରି ଦ୍ରବ୍ୟାଦି ଛଡ଼ାଇନେଇ ପଳାଇଗଲେ । ଅବଶେଷରେ ସ୍ତ୍ରୀ ଦୁଇ ଅନନ୍ତପୁର ଗ୍ରାମକୁ ଯାଇ ଗୃହସ୍ୱାମୀଙ୍କଠାରେ ଉପସ୍ଥିତ ଘଟନାମାନ କହିବାରୁ ସେ ତହିଁରେ ଚୌକିଦାରଦ୍ୱାରା ତଦନ୍ତ କରାଇ ଯାଜପୁର ଥାନାରେ ଏତଲ ଦେବାରୁ ସବ ଇନ୍ସପେକ୍ଟର ବାବୁ ସରଜମିନରୁ ଯାଇ ମକଦ୍ଦମା ତଦାରଖ କରି ଦିବେଶ୍ୱର ମହାଦେବଙ୍କ ବୃଷଭ ପିଣ୍ଡଠାରୁ ଦ୍ରବ୍ୟାଦି ଚକ୍ଷୁରେ ପ୍ରମାଣ ପାଇ ଦୁଇ ଆସାମୀଙ୍କ ସହିତ ଚାଲାଣମାନ କରି ସେ ଚାଲାଣ ପଠାଇଥିଲେ । ମାଜିଷ୍ଟ୍ରେଟଙ୍କ ଡାକ୍ତରଙ୍କର ସନ୍ଦେହ ଜାତ ହେବାରୁ ସେ ଗିରଧାରୀ ଷଣ୍ଠ ପ୍ରଧାନ ଆସାମୀକୁ ଏ ଚାଲାଣରୁ ଦଲଣ ଦେବାର ଅବେଶ କରିବାରୁ ମକଦ୍ଦମା ଚଳୁଅଛି କରେ ଅଛି ।

ଅଧୁନାଃ ଅନେକ କୃତ୍ରିମ ଟଙ୍କା ଚଳିବାର ହେବା ଥିବାର ଦେଖା ଯାଉଅଛି ସେହିଦିନ ଇତରଜର ଏକ ମୁଦ୍ରାଲମାନ ଏଠା ବ୍ରହ୍ମଣଙ୍କ କେତେକ ଟଙ୍କା ଚାଉଳ ଭଡ଼କା ସମୟରେ ଦେଇଥିବାରୁ ଉନଗୋଷ୍ଠା କୃତ୍ରିମ ଟଙ୍କା ବାହାର କରିବାରୁ ତାହା ତତକ୍ଷଣାତ୍ ନଷ୍ଟ କରି ଯାଇଥିଲା । ଗତ ସପ୍ତାହରେ ଏଠା ଅର୍ଥମବୋଡାନରୁ ଲୋକ ଏ କୃତ୍ରିମ ଟଙ୍କା ଧରାଯାଇ କରତ ହୋଇଅଛି । ମୌଫସଲରେ କେତେକ ସ୍ଥାନରେ ମଧ୍ୟ କୃତ୍ରିମ ଟଙ୍କା ବ୍ୟବହାର ହେଉଥିବାର ଶୁଣାଯାଏ ଏ ବିଷୟରେ ପୁଲିସର ଦୃଷ୍ଟି ରଖା ଉଚିତ । କର୍ତ୍ତବ୍ୟ ନଚେତ ଅନେକ ସମୟରେ ପ୍ରକୃତ ବ୍ୟବହାର କାରି ଅସିଗାଣ ନିରୀହ ଅନେକେ ଦୋଷୀ ହେବାର ସମ୍ଭବ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ନିମ୍ନ ଲିଖିତ ସନ୍ଦେହଯୁକ୍ତ ବିଷୟଟିକୁ ଅପଣଙ୍କ ଜଗତ୍ର ବିଖ୍ୟାତ ପତ୍ରିକାର ଏକ ପ୍ରାନ୍ତରେ ସ୍ଥାନ ପ୍ରଦାନ କରି ଚିର ବାଧିତ କରନ୍ତୁ;—

ଅଧୀନର ହିନ୍ଦୁଶାସ୍ତ୍ରଜ୍ଞ ମଣ୍ଡଳରେ ପ୍ରାର୍ଥନା ଏହି ଯେ ଅସ୍ମଦ୍ଦେଶରେ ଗିରି, ପୁରୀ ଓ ଭାରତୀ ପଦବୀ ବିଶିଷ୍ଟ ସନ୍ନ୍ୟାସୀମାନେ ଓ ମହାପାତ୍ର, ବଡ଼ଜେନା, ପଧାନ, ସ୍ୱାଇଁ, ଇତ୍ୟାଦି ପଦବୀ ବିଶିଷ୍ଟ କଳହଦ୍ରଗୋଷ୍ଠୀ ବ୍ରାହ୍ମଣମାନେ କୌଣସି କ୍ରିୟା ବିଶିଷ୍ଟ ମୂର୍ତ୍ତି ବ୍ରାହ୍ମଣଙ୍କୁ ନମସ୍କାର କଲେ ସେ ତାଙ୍କୁ ପ୍ରତିନମସ୍କାର କରି ପାରନ୍ତି କି ନା ? ଏ ବିଷୟର ଉତ୍ତର ପ୍ରଦାନ କରି ଚିରଋଣୀ କରନ୍ତୁ ।

ତା୨୧।୨।୯୫

। ନି । ବଶମ୍ବଦ
ଶ୍ରୀ ସର୍ବେଶ୍ୱର କର କାନନଗୋ
। ତ । ଗୋପାଳପୁର

---

ମହାଶୟ !

ଅପଣଙ୍କର ୨୩।୧୧।୯୫ ପତ୍ରିକାର ପ୍ରେରିତପତ୍ର ସ୍ତମ୍ଭମାନଙ୍କରେ ପାଠ କଲୁଁ ଯେ ଶ୍ରୀ ବାବୁ ଗୋପାଳବଲ୍ଲଭ ଦାସ M. A. ଉପାଧିଟି କିଛି ନାମ ସମ୍ବଳିତ କରି କବିତାମଞ୍ଜରୀରେ ପ୍ରକାଶ କରିଥିବାରୁ ତାଙ୍କର ଦୋଷ ଧରା ହୋଇଅଛି ଓ ଯଯାତିକେଶରୀରେ ଅଦ୍ଭୁତ ଥିବାରୁ ବାବୁ ଜଗନ୍ନାଥ ଦେ ପ୍ରତି ଦୋଷାରୋପ ହୋଇଅଛି । ଏପରି ଦୋଷ ଧରାଗଲେ ଅନ୍ୟ ବାହାର ଲେଖିବା ଅନୁଚିତ । ସର୍ବଦେଶରେ ବିଦ୍ୟାବନ୍ତ ଲୋକେ ନିଜର ଉପାଧିକ ନାମ ସମ୍ବଳିତ କରନ୍ତି । ତତ୍ପରେ ଅଦ୍ଭୁତ ଦେଖି ଦେବେ କିପରି ଅଦ୍ଭୁତ ନାମକୁ ଚିରସ୍ଥାୟୀ କରି ନାହାନ୍ତି ? ଯଯାତିକେଶରୀରେ ମୋର ସାମାନ୍ୟ ବୁଦ୍ଧିରେ ଏପରି କୌଣସି ବିଷୟ ନାହିଁ ଯାହା କି ପାଠର ଅନୁପଯୋଗୀ ହେବ । ତେବେ ସବୁ ପୁସ୍ତକ ଯେ ସମସ୍ତଙ୍କ ନିକଟରେ ପାଠ୍ୟ ହେବ ଏପରି କି ନିୟମ ଅଛି ? 'ଯଯାତିକେଶରୀ' ଉତ୍କଳଭାଷାରେ ଆଧୁନିକ ବିଷୟରେ ଗୋଟିଏ ଅତି ସୁନ୍ଦର ଓ ଦୁର୍ଲଭ ପ୍ରତିଭା ଅଟେ । ଏଥିପାଇଁ ଲେଖକଙ୍କଠାରେ ଉତ୍କଳବାସୀମାନେ ଋଣୀ ।

ଦୋଷ ବାବୁଙ୍କଦ୍ୱାରା ପତ୍ରପ୍ରେରକ ନିଜର ପରିଚୟ ଦେଇ ଅଛନ୍ତି ।

ମୟୂରଭଞ୍ଜ
୨।୧୨।୯୫

ବଶମ୍ବଦ
ଶ୍ରୀ ଗୋବିନ୍ଦଚନ୍ଦ୍ର ମହାପାତ୍ର ଶର୍ମା

---

ମହାଶୟ !

ଶ୍ରୀଯୁକ୍ତ ବାବୁ ବିହାରୀଲାଲ ପଣ୍ଡିତ ମହାଶୟ ଶ୍ରୀମଦ୍ ଭଗବଦ୍ଗୀତାର ବ୍ୟାଖ୍ୟା ଓ ଅନୁବାଦ ସହ ଯେଉଁ ପୁସ୍ତକ ପ୍ରକାଶ କରି ବିତରଣ କରୁଅଛନ୍ତି ତହିଁରୁ ଖଣ୍ଡିଏ ଏହି ଆର୍ଯ୍ୟନୀତିପ୍ରଦୀପ ସମାଜ ପୁସ୍ତକାଳୟକୁ ପ୍ରେରଣ କରିଥିବାରୁ ଏ ସମାଜ କୃତଜ୍ଞତା ପ୍ରକାଶ ପୂର୍ବକ ବାବୁଙ୍କୁ ଓ ତାଙ୍କର ସାହାଯ୍ୟକାରୀମାନଙ୍କୁ ଅଶେଷ ଧନ୍ୟବାଦ ପ୍ରଦାନ କରୁଅଛନ୍ତି । ବାବୁ ମହୋଦୟଙ୍କର ଏଥିରେ ଯେଉଁ ଅର୍ଥ ଓ ପରିଶ୍ରମ ବ୍ୟୟ ହୋଇଅଛି ତାହାସବୁ ଉତ୍କଳ ପ୍ରଦେଶର ମଙ୍ଗଳ ସାଧନ କରି ଅକ୍ଷୟ କୀର୍ତ୍ତି ଓ ପୁଣ୍ୟ ସଞ୍ଚୟ କରିଅଛି ।

ଭଗବଦ୍ଗୀତା ଅତି କଠିନ ଗ୍ରନ୍ଥ ଏବଂ ଅନେକ ପଣ୍ଡିତ ଏହା ବୁଝିପାରିଲେ ହେଁ ତାହାର ମର୍ମ ଗ୍ରହଣ କରି ଅନ୍ୟ ସମକ୍ଷରେ କହିବାକୁ ସମର୍ଥ ହୁଅନ୍ତି ନାହିଁ । ବାବୁ ମହାଶୟ ଉକ୍ତ ଅଭାବ ମୋଚନ ପକ୍ଷେ ଯଥାସାଧ୍ୟ ଯତ୍ନ କରି ଯେଉଁ ବିଶଦବ୍ୟାଖ୍ୟା ପ୍ରସ୍ତୁତ କରିଅଛନ୍ତି ତଦ୍ଦ୍ୱାରା ଉକ୍ତ ଅଭାବ ସମ୍ପୂର୍ଣ୍ଣ ନିରାକୃତ ହୋଇଅଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବିଶଦବ୍ୟାଖ୍ୟାରେ ଶ୍ରୁତି ଓ ପୁରାଣାଦିରୁ ଯେଉଁ ସବୁ ପ୍ରମାଣାଦି ଦିଆଯାଇଅଛି ଏବଂ ତହିଁରେ ଅନ୍ୟାନ୍ୟ ଯେତେ ଜ୍ଞାତବ୍ୟ ବିଷୟ ଅଛି ତାହା ସବୁ ମନୋଯୋଗ ପୂର୍ବକ ପାଠ କରି ମନେ ରଖିଲେ ବିଶେଷ ପାଣ୍ଡିତ୍ୟ ଜାତ ହୋଇ ପାରେ । ଏଣୁ ପ୍ରକାଶକ ମହୋଦୟ ସର୍ବଥା ପ୍ରଶଂସାର ଯୋଗ୍ୟ ଅଟନ୍ତି । ଏ ସମାଜ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛନ୍ତି ଯେ ସେ, ବାବୁଙ୍କୁ ଐଶ୍ୱର୍ଯ୍ୟ ଓ ପୁତ୍ର ପୌତ୍ରାଦି ସହ ଦୀର୍ଘଜୀବ କରନ୍ତୁ । ଉତ୍କଳର ଅନ୍ୟାନ୍ୟ ରାଜା, ଜମିଦାର ଓ ଧନାଢ୍ୟବ୍ୟକ୍ତିମାନେ ବିହାରୀବାବୁଙ୍କ ଅନୁକରଣ କରି ଅନ୍ୟାନ୍ୟ ଅପ୍ରକାଶିତ ଗ୍ରନ୍ଥମାନ ପ୍ରକାଶ କଲେ ବରଂ ଉତ୍କଳ ସନ୍ତାନମାନେ ଶୀଘ୍ର ଲାଭ କରି ଉନ୍ନତି ସୋପାନରେ ଆରୂଢ ହୋଇ ପାରିବେ ।

୨୮।୧୨।୯୫
ବୀରକିଶୋରପୁର

ବଶମ୍ବଦ
ଶ୍ରୀ ରଘୁନାଥ ମିଶ୍ର
ସହକାରୀସମ୍ପାଦକ
ଆର୍ଯ୍ୟନୀତିପ୍ରଦୀପ ସମାଜ

Split by PDF Splitter
Digitized by srujanika@gmail.com

ମହାଶୟ !

ଅମ୍ଭମାନଙ୍କର ଏଃ ପ୍ରଧାନ ମେନେଜର ଶ୍ରୀଯୁକ୍ତ ବାବୁ ଜଗନ୍ମୋହନ ଘୋଷ ମହାଶୟ ମଫସଲ ଗସ୍ତରେ ବହିର୍ଗତ ହୋଇ ଗତମାସ ହିଗତ ତା ୧୭ ଖରେ ବାଇସହା ସଃ ଡଃ ଅଫିସ ପରିଦର୍ଶନ ନିମନ୍ତେ ଏ ମୁକାମରେ ଉପସ୍ଥିତ ହୋଇଥିଲେ ଏ ମହାଶୟ ଅଳ୍ପ ଦିବସ ହେବ ଉକ୍ତ ଲାଇନର ମେନେଜର ପଦରେ ନିଯୁକ୍ତ ହୋଇଅଛନ୍ତି, ଏ ଲାଇନର ପ୍ରଜାମାନେ ଯାହା ଜଣେ ବଙ୍ଗୀୟ ଲୋକ ( ସ୍ପଏଣ୍ଟ ସାହେବ ) ଙ୍କୁ ମେନେଜର ହେବାକୁ ଦେଖି ବିମର୍ଷ ଥିଲେ ସମ୍ପ୍ରତି ଗଭର୍ଣ୍ଣମେଣ୍ଟଙ୍କ ସୁବିଚାର ମତେ ପୁନଶ୍ଚ ଜଗନ୍ମୋହନ ଘୋଷଙ୍କୁ ମେନେଜର ପଦରେ ଦେଖି ଆନନ୍ଦ ହୋଇ ଅଛନ୍ତି । ଉଲ୍ଲିଖିତ ବାବୁ ମହୋଦୟ ବର୍ତ୍ତମାନ ଜନ୍ମର ନାନାବିଧ ସେବାକାର୍ଯ୍ୟ ଆଉ ସ୍ୱୀୟ କର୍ତ୍ତବ୍ୟ-କର୍ମରେ ଲେଶମାତ୍ର ତ୍ରୁଟି କରୁ ନ ଥିବାରୁ ଅତୀବ ପ୍ରଶଂସାର ବିଷୟ ଅଟଇ ।

ଅତ୍ର ସବଡିଭିଜନରେ ନୂତନ ପ୍ରସ୍ତୁତ ହୋଇଥିବା ପକ୍କା କଚେରୀ ଗତ ତା ୨୯ ଖ ଗୁରୁପଞ୍ଚମୀ ଦିବସରେ ପ୍ରତିଷ୍ଠା ହୋଇ ପ୍ରଥମ କଚେରୀ ଆରମ୍ଭ ହେଲା; ପ୍ରଥମତଃ ଶାସ୍ତ୍ରମତେ ହୋମ, ବ୍ରାହ୍ମଣଭୋଜନ ଇତ୍ୟାଦ ସମାପ୍ତ ପରେ ତହିଁରେ ମେସଲ ଇତ୍ୟାଦ ସଜ୍ଜିତ ହେଲାରୁ ତତ୍ପରେ ଅପରାହ୍ନବେଳାରେ ଲାଇନର ମେନେଜର ଶ୍ରୀ ବାବୁ ଜଗନ୍ମୋହନ ଘୋଷ ସ୍ୱାମୀୟ ଅ ମେନେଜର ବାବୁ ପଦ୍ମନାଭ ଶତପଥୀ ଅମଲା ଓ ଅନ୍ୟାନ୍ୟ ଅମାତ୍ୟବର୍ଗ ସମଭିବ୍ୟାହାରରେ ପ୍ରଥମ ପ୍ରବେଶ କରି ଯଥାସ୍ଥାନରେ ଉପବେଶନ କଲେ । ବହୁ ପ୍ରଜାଙ୍କର ସମବେତ ଓ ବାଦ୍ୟ-ଧ୍ୱନିହୀନ ସ୍ଥାନଟି ଅତୀବ ମନୋରମ ହୋଇଥିଲା ଅତଃପର ସେହିଠାରେ ଉପସ୍ଥିତ ପ୍ରଜାଙ୍କର ଅର୍ଜି ଗ୍ରହଣ ହୋଇ କସ୍ୟୁଷ୍ଟମଣ ପର୍ଯ୍ୟନ୍ତ କଚେରୀ ହେଲା ଉତ୍ତାରୁ ଶ୍ରୀ ବାବୁ ପଦ୍ମନାଭ ଶତପଥୀ ଅଃ ମେନେଜର ମହୋଦୟ ସଭାସ୍ଥଳରେ ଦଣ୍ଡାୟମାନ ହୋଇ ପ୍ରଥମତଃ ଅମ୍ଭମାନଙ୍କର ନାବାଳକ ମହାରାଜାଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ପରମ ପିତା ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା ପୂର୍ବକ କହିଲେ ଅମ୍ଭମାନଙ୍କର ମହାରାଜା ଦୀର୍ଘଜୀବୀ ଓ ଗୁଣବାନ୍ ହୋଇ ତାହାଙ୍କର ଏହି ସ୍ୱକୀୟ ସ୍ଥାନସମୂହରେ ଶାସନ କରି ଦିଗଦିଗନ୍ତରେ ଯଶୋରାଶି ବିସ୍ତାର୍ଣ୍ଣ କରନ୍ତୁ ଏବଂ ତାହାଙ୍କର ଏହି ୨ୟ ସ୍ୱଜାତ ସ୍ଥାନସମୂହରେ ଘରଗୃହଟି

ହୋଇ ପ୍ରଜାସାଧାରଣ ସୁଖରେ କାଳକ୍ଷେପଣ କରନ୍ତୁ ଏହା ଶୁଣି ପ୍ରଜାବୃନ୍ଦ ଅତୀବ ଆହ୍ଲାଦ ସହକାରେ ତିନିଥର "ହରିବୋଲ" ଧ୍ୱନିଦ୍ୱାରା ସମର୍ଥନ କଲେ ପୁନଶ୍ଚ କହିଲେ ଅମ୍ଭମାନଙ୍କର ନୂତନ ମେନେଜର ବାବୁ ଜଗନ୍ମୋହନ ଘୋଷ ଉଦ୍ଦିଶ୍ୟରେ ପ୍ରଜାମାନଙ୍କୁ ପାଳନ କରି ସାଧାରଣରେ ପ୍ରଶଂସାର୍ହ ହେଉନ୍ତୁ ଏବଂ ଋଣେ ଦୀର୍ଘଜୀବୀ ହୋଇ ଉତ୍ତରୋତ୍ତର ଉନ୍ନତି ସାଧନ କରନ୍ତୁ ଏହା ମଧ୍ୟ ସେହିପରି ସମର୍ଥିତ ହେବାରେ ତ୍ରୁଟି ହୋଇ ନ ଥିଲା । ଏଥିଉତ୍ତାରୁ ସମସ୍ତେ ସ୍ୱ ସ୍ୱ ସ୍ଥାନକୁ ପ୍ରସ୍ଥାନ କଲେ ପ୍ରକୃତରେ ଧର୍ମ ମତେ ହିନ୍ଦୁ ସ୍ଥଳମାନ ପ୍ରତିଷ୍ଠା ନ କରି ପ୍ରବେଶ କରିବା ନ୍ୟାୟସଙ୍ଗତ ନୁହେ । ଅଧୁନାତନ ଅବସ୍ଥାରେ ସର୍ବାଙ୍ଗ କାର୍ଯ୍ୟାଳୟମାନ ପ୍ରାୟ ପ୍ରତିଷ୍ଠା ହୋଇ ନ ଥାଏ । ମୁଁ ଅଧୁନାତନ ଭଦ୍ରସମାଜରେ ହିନ୍ଦୁ ଧର୍ମର ଦେଢେ ଆଦର ନାହିଁ ଏବଂ ହିନ୍ଦୁ ସମୟଗୁଡ଼ିକ ନିତାନ୍ତ ଅରୁଚିକର ହୋଇ ପଡ଼ିଅଛି "ରାଜାନୁଗତୋ ଧର୍ମ" ଏହାର ଏକମାତ୍ର ହେତୁ ଅଟେ । ଇତି ବଶମ୍ବଦ

ଡେଙ୍କାନାଳ<br>ବାଇଗଡ଼ା ସବଡିଃ<br>୨୭।୧୧।୯୫ } ଶ୍ରୀ ସଦାନନ୍ଦ ଭଞ୍ଜ ହେଡ଼ ପଣ୍ଡିତ ମଡ଼ାଭିଚ ପ୍ରାଇମେରୀ ସ୍କୁଲ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଜାଗନ୍ନାଥ ଚୌଧୁରୀ | କନ୍ଦପୁର | ୫ ୩ |
| ଗୋଲକଚନ୍ଦ୍ର ଘୋଷ | | ୫ ୩ |
| ମଧୁସୂଦନ ମହାନ୍ତି | | ୫ ୧ |
| ବୈଦ୍ୟନାଥ ପଣ୍ଡିତ | | ୫ ୩ |
| ଗୋପୀନାଥ ପାଣ୍ଡି | ଦୁଲଣ୍ଡିପୁର | ୫ ୧ |
| ଚୈତନ୍ୟ ଦାସ | ପେଃନୟାଗଡ଼ | ୫ ୧ |
| ଚଦ୍ୟାଧର ମହାପାତ୍ର | | ୫ ୧ |
| ବାଲଗୀ ଦକ୍ଷୋଳ | | ୫ ୩ |
| ଗୋପାଳଚରଣ ଦାସ | କଣିହାଃ | ୫ ୩ |
| ମାନଗୋବିନ୍ଦ ମହାନ୍ତି | | ୫ ୧ |

# ବିଜ୍ଞାପନ ।

ଓଡ଼ିଶା କମିଶ୍ନର ମାନନୀୟ ଶ୍ରୀଯୁକ୍ତ ରମେଶଚନ୍ଦ୍ର ଦତ୍ତଙ୍କ ପ୍ରଣୀତ ଉତ୍ତମ ଉଲ୍ଲିଖିତ ସର୍ବଜନ ପ୍ରଶଂସିତ ପୁସ୍ତକମାନ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ଓ ତାଙ୍କର ଅନ୍ୟ ବେଙ୍ଗଳୀ ପୁସ୍ତକ ଶୀଘ୍ର ଆସି ପହୁଞ୍ଚିବ ।

| | | |
|---|---|---|
| ଶତବର୍ଷ ବଙ୍ଗଳା ଉପନ୍ୟାସ | | ଟ ୩ ୧ |
| ସଂସାର | ,, | ଟ ୧। |
| ସମାଜ | ,, | ଟ ୧। |

## NOTICE.

Wanted four boys by the Cuttack District Board to train them in the Jobra Workshop as Artizons for 5 years. Preference will be given to those who would fulfil the conditions given below:—

(1) The period of instruction t the Workshop should be for. 5 years.

(2) Four boys should be selected for receiving the instructions preference being given to those of the Artizon Class.

(3) The value of Scholarship for each boy should be as below:—

| | | |
|---|---|---|
| 1st & 2nd year | Rs. 4 | a month |
| 3rd year | Rs. 5 | ,, |
| 4th year | Rs. 6 | ,, |
| 5th year | Rs. 7 | ,, |

The condition of granting Sholarships is that the grantees should enter into an agreement in favor of the Board that if they neglect to attend regularly or fail to satisfy the Superinrendent of the Workshop, their Sholarships will be liable to be stopped by the Board.

Cuttak District Board office,<br>The 6th December 1895 } J. C. CHUNDER, *Vice Charrman.*

## ବିଜ୍ଞାପନ ।

ଥାଇଲଣ୍ଡିନିଶ୍ଚିର ମାଜ୍ୟବର ୨ୟ ସ୍ୱଜାତ୍ୱମାନ ଶ୍ରୀ ଦାମୋଦର ପଟ୍ଟନାୟକଙ୍କ ପ୍ରକାଶିତ ସଙ୍ଗୀତ ସଙ୍ଗ୍ରହ ୫ ୬୦ ଖ୍ରୀ ଛିଡ଼ରଣ ମେନ୍ସେ ଅମୁ ଉକଟରୁ ପଠାଇ ଦେବାରୁ ତାହାଙ୍କୁ ଧନ୍ୟବାଦ ପ୍ରଦାନ ପୂର୍ବକ ସଙ୍ଗୀତ ବ୍ୟବସାୟୀମାନଙ୍କୁ ଜଣାଇ ଦେଉଅଛୁ କି ସେମାନଙ୍କ ମଧ୍ୟରୁ ଯେ କେହି କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ବିକ୍ରୟ ଦୋକାନରେ ପ୍ରାର୍ଥନା କରିବେ ଉପରଲିଖିତ ସଂଖ୍ୟା ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଉକ୍ତ ପୁସ୍ତକରୁ ଏକଖଣ୍ଡ ପାଇ ପାରିବେ ।

୯।୧୨।୯୫ ଶ୍ରୀ ଗୌରୀଶଙ୍କର ରାୟ

Split by PDF Splitter
Digitized by srujanika@gmail.com

Split by PDF Splitter



ବିଜ୍ଞାପନ।

ଓଡ଼ିଶାର କମିଶନର ମାନନୀୟ ଶ୍ରୀଯୁକ୍ତ ଉଇମେଷ୍ଟ ସାହେବଙ୍କ ପ୍ରତିମୂର୍ତ୍ତି ସହିତ ସଂକ୍ଷିପ୍ତ ଜୀବନୀ ବଙ୍ଗଭାଷାରେ ମୁଦ୍ରିତ ହୋଇ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି।

ମୂଲ୍ୟ ଟ ୦ ।/

KEY TO LETHBRIDGE'S EASY SELECTIONS

(Minor course for 1896)

*IS OUT*

*Price Re. 1.*

To be had of the Secretary Printing Company Cuttack.

## WANTED

A Head Clerk and Treasurer on salary Rs. 60 per mensem Security Rs. 500. Applications will be received by the undersigned up to the 15th proximo.

Kanika Manager's office, Ganja, The 29th November 1895 } S. Hossain *Manager.*

## NOTICE

It is hereby notified that the Inspection Bunglow of Patamundai under the Cuttack District Board will remain closed for the month of December 1895 for repairs which will render it uninhabitable. Inspecting officers and travellers are informed accordingly.

Cuttack, The 27th November 1895 } J. C. Chunder *Vice-Chairman*

ବିଜ୍ଞାପନ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଟକ ଡିଷ୍ଟ୍ରିକ୍ଟ ବୋର୍ଡ଼ର ଅଧୀନସ୍ଥ ଯାଜପୁର ସବଡିଭିଜନ ଇଲାକା 'ରୁଢ଼ା' ଜମିଦାରି ଅସାମୀ ଡିସେମ୍ବରମାସ ତା ୧୬ ରଖ ।ମୃ। ଓଡ଼ିଆ ପୌଷମାସ ୨ ଦିନ ସୋମବାର ବେଳ ଘ ୧୨ ଟା ସମୟେ ଅତ୍ର ଡିଷ୍ଟ୍ରିକ୍ଟବୋର୍ଡ଼ ଅଫିସରେ ସାଧାରଣ ନିଲାମ କରାଯିବ, ଯେଉଁମାନେ ଉକ୍ତ ଘାଟ ଇଜାରା ନେବାକୁ ଇଚ୍ଛା କରୁଥିବେ ସେମାନେ ଉକ୍ତ ତାରିଖରେ ହାଜର ହୋଇ ନିଲାମ ଡାକ ପାରିବେ। ଯାହାର ଡାକ ସମସ୍ତଙ୍କଠାରୁ ଉଚ୍ଚ ହେବ ତାହାର ଡାକ ଅନ୍ୟ କୌଣସି ଆପତ୍ତି ନ ଥିଲେ ଗ୍ରହଣ କରାଯାଇ ପାରେ। ଘାଟ ଇଜାରା ସମ୍ବନ୍ଧୀୟ ଅନ୍ୟ କୌଣସ ବିଷୟ ଡିଷ୍ଟ୍ରିକ୍ଟବୋର୍ଡ଼

ଅଫିସରେ ତଦ୍ଭ କଲେ ପାଇ ପାରିବ। ନିଲାମ ପରେ ଜଲଦି ଜଗସମୟର ଅର୍ଦ୍ଧାଂଶ ଅର୍ଥାତ ½ ଅଂଶ ଉପାଞ୍ଜିବ, ଓ ½ ର୍ଥାଂଶ ଷଜଣା ଦାଖଲ କରିବାକୁ ହେବ।

